୬ ଅଷ୍ଟ୍ରେଲିଆକୁ ହରାଇ ହୋବର୍ଟ ପର୍ଯ୍ୟାୟ ଶେଷ କଲା ଭାରତ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008

# ସମ୍ବାଦ କଳିକା
The Sambad Kalika

E-mail : sambadkalikanews@gmail.com

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ-୩୩ ● ସଂଖ୍ୟା-୨୯ ● ୨୬ ଫେବୃଆରୀ ୨୦୨୬, ଗୁରୁବାର ● ଭୁବନେଶ୍ୱର ● Vol -33 ● Issue-29 ● 26th February 2026, Thursday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ଇସ୍ରାଏଲରେ ପ୍ରଧାନମନ୍ତ୍ରୀ ମୋଦୀ

# ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ପ୍ରତିରକ୍ଷା କ୍ଷେତ୍ରରେ ସହଯୋଗ ମଜଭୁତ ହେବ

**ତେଲ ଆଭିଭ, ୨୫।୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ଦିନ ଦୁଇ ଦିନିଆ ଇସ୍ରାଏଲ ଗସ୍ତରେ ଆସି ତେଲ ଆଭିଭରେ ପହଞ୍ଚିଛନ୍ତି। ଇସ୍ରାଏଲୀ ପ୍ରତିନିଧି ବେଞ୍ଜାମିନ ନେତାନ୍ୟାହୁଙ୍କ ନିମନ୍ତ୍ରଣରେ ପ୍ରଧାନମନ୍ତ୍ରୀ ମୋଦୀ ଇସ୍ରାଏଲ ଯାଇଛନ୍ତି।

ଇସ୍ରାଏଲ ପ୍ରଧାନମନ୍ତ୍ରୀ ତାଙ୍କ ପତ୍ନୀ ସାରା ନେତାନ୍ୟାହୁଙ୍କ ସହିତ ବେନ୍ ଗୁରିଅନ୍ ବିମାନବନ୍ଦରରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ବ୍ୟକ୍ତିଗତ ଭାବରେ ସ୍ୱାଗତ କରିଥିଲେ। ଯାହା ଦୁଇ ନେତାଙ୍କ ମଧ୍ୟରେ ଘନିଷ୍ଠ ବ୍ୟକ୍ତିଗତ ସମ୍ପର୍କକୁ ସ୍ପଷ୍ଟ କରିଥିଲା। ମୋଦୀ ପହଞ୍ଚିବା ପରେ ଦୁଇ ପ୍ରଧାନମନ୍ତ୍ରୀ ପରସ୍ପରକୁ ଆଲିଙ୍ଗନ କରିଥିଲେ। ମୋଦୀ ଶେଷଥର ପାଇଁ ୨୦୧୭ ମସିହାରେ ଇସ୍ରାଏଲ ଗସ୍ତ କରିଥିଲେ। ଏହା ତାଙ୍କର ଦ୍ୱିତୀୟ ଇସ୍ରାଏଲ ଗସ୍ତ। ଜଣେ ଭାରତୀୟ ପ୍ରଧାନମନ୍ତ୍ରୀ ଭାବେ ସେ ପ୍ରଥମେ ଇସ୍ରାଏଲ ଗସ୍ତ କରିଛନ୍ତି।



ଏହି ସମୟରେ, ଇସ୍ରାଏଲ ରାଷ୍ଟ୍ରପତି ଆଇଜାକ୍ ହର୍ଜୋଗ୍ ଏବଂ ଇସ୍ରାଏଲ ବିରୋଧୀ ନେତା ୟାଇର୍ ଲାପିଡ୍ ମଧ୍ୟ ମୋଦୀଙ୍କୁ ସ୍ୱାଗତ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟର ସୂଚନା ଅନୁଯାୟୀ ପ୍ରଧାନମନ୍ତ୍ରୀ ମୋଦୀ ନେତାନ୍ୟାହୁଙ୍କ ସହ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା, ନବସୃଜନ, କୃଷି, ଜଳ ପରିଚାଳନା, ପ୍ରଯୁକ୍ତିବିଦ୍ୟା, ପ୍ରତିରକ୍ଷା ଏବଂ ସୁରକ୍ଷା, ବାଣିଜ୍ୟ ଏବଂ ନିବେଶ ସହିତ ଲୋକ ସମ୍ପର୍କ ସମେତ ବିଭିନ୍ନ କ୍ଷେତ୍ରରେ ସହଯୋଗକୁ ଆହୁରି ମଜଭୁତ କରିବା ପାଇଁ ଆଲୋଚନା କରିବାକୁ ଲକ୍ଷ ରଖିଛନ୍ତି। ଉଭୟ ନେତା ପାରସ୍ପରିକ ସ୍ୱାର୍ଥର ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ମଧ୍ୟ ମତ ବିନିମୟ କରିବେ।

ପ୍ରଧାନମନ୍ତ୍ରୀ ମୋଦୀ ଇସ୍ରାଏଲୀ ରାଷ୍ଟ୍ରପତି ଆଇଜାକ୍ ହର୍ଜୋଗଙ୍କୁ ମଧ୍ୟ ଭେଟିବାର କାର୍ଯ୍ୟକ୍ରମ ରହିଛି, ଯାହା ଦୁଇ ଗଣତନ୍ତ୍ର ମଧ୍ୟରେ ଉଚ୍ଚସ୍ତରୀୟ ରାଜନୈତିକ ସମ୍ପର୍କକୁ ଗୁରୁତ୍ୱ ଦେବ।

ଏହି ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ଇସ୍ରାଏଲୀ ସଂସଦ ନେସେଟ୍‌କୁ ସମ୍ବୋଧିତ କରିବାରେ ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ ହେବେ। ସେହିପରି ନେତାନ୍ୟାହୁ ମଧ୍ୟ ଏହି ଗସ୍ତକୁ "ଐତିହାସିକ" ବୋଲି ବର୍ଣ୍ଣନା କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସେ "ପ୍ରିୟ ବନ୍ଧୁ" ବୋଲି ଅଭିହିତ କରିଛନ୍ତି। ଦୁଇ ଦେଶ ମଧ୍ୟରେ ବଢୁଥିବା ରଣନୈତିକ ସମନ୍ୱୟକୁ ଆଲୋକପାତ କରିଛନ୍ତି। କ୍ୟାବିନେଟ ବୈଠକରେ ଭାଷଣ ଦେଇ ନେତାନ୍ୟାହୁ କହିଛନ୍ତି ଯେ ଭାରତ-ଇସ୍ରାଏଲ ସହଭାଗୀତା ନବସୃଜନ, ସୁରକ୍ଷା ଏବଂ ସ୍ଥିରତା ପ୍ରତି ପ୍ରତିବଦ୍ଧ "ଦୁଇ ବିଶ୍ୱ ନେତାଙ୍କ ମଧ୍ୟରେ ଏକ ଶକ୍ତିଶାଳୀ ମେଣ୍ଟ" ପ୍ରତିନିଧିତ୍ୱ କରେ।

# ଏନ୍‌ସିଇଆରଟିର ୮ମ ଶ୍ରେଣୀ ପୁସ୍ତକକୁ ନେଇ ସୁପ୍ରିମକୋର୍ଟ ଖପ୍ପା

**ନୂଆଦିଲ୍ଲୀ, ୨୫।୨**

ଜାତୀୟ ଶିକ୍ଷା ଗବେଷଣା ଏବଂ ତାଲିମ ପରିଷଦ (ଏନ୍‌ସିଇଆରଟି) ୮ମ ଶ୍ରେଣୀ ସାମାଜିକ ବିଜ୍ଞାନ ପାଠ୍ୟପୁସ୍ତକରେ "ନ୍ୟାୟପାଳିକାରେ ଦୁର୍ନୀତି" ଶୀର୍ଷକ ଏକ ଅଂଶ ଅନ୍ତର୍ଭୁକ୍ତ କରିଛି। ସୁପ୍ରିମକୋର୍ଟ ଏବେ ଏହି ମାମଲାର ସ୍ୱତଃ ତଦନ୍ତ କରିଛନ୍ତି। ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ ଏନସିଇଆରଟିର ୮ମ ଶ୍ରେଣୀ ପାଠ୍ୟପୁସ୍ତକରେ "ନ୍ୟାୟପାଳିକାରେ ଦୁର୍ନୀତି" ଶୀର୍ଷକ ଏକ ଅଂଶ ଅନ୍ତର୍ଭୁକ୍ତ କରିବା ଉପରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି।

ସେ କହିଛନ୍ତି ଯେ ନ୍ୟାୟପାଳିକାକୁ ବଦନାମ କରିବାର ଯେକୌଣସି ପ୍ରୟାସକୁ ବରଦାସ୍ତ କରାଯିବ ନାହିଁ। ବରିଷ୍ଠ ଆଇନଜୀବୀ କପିଲ ସିବଲ ଏବଂ ଅଭିଷେକ ମନୁ ସିଂଘଭି କୋର୍ଟରେ ଏହି ପ୍ରସଙ୍ଗ ଉଠାଇ କହିଥିଲେ ଯେ ୮ମ ଶ୍ରେଣୀ ଛାତ୍ରମାନଙ୍କୁ ଏହା ପଢ଼ାଯାଉଥିବାରୁ ସେମାନେ ଆଶ୍ଚର୍ଯ୍ୟ ହୋଇଛନ୍ତି। ଜବାବରେ ସିଜେଆଇ କହିଛନ୍ତି ଯେ ଏହା ଏକ ଯୋଜନାବଦ୍ଧ ପଦକ୍ଷେପ ପରି




ମନେ ହେଉଛି। ସେ ସ୍ୱତଃ ତଦନ୍ତ କରି କହିଛନ୍ତି ଯେ ସେ ଏହି ପ୍ରସଙ୍ଗ ବିଷୟରେ ଅବଗତ ଅଛନ୍ତି ଏବଂ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।

ସିଜେଆଇ ସୂର୍ଯ୍ୟକାନ୍ତ କହିଛନ୍ତି, "ମୁଁ ଏ ବିଷୟରେ ସମ୍ପୂର୍ଣ୍ଣ ଅବଗତ। ଆମେ ଗୋଟିଏ ଦିନ ଅପେକ୍ଷା କରିବୁ। ଏହା ସମ୍ପୂର୍ଣ୍ଣ ପ୍ରତିଷ୍ଠାନ ପାଇଁ ଚିନ୍ତାର ବିଷୟ। ମୁଁ ବହୁତ କଲ୍ ଏବଂ ମେସେଜ୍ ପାଉଛି। ମୁଁ ଏହି ମାମଲାର ସ୍ୱତଃ ତଦନ୍ତ କରୁଛି। ମୁଁ କାହାକୁ, ଯେତେ ଉଚ୍ଚପଦସ୍ଥ ବ୍ୟକ୍ତି ହେଉ ନା କାହିଁକି, ଅନୁଷ୍ଠାନକୁ ବଦନାମ କରିବାକୁ ଅନୁମତି ଦେବି ନାହିଁ।" ବରିଷ୍ଠ ଆଇନଜୀବୀ କପିଲ ସିବଲ ଏବଂ ଅଭିଷେକ ଏମ୍. ସିଂଘଭି ମୁଖ୍ୟ ବିଚାରପତିଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ସମ୍ମୁଖରେ ଏହି ପ୍ରସଙ୍ଗ ଉଠାଇ କହିଥିଲେ ଯେ ନ୍ୟାୟପାଳିକାରେ ଛାତ୍ରମାନଙ୍କୁ ଦୁର୍ନୀତି ବିଷୟ ଏପରି ପଢ଼ାଯାଉଛି ଯେପରି ଏହା ଅନ୍ୟ କୌଣସି ପ୍ରତିଷ୍ଠାନରେ ନାହିଁ।

# ପିଏମଏଫଏମଇ ଯୋଜନାର ଅବଧି ମାର୍ଚ୍ଚ ପର୍ଯ୍ୟନ୍ତ ବୃଦ୍ଧି

**ଭୁବନେଶ୍ୱର, ୨୫।୨**
**ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ "ପ୍ରଧାନମନ୍ତ୍ରୀ କ୍ଷୁଦ୍ର ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ଆନୁଷ୍ଠାନିକୀକରଣ (ପିଏମଏଫଏମଇ)ଯୋଜନା" ର କାର୍ଯ୍ୟକାରିତା ସମ୍ପର୍କିତ ରାଜ୍ୟସ୍ତରୀୟ ଅନୁମୋଦନ କମିଟିବୈଠକ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରକୁ ଅଧିକ ବ୍ୟାପକ କରିବା ପାଇଁ କେନ୍ଦ୍ର ସରକାରଙ୍କ ପିଏମଏଫଏମଇ ଯୋଜନାର କାର୍ଯ୍ୟକାରିତା ଅବଧିକୁ ୨୦୨୫-୨୬ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହି ଯୋଜନା ମୂଳତଃ ୨୦୨୦-୨୧ରୁ ୨୦୨୪-୨୫ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଥିବା ବେଳେ ଏବେ ଏହାକୁ ଏକ ବର୍ଷ ପାଇଁ ସମ୍ପ୍ରସାରଣ କରାଯାଇଛି, ଯାହାଦ୍ୱାରା




ରାଜ୍ୟର ଅଧିକ ସଂଖ୍ୟକ କ୍ଷୁଦ୍ର ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗୀ ଉପକୃତ ହୋଇପାରିବେ।

ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ ହେଉଛି ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗଗୁଡ଼ିକୁ ଆନୁଷ୍ଠାନିକୀକରଣ କରି ସେମାନଙ୍କୁ ସଂଗଠିତ କ୍ଷେତ୍ରରେ ସାମିଲ କରିବା। ଏଥିପାଇଁ ଉଦ୍ୟୋଗୀମାନଙ୍କୁ କ୍ରେଡିଟ୍ ଲିଙ୍କ୍‌ଡ ସବସିଡି ପ୍ରଦାନ କରାଯିବା ସହ ଏଫଏସଏସଏଆଇ ଲାଇସେନ୍ସ, ଉଦ୍ୟମ ପଞ୍ଜୀକରଣ ଏବଂ ଜି.ଏସ.ଟି ପଞ୍ଜିକରଣ କ୍ଷେତ୍ରରେ ବୈଷୟିକ ସହାୟତା ଓ ଆନୁଷଙ୍ଗିକ ସବିଧା ଯୋଗାଇ ଦିଆଯାଉଛି। ଏହି ଯୋଜନାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହାୟତା ଅଂଶଧନ *(ପୃଷ୍ଠା ୭ରେ)*

## ହୋର୍ଡିଂ ଭୁଶୁଡ଼ି ମୃତ୍ୟୁ : ୪ ଲକ୍ଷ ଲେଖାଏଁ ଅନୁକମ୍ପା ରାଶି

**ଭୁବନେଶ୍ୱର, ୨୫।୨**
**ନ୍ୟୁଜ୍ ବ୍ୟୁରୋ**

ଆଇଗିଣିଆଠାରେ ଘଟିଥିବା ହୋର୍ଡିଂ ଭୁଶୁଡ଼ି ମୃତ୍ୟୁ ଘଟଣାରେ ପ୍ରତି ମୃତକଙ୍କ ପାଇଁ ୪ ଲକ୍ଷ ଲେଖାଏଁ ଅନୁକମ୍ପା ରାଶି ଘୋଷଣା କରିଛନ୍ତି ରାଜ୍ୟ ସରକାର। ଭୁବନେଶ୍ୱରର ଆଇଗିଣିଆରେ ଦୁଃଖଦ ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖପ୍ରକାଶ କରିଛନ୍ତି। ଉଭୟ ମୃତକଙ୍କ ପରିବାରର ନିକଟତମ *(ପୃଷ୍ଠା ୭ରେ)*

# ମାର୍ଚ୍ଚ ପ୍ରଥମ ସପ୍ତାହରେ ରତ୍ନ ଭଣ୍ଡାର ଗଣତିମଣତି

**ଭୁବନେଶ୍ୱର, ୨୫।୨**
**ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ମାର୍ଚ୍ଚ ପ୍ରଥମ ସପ୍ତାହରେ ରତ୍ନ ଭଣ୍ଡାର ଗଣତି ମଣତି ହେବ। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଏନେଇ ଛତିଶା ନିଯୋଗ ସହିତ ଆଲୋଚନା ହୋଇଛି । ଖୁବଶୀଘ୍ର ସମୟ ନିର୍ଘଣ୍ଟ ସ୍ଥିର ହେବ । ମାର୍ଚ୍ଚ ମାସ ପ୍ରଥମ ସପ୍ତାହ ସୁଦ୍ଧା ଗଣତି ମଣତି ଆରମ୍ଭ କରିବା ପାଇଁ ଆମେ ଯୋଜନା କରୁଛୁ । ମ୍ୟାନେଜିଂ କମିଟି ଓ ମନ୍ଦିର ପ୍ରଶାସନକୁ ଦାୟିତ୍ୱ ଦିଆଯାଇଛି । ସେମାନେ ଛତିଶା ନିଯୋଗ



ସହିତ କଥା ହୋଇ ଠାକୁରଙ୍କ ନୀତିକାନ୍ତି ଅନୁଯାୟୀ କେଉଁ ସମୟରେ କଲେ ଠିକ ହେବ। ଏହା ପରେ ତାରିଖ ଘୋଷଣା ହେବ ବୋଲି ଆଇନ୍ ମନ୍ତ୍ରୀ କହିଛନ୍ତି।

## ଆଜିର ମୁଖ୍ୟ ଖବର

- କୋଣାର୍କ : ସମୁଦ୍ରତଟ ଅଞ୍ଚଳରେ ପର୍ଯ୍ୟଟନ ବିକାଶ ପାଇଁ ପରିବେଶମୂଳକ ପର୍ଯ୍ୟଟନ ପ୍ରକଳ୍ପ ଆରମ୍ଭ।
- ଗଞ୍ଜାମ : ରେଳ ଆଧୁନିକୀକରଣ କାର୍ଯ୍ୟ ଆରମ୍ଭ, ଯାତ୍ରୀ ସେବା ଉନ୍ନତିର ଆଶା।
- ପୁରୀ : ଶ୍ରୀଜଗନ୍ନାଥ ମନ୍ଦିର ପାଖରେ ଭକ୍ତମାନଙ୍କ ପାଇଁ ସୁବିଧା ବୃଦ୍ଧି ଘୋଷଣା।
- ସମ୍ବଲପୁର : ଯୁବମାନଙ୍କ ନିଯୁକ୍ତି ପାଇଁ ନୂତନ କୌଶଳ ବିକାଶ କେନ୍ଦ୍ର ଉଦ୍‌ଘାଟିତ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୬,୧୮୯ (+୧୧)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୮୪୦ (+୧୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨, ୧୪୨ (+୮)

## ରୁପା ଦର

ରୂପା – ପ୍ରତି ଗ୍ରାମ୍ ୨୯୫ (+୫)

# ଭାରତ ମହାସାଗରରେ ଆମେରିକା ସେନାର ବଡ଼ କାର୍ଯ୍ୟାନୁଷ୍ଠାନ: ଭେନେଜୁଏଲା ଟ୍ୟାଙ୍କର୍ ଜବତ

**ୱାଶିଂଟନ, ୨୫।୨**

ଭାରତ ମହାସାଗରରେ ଏକ ବଡ଼ ସାମରିକ ଅପରେସନ୍ କରି ଆମେରିକା ସେନା ଭେନେଜୁଏଲାରୁ ପଳାୟନ କରୁଥିବା ଏକ ବିଶାଳ ତୈଳ ଟ୍ୟାଙ୍କରକୁ ସଫଳତାର ସହ ଜବତ କରିଛି। ନିକୋଲାସ୍ ମାଦୁରୋଙ୍କ ଗିରଫଦାରୀ ପରେ ଆମେରିକାର କଟକଣା ଉଲ୍ଲଂଘନ କରି ଭେନେଜୁଏଲା ଉପକୂଳରୁ ପଳାୟନ କରିଥିବା ବହୁ ଜାହାଜ ମଧ୍ୟରେ ଏହି ଟ୍ୟାଙ୍କର୍ ଥିଲା। ପେଣ୍ଟାଗନ୍ ଅନୁଯାୟୀ, ଧରାପଡ଼ିଥିବା ଜାହାଜର ନାମ ବର୍ଥା। ଏହାକୁ କାରିବିଆନ୍ ସାଗରରୁ ଭାରତ ମହାସାଗର ପର୍ଯ୍ୟନ୍ତ ପ୍ରାୟ ୧୫,୦୦୦ କିଲୋମିଟର ଦୂରତା ପର୍ଯ୍ୟନ୍ତ ଟ୍ରାକ୍ କରାଯାଇଥିଲା। ଏହି ସାହସିକ ସାମରିକ ଅପରେସନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବିଶ୍ୱ ତୈଳ ଯୋଗାଣ ଶୃଙ୍ଖଳାରେ ଅଶୋଧିତ ତୈଳର ବେଆଇନ



ଚୋରା ଚାଲାଣକୁ ବନ୍ଦ କରିବା ଓ ଅନ୍ତର୍ଜାତୀୟ ବାଣିଜ୍ୟ ନିୟମକୁ କଡ଼ାକଡ଼ି ଭାବରେ ଲାଗୁ କରିବା।

ଆମେରିକାର ଦକ୍ଷିଣ କମାଣ୍ଡ ସୋସିଆଲ ମିଡିଆରେ ଘୋଷଣା କରିଛି, ସ୍ୱତନ୍ତ୍ର ବାହିନୀ ରାତିର ଅନ୍ଧାରରେ ବର୍ଥା ନାମକ ଜାହାଜରେ ଚଢ଼ାଉ କରି ଏହାକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରିଥିଲେ। କାରିବିଆନ ଅଞ୍ଚଳରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଲାଗୁ କରାଯାଇଥିବା କଠୋର କଟକଣାକୁ ଅବମାନନା କରି ଜାହାଜଟି ଅନ୍ତର୍ଜାତୀୟ ଜଳସୀମା ଭିତରକୁ ପଳାଇବାକୁ ଚେଷ୍ଟା *(ପୃଷ୍ଠା ୭ରେ)*

# ମା'-ବାପାଙ୍କୁ ଅବହେଳା କରିବା ମହଙ୍ଗା ପଡିବ

**କଟକ, ୨୫।୨**
**ନ୍ୟୁଜ୍ ବ୍ୟୁରୋ**

ଏଣିକି ପୋଲିସର ସୁରକ୍ଷା ବଳୟ ଭିତରେ ସୁରକ୍ଷିତ ରହିବେ ବୃଦ୍ଧ ପିତାମାତା। ସିନିୟର ସିଟିଜେନଙ୍କୁ ଓଡ଼ିଶା ପୋଲିସ ସୁରକ୍ଷା ଦେବ । ଏଥିପାଇଁ ହାଇକୋର୍ଟ ନିର୍ଦ୍ଦେଶ ଜାରି କରିଛନ୍ତି । ବୟସ୍କ ବାପା-ମା'ଙ୍କ ସୁରକ୍ଷା ପାଇଁ ଲଢିବ ଓଡ଼ିଶା ପୋଲିସ । ଖାଲି ବାପା-ମା' ନୁହେଁ, ବରିଷ୍ଠ ନାଗରିକଙ୍କ ଭରଣପୋଷଣ ପାଇଁ ବି ପୋଲିସ ଦାୟିତ୍ୱବାନ ରହିବା ଉଚିତ୍ ବୋଲି ଉଚ୍ଚ ନ୍ୟାୟାଳୟ କହିଛନ୍ତି । ଏହା ସ୍ଥାନୀୟ ପୋଲିସ ଏସପିଙ୍କର ଦାୟିତ୍ୱ ବୋଲି ହାଇକୋର୍ଟ ରାୟ ପ୍ରକାଶ କରିଛନ୍ତି ।

ହାଇକୋର୍ଟ କହିଛନ୍ତି ଯେ, ମାତା-ପିତା ତଥା ବରିଷ୍ଠ ନାଗରିକଙ୍କ ଭରଣପୋଷଣ, କଲ୍ୟାଣ ଅଧିନିୟମ, ୨୦୦୭ ଓ ଓଡ଼ିଶାରେ ପ୍ରଣୟନ ହୋଇଥିବା ଏ ସଂପର୍କିତ ୨୦୦୯ର ନିୟମାବଳୀ ଅନୁସାରେ ନିଜ



କାର୍ଯ୍ୟ ପରିସର ଅଞ୍ଚଳର ସମସ୍ତ ବରିଷ୍ଠ ନାଗରିକଙ୍କ ମଙ୍ଗଳ ସୁନିଶ୍ଚିତ କରିବା ଏସପିଙ୍କ ଦାୟିତ୍ୱ। ବିଶେଷ କରି ନିଜ ଘରେ ପୁଅ ଏବଂ ବୋହୂଙ୍କ ଦ୍ୱାରା ନିର୍ଯାତିତ ହେଉଥିବା ବରିଷ୍ଠ ନାଗରିକଙ୍କ ପ୍ରତି ପୋଲିସର ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ ବୋଲି ହାଇକୋର୍ଟ କହିଛନ୍ତି । ତେବେ ଏଥିରେ ଖିଲାପ ହେଲେ ପୋଲିସ ଏହା ବିରୋଧରେ ପଦକ୍ଷେପ ଗ୍ରହଣ କରିପାରିବ। କୋର୍ଟଙ୍କ ଅନୁସାରେ, ଯଦି ପୁଅ-ବୋହୂଙ୍କ ସହ ବିବାଦର ସମାଧାନ ନ ହୁଏ ତେବେ ଆବେଦନକାରୀ ପିତା ମାତା ୨୦୦୭ର ଅଧିନିୟମ ତଥା ୨୦୦୯ର ନିୟମାବଳୀ ଅନୁଯାୟୀ ସେମାନଙ୍କୁ ନିଜ ଘରୁ ଉଚ୍ଛେଦ ପାଇଁ ପଦକ୍ଷେପ ନେଇପାରିବେ । ଏପରି ପ୍ରକ୍ରିୟାରେ ପୋଲିସ ସେମାନଙ୍କୁ ସହଯୋଗ କରିପାରିବ ବୋଲି ହାଇକୋର୍ଟ ରାୟ ଦେଇଛନ୍ତି । ରାଉରକେଲା ପ୍ଲାଣ୍ଟସାଇଟ ଥାନା ଅଞ୍ଚଳର ଦୁଇ ଜଣ ବରିଷ୍ଠ ନାଗରିକଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି କୋର୍ଟ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ।

## କଥାରେ ରାଜି ନହେବାରୁ ହତ୍ୟା କରି ମାଟି ତଳେ ପୋତିଦେଲେ

**କନ୍ଧମାଳ, ୨୫।୨**
**ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳରେ ସକ୍ରିୟ ଥିବା କେକେବିଏନ୍ ମାଓ ଡିଭିଜନ ମଧ୍ୟରେ ନେତା ନେତାଙ୍କ ମଧ୍ୟରେ ମନୋମାଳିନ୍ୟ କାରଣରୁ ଜଣେ ମାଓବାଦୀଙ୍କୁ ହତ୍ୟା କରି ପୋତି ଦେଇଛନ୍ତି ମାଓ ନେତା। କନ୍ଧମାଳ ଏସ୍‌ପି ହରିଶ ବିସିଙ୍କ ସୂଚନା ଅନୁସାରେ, ବର୍ତ୍ତମାନ ସକ୍ରିୟ ଥିବା କେକେବିଏନ୍ ଡିଭିଜନର ଟପ୍ ମାଓ ନେତା ଶୁକ୍ରୁ ଓ ତାର ସହଯୋଗୀମାନେ ଅନ୍ୟ ଜଣେ ମାଓ ନେତା ଅନ୍ୱେଷ (୩୧)କୁ ହତ୍ୟା କରି ମାଟି ତଳେ ପୋତି ଦେଇଥିଲେ। ମାଓ ନେତା ଅନ୍ୱେଷ ଗତ କିଛିଦିନ ତଳେ ନିଜର ୧୨ ଜଣ ସହଯୋଗୀଙ୍କୁ ନେଇ ପୁଲିସ ନିକଟରେ ଆତ୍ମସମର୍ପଣ କରିବାକୁ ଚାହୁଁଥିଲା। କିନ୍ତୁ ଶୁକ୍ରୁ ଏହାକୁ ବିରୋଧ କରୁଥିଲା। ଏହି ଘଟଣାକୁ ନେଇ ଶୁକ୍ରୁ ଏବଂ ଅନ୍ୱେଷ ମଧ୍ୟରେ ମନୋମାଳିନ୍ୟ ଦେଖା ଦେଇଥିଲା। ଅନ୍ୱେଷ ପୁଲିସ ନିକଟରେ *(ପୃଷ୍ଠା ୭ରେ)*

## ଏକାଳ ପଖାଳ



କହି ହୁଏନାହିଁ ସହିହେଉ ନାହିଁ
କରି ହେଉ ନାହିଁ କିଛି
ରାଇଜେ ନିଇତି ଦିନ ଯା' ଘଟୁଛି
ଦୃଷ୍ଟିଭଙ୍ଗୀ ହୁଏ କେଞ୍ଚି
ଚୁପ୍‌ଚାପ୍ ଲୁହ ପୋଛି
ଜନଜୀବନଟା ହନ୍ତସନ୍ତ ହୁଏ
ଭାବେ କେତେ ଦିନ ଅଛି ??

# ଭିଜିଲାନ୍ସ ଇତିହାସରେ ପ୍ରଥମ : ସର୍ବାଧିକ ନଗଦ ୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଜବତ



**କଟକ, ୨୫।୨**
**ନ୍ୟୁଜ୍ ବ୍ୟୁରୋ**

ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଗିରଫ ହୋଇଛନ୍ତି କୋଟିପତି ଖଣି ଉପନିର୍ଦ୍ଦେଶକ ଦେବବ୍ରତ ମହାନ୍ତି । ତାଙ୍କୁ ଭିଜିଲାନ୍ସ ଟିମ ବୁଧବାର ଭୁବନେଶ୍ୱରରୁ ଗିରଫ କରିଛି । ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ ଏସପି ସରୋଜ କୁମାର ସାମଲ ଏହି ସୂଚନା ଦେଇଛନ୍ତି । ଅଭିଯୁକ୍ତ ଦେବବ୍ରତଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଖଣି ଉପନିର୍ଦ୍ଦେଶକ ଦେବବ୍ରତ ମହାନ୍ତି ଜଣେ ଲାଇସେନ୍ସପ୍ରାପ୍ତ କୋଇଲା ବ୍ୟବସାୟୀଙ୍କଠାରୁ ୩୦,୦୦୦ ଟଙ୍କା ଲାଞ୍ଚ ନେଉଥିଲା ବେଳେ ତାଙ୍କୁ ଭିଜିଲାନ୍ସ ଟିମ୍ ଧରିଥିଲା । ପରେ ଦେବବ୍ରତ ମହାନ୍ତିଙ୍କ ୩ଟି ଠିକଣାରେ ବୁଧବାର ଏକକାଳୀନ ଚଢଉ କରାଯାଇଥିଲା । ଭିଜିଲାନ୍ସର ଏହି ଚଢଉ ସମୟରେ ତାଙ୍କ ଘରୁ ନଗଦ ୪ କୋଟିରୁ ଅଧିକ ଟଙ୍କା ଜବତ ହୋଇଛି ।

ଭିଜିଲାନ୍ସ ସୂଚନା ଅନୁଯାୟୀ, କୋଇଲା ଡିପୋ ଭଲରେ ଚାଲିବା ତଥା ପରିବହନ ପାଇଁ ଅନୁମତି ଦେବା ପ୍ରତିଶ୍ରୁତି ଦେଇ ଖଣି ଉପ ନିର୍ଦ୍ଦେଶକ ଦେବବ୍ରତ ମହାନ୍ତି ୩୦,୦୦୦ ଟଙ୍କା ଲାଞ୍ଚ ନେଉଥିଲେ । ଧରା ପଡିବା ପରେ *(ପୃଷ୍ଠା ୭ରେ)*

# ୨୩ ଜିଲ୍ଲାକୁ ବର୍ଷା ସତର୍କତା

**ଭୁବନେଶ୍ୱର, ୨୫।୨**
**ନ୍ୟୁଜ୍ ବ୍ୟୁରୋ**

୨୩ ଜିଲ୍ଲାରେ ବର୍ଷା ସମ୍ଭାବନା । ବିଜୁଳି ଘଡ଼ଘଡ଼ି ସହିତ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ଆଞ୍ଚଳିକ ପାଣିପାଗ ବିଭାଗ ନିର୍ଦ୍ଦେଶିକା ମନୋରମା ମହାନ୍ତି ସୂଚନା ଦେଇଛନ୍ତି।

ଆଗାମୀ ୨୪ ଘଣ୍ଟା ମଧ୍ୟରେ କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ଅନୁଗୁଳ, ଢେଙ୍କାନାଳ, ଯାଜପୁର କଟକ, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କନ୍ଧମାଳ, କଳାହାଣ୍ଡି, ବଲାଙ୍ଗୀର, ନୂଆପଡ଼ା , ନବରଙ୍ଗପୁର, କୋରାପୁଟ ଏବଂ ମାଲକାନଗିରି ଜିଲ୍ଲାରେ ଘଡ଼ଘଡ଼ି ବର୍ଷା ସହ ୩୦ରୁ ୪୦ କିମି ପବନ ବହିବା ସମ୍ଭାବନା ରହିଛି । ପାଣିପାଗ ବିଭାଗ ପକ୍ଷରୁ ଜାରି ହୋଇଛି ୟେଲୋ ୱାର୍ଣ୍ଣିଂ। ପଶ୍ଚିମା ଝଡ଼ର ପ୍ରଭାବରେ ବାୟୁମଣ୍ଡଳ ଅଣ୍ଡା ରହିଛି । ଓଡ଼ିଶାର ଉତ୍ତର-ଉପକୂଳ ଏବଂ ଏହାର ସଂଲଗ୍ନ ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ୧.୫କି.ମି. ଉଚ୍ଚତାରେ ଏକ ଘୂର୍ଣ୍ଣିବଳୟ ରହିଛି। ଏହାର ପ୍ରଭାବରେ ବୁଧବାର ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି।

ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ୨୪ଘଣ୍ଟାରେ ମୟୂରଭଞ୍ଜ ଜିଲ୍ଲାର ଯଶିପୁରରେ ସର୍ବାଧିକ ୪୦.୪ ମି.ମି. ବର୍ଷା ଏବଂ ଭୁବନେଶ୍ୱରରେ ୧୭.୬ ମି.ମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ସେହିପରି କେନ୍ଦୁଝର ଜିଲ୍ଲାର ଚମ୍ପୁଆରେ ୨୯.୪ ମି.ମି., ଗଜପତି ଜିଲ୍ଲା *(ପୃଷ୍ଠା ୭ରେ)*

## ବିବାହ ପ୍ରଲୋଭନ ଦେଖାଇ ନାବାଳିକାକୁ ଗର୍ଭବତୀ କରି ଯୁବକ ଫେରାର୍

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ପୁଣି ଚର୍ଚ୍ଚାରେ ବ୍ୟାସନଗର ସହର । ବ୍ୟାସନଗର ସହରରେ ଜଣେ ୭୦ ବର୍ଷ ବୃଦ୍ଧଙ୍କ ଦ୍ୱାରା ନାବାଳିକା ଗର୍ଭବତୀ ହେବା ଘଟଣା ମନରୁ ଲିଭୁଣୁ, ଆଉ ଏକ ଘଟଣା ସାମ୍ନାକୁ ଆସିଛି । ବ୍ୟାସନଗର ପୌରପରିଷଦ ୨୫ ନମ୍ବର ୱାର୍ଡ ସାପଗଡ଼ିଆ ଅଞ୍ଚଳରେ ଜଣେ ଆଦିବାସୀ ନାବାଳିକାକୁ ବିବାହ ପ୍ରଲୋଭନ ଦେଖାଇ ଜଣେ ଯୁବକ ବାରମ୍ବାର ଶାରୀରିକ ସମ୍ପର୍କ ରଖି ଗର୍ଭବତୀ କରି ଫେରାର୍ ହୋଇଯାଇଛି । ସୂଚନା ମୁତାବକ ନାବାଳିକା ଅସୁସ୍ଥ ଥିବାରୁ ତାଙ୍କ ମାଆ ଚିକିତ୍ସା ପାଇଁ ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ । ସେଠାରେ ଡାକ୍ତର ପରୀକ୍ଷା କରିବା ପରେ ନାବାଳିକା ଜଣଙ୍କ ୭ ମାସର ଗର୍ଭବତୀ ଥିବାର ଜାଣିବାକୁ ପାଇଥିଲେ । ନାବାଳିକାର ଆଧାରକାର୍ଡରେ ବୟସ ୧୭ ବର୍ଷ କିଛିଦିନ ହୋଇଥିବା ଜାଣିବାକୁ ପାଇ ଡାକ୍ତର ତୁରନ୍ତ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗକୁ ଖବର ଦେଇଥିଲେ । ଶିଶୁ ସୁରକ୍ଷା ବିଭାଗ ଅଧିକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ନାବାଳିକା ଓ ତାଙ୍କ ମା'ଙ୍କୁ ଉଦ୍ଧାର କରି ଯାଜପୁର ରୋଡ ଥାନାକୁ ନେଇଯାଇଥିଲେ । ସେଠାରେ ଏକ ଲିଖିତ ଅଭିଯୋଗ ଦେବାପରେ ପୋଲିସ ୧୩୬/୨୬ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି । ଖବର ନେବାରୁ କେନ୍ଦୁଝର ଅଞ୍ଚଳର ଜଣେ ଯୁବକ ବିବାହ ପ୍ରଲୋଭନ ଦେଖାଇ ନାବାଳିକା ସହ ଶାରୀରିକ ସମ୍ପର୍କ ରଖିଥିଲେ । ହେଲେ ଯୁବକ ଜଣଙ୍କ ଶ୍ରମିକ ହୋଇଥିବା ବେଳେ ପୂର୍ବରୁ ବିବାହିତ ଓ ତାଙ୍କର ଦୁଇଟି ସନ୍ତାନ ଥିବାର ଜଣାପଡ଼ିଛି । ଏହି ଘଟଣା ଘଟାଇ ଯୁବକ ଜଣଙ୍କ କିଛିଦିନ ହେବ ଫେରାର୍ ହୋଇଥିବା ପୋଲିସ କହିଛି । ଅଭିଯୁକ୍ତକୁ ଗିରଫ କରିବା ପାଇଁ ପୋଲିସ ଉଦ୍ୟମ ଚଳାଇଛନ୍ତି । ନାବାଳିକାକୁ ଶିଶୁ ସୁରକ୍ଷା ବିଭାଗ ନିଜ ହେପାଜତକୁ ନେଇଥିବା ଥାନା ଅଧିକାରୀ ଆଶିଷ କୁମାର ସାହୁ ସୂଚନା ଦେଇଛନ୍ତି ।

## ଡ୍ୟୁଟି ଛାଡ଼ି ରେଷ୍ଟ ରୁମ୍‌ରେ ବିଶ୍ରାମ ନେବା ପଡ଼ିଲା ମହଙ୍ଗା

**କଟକ, ନ୍ୟୁଜ୍ ବ୍ୟୁରୋ**



ଡ୍ୟୁଟିରେ ଅବହେଳା କରିବା ଦୁଇ ଜଣ ଟ୍ରାଫିକ୍ କର୍ମଚାରୀଙ୍କୁ ମହଙ୍ଗା ପଡ଼ିଛି । ଡ୍ୟୁଟି ସମୟରେ ପୋଷ୍ଟ ଛାଡ଼ି ରେଷ୍ଟ ରୁମ୍‌ରେ ବିଶ୍ରାମ କରିବା ଅଭିଯୋଗରେ ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍ଦେଓ ଦୁଇ ଜଣଙ୍କୁ ନିଲମ୍ବନ କରିଥିଲେ । ତେବେ କର୍ମଚାରୀ ଦ୍ୱୟ ଡିସିପିଙ୍କୁ ଭେଟି ନିଜ ଭୁଲ୍ ଜଣାଇ ଏଭଳି ଆଉ କରିବେନାହିଁ ବୋଲି ଲିଖିତ ଭାବେ ଦେବାପରେ ଡିସିପି ଦୁଇ କର୍ମଚାରୀଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର କରିଛନ୍ତି । ଏହି ଘଟଣା ପରେ କଟକ ଟ୍ରାଫିକ୍ ପୋଲିସ କର୍ମଚାରୀଙ୍କ ମଧ୍ୟରେ ଏକପ୍ରକାର ଛନକା ପଶିଛି । ଗତ ଶନିବାର ଅପରାହ୍ନରେ ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍ଦେଓ ସତୀଚୌରା ଛକ ହୋଇ ବେଲିଭ୍ୟୁ ଛକ ଅଭିମୁଖେ ଆସୁଥିଲେ । ଏହି ସମୟରେ ଟ୍ରାଫିକ୍ ପୋଷ୍ଟରେ କର୍ମଚାରୀମାନେ ଠିକ୍ ଭାବେ ଡ୍ୟୁଟି କରୁଥିଲେ । କିଛି ସମୟ ପରେ ସେହି ରାସ୍ତାରେ ଫେରିବା ବେଳେ ସେଠାରେ ଡ୍ୟୁଟିରେ ଥିବା ହାବିଲ୍‌ଦାର ଏବଂ ଓଏପିଏଫ୍ କନେଷ୍ଟବଲ ପୋଷ୍ଟ ଛାଡ଼ି ନିକଟ ରେଷ୍ଟ ରୁମ୍‌ରେ ବିଶ୍ରାମ ନେଉଥିବା ଏବଂ ଏହାର ସୁଯୋଗ ନେଇ ବହୁ ଗାଡ଼ି ରଙ୍ଗରୁଟ୍‌ରେ ବା ଓଲଟା ରାସ୍ତାରେ ଯାଉଥିବା ଡିସିପି ଦେଖିଥିଲେ । ଏହା ଦେଖିବା ପରେ ଡିସିପି ତୁରନ୍ତ ଦୁଇ ଜଣଙ୍କୁ ଡ୍ୟୁଟିରୁ ନିଲମ୍ବନ କରିଥିଲେ । ଏହି ନିର୍ଦ୍ଦେଶନାମା ପ୍ରକାଶ ପାଇଥିଲା । ତେବେ ପୂର୍ବାହ୍ନରେ ଦୁଇ କର୍ମଚାରୀ କାର୍ଯ୍ୟାଳୟକୁ ଯାଇ ଡିସିପିଙ୍କୁ ଭେଟି ଗୁହାରି ଜଣାଇଥିଲେ । ଡ୍ୟୁଟିରେ ଅବହେଳା କରିଥିବା ବିଷୟ ସ୍ୱୀକାର କରିଥିଲେ । ଡ୍ୟୁଟିରେ ଅବହେଳା କରିଥିବାରୁ ଡିସିପି ସେମାନଙ୍କୁ ତାଗିଦ୍ ମଧ୍ୟ କରିଥିଲେ । ତେବେ ଆଗକୁ ଏଭଳି ଭୁଲ୍ କରିବେନାହିଁ ବୋଲି ଦୁଇ କର୍ମଚାରୀ ଲିଖିତ ଭାବେ ଡିସିପିଙ୍କୁ ପ୍ରଦାନ କରିବା ପରେ ସନ୍ଧ୍ୟାରେ ଦୁଇ କର୍ମଚାରୀଙ୍କ ନିଲମ୍ବନ ଆଦେଶକୁ ପ୍ରତ୍ୟାହାର କରିନିଆଯାଇଛି । ତେବେ ଏଭଳି କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉଥିବାରୁ ଟ୍ରାଫିକ୍ ପୋଲିସ କର୍ମଚାରୀଙ୍କ ମଧ୍ୟରେ ଛନକା ପଶିଛି । ରବିବାର ଠାରୁ ସହରର ପ୍ରାୟ ସବୁ ପୋଷ୍ଟରେ କର୍ମଚାରୀମାନେ ସଜାଗ୍ ହୋଇ ଡ୍ୟୁଟି କରୁଛନ୍ତି । ଠିକ୍ ସମୟରେ ଆସିବା ଓ ଠିକ୍ ସମୟରେ ପୋଷ୍ଟ ଛାଡିବା କାମ କରୁଥିବା ଦେଖିବାକୁ ମିଳିଛି ।

## ଡିଜେ ଉପରେ ଲାଗୁନି ଅଙ୍କୁଶ: ହଇରାଣ ହେଉଛନ୍ତି ପରୀକ୍ଷାର୍ଥୀ



**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ସଚେତନ କଲେ ମଧ୍ୟ କେହି ସୁଧୁରୁ ନାହାନ୍ତି । ନିଜର ମନୋରଞ୍ଜନ ପାଇଁ ଅନ୍ୟକୁ ବିପଦରେ ପକାଉଛନ୍ତି । ପୋଲିସର କାର୍ଯ୍ୟାନୁଷ୍ଠାନକୁ ମଧ୍ୟ ଖାତିର ନାହିଁ । ଏଭଳି ଭାବେ ବ୍ରହ୍ମପୁର ସହରରେ ଏବେ ମନଇଚ୍ଛା ଉତ୍କଟ ଶବ୍ଦ ପ୍ରଦୂଷଣ କରି ଡ଼ିଜେ ଗାଡ଼ି ବିଭିନ୍ନ ବାହାଘର ବରଯାତ୍ରୀରେ ଯାଉଥିବା ଦେଖିବାକୁ ମିଳୁଛି । ଡ଼ିଜେରୁ ସୃଷ୍ଟି ହେଉଥିବା ଉଚ୍ଚକ୍ଷମତା ସମ୍ପନ୍ନ ଶବ୍ଦ ଛାତି ଥରାଇ ଦେଉଛି । ବିକଟାଳ ଶବ୍ଦରେ ସୁସ୍ଥ ବ୍ୟକ୍ତି କଲବଲ ହୋଇଯାଉଥିବା ବେଳେ ବୃଦ୍ଧ ଓ ରୋଗୀଙ୍କ ଅବସ୍ଥା କଣ ହେଉଥିବ ତାହା ସହଜେ ଅନୁମେୟ । ଏହି ଡ଼ିଜେ ଶବ୍ଦ ଯୋଗୁଁ ବିଗତ ଦିନରେ ରାୟଗଡ଼ା ଜିଲ୍ଲାରେ ଜଣେ ଯୁବକଙ୍କ ଜୀବନ ଯାଇଥିଲା । ବ୍ରହ୍ମପୁରରେ ଏଭଳି ଅଘଟଣ ନଘଟିବ ବୋଲି କହି ହେବନାହିଁ । ଏଣୁ ଜୀବନ ଗଲାପରେ ପ୍ରଶାସନ ଚେଇଁବ କି ବୋଲି ସାଧାରଣରେ ଆଲୋଚନା ହେଉଛି । ସହରରେ ବିଭିନ୍ନ ସମୟରେ ପୋଲିସ ଉଚ୍ଚ ଶବ୍ଦ ପ୍ରଦୂଷଣ କରି ରାସ୍ତା ଜାମ୍ କରୁଥିବା ଡ଼ିଜେ ଗାଡ଼ି ଧରୁଛି । ତଥାପି ଲୋକେ ସଚେତନ ହେଉନାହାନ୍ତି । ଡ଼ିଜେ ମାଲିକମାନେ ନିୟମକୁ ଫୁ' କରି ମନଇଚ୍ଛା ଉଚ୍ଚ ଶବ୍ଦରେ ଗୀତ ବଜାଉଛନ୍ତି । ବାହାଘର ବରଯାତ୍ରୀ ଠାରୁ ଆରମ୍ଭ କରି ବିଭିନ୍ନ ଭସାଣିରେ ଡ଼ିଜେ ବାଜୁଛି । ସେଥିରୁ ସୃଷ୍ଟି ହେଉଥିବା ଉଚ୍ଚ ଧ୍ୱନି ଛାତି ଥରାଇ ଦେଉଛି । ମାତ୍ରାଧିକ ବାସ୍ କାନ ପରଦା ଫଟାଇ ଦେଲା ଭଳି ଲାଗୁଛି । ବର୍ତ୍ତମାନ ମାଟ୍ରିକ୍ ପରୀକ୍ଷା ଓ ଯୁକ୍ତ ଦୁଇ ପରୀକ୍ଷା ଚାଲିଥିବା ବେଳେ ପରୀକ୍ଷାର୍ଥୀମାନେ ମଧ୍ୟ ଏହି ଶବ୍ଦ ଯୋଗୁଁ ନାନା ହଇରାଣ ହେଉଛନ୍ତି । କେବେ ଏହା ଉପରେ ଅଙ୍କୁଶ ଲାଗିବ ବୋଲି ସାଧାରଣରେ ପ୍ରଶ୍ନ ସୃଷ୍ଟି ହୋଇଛି । ଡ଼ିଜେ ଯୋଗୁଁ ବରିଷ୍ଠ ନାଗରିକ ଓ ଛୋଟ ପିଲାମାନେ ଅଧିକ ମାତ୍ରାରେ ପ୍ରଭାବିତ ହେଉଛନ୍ତି । ତାଙ୍କର ମସ୍ତିଷ୍କ ଓ ହୃତ୍‌ପିଣ୍ଡ ଉପରେ ଏହି ଶବ୍ଦର ଅଧିକ ପ୍ରଭାବ ପଡୁଛି ବୋଲି ବିଶେଷଜ୍ଞମାନେ କହିଛନ୍ତି । ଏଥିଯୋଗୁଁ ହୃଦ୍‌ଘାତ ହେବାର ଯଥେଷ୍ଟ ସମ୍ଭାବନା ରହିଛି । ନିୟମ ଖିଲାପ କରୁଥିବା ବ୍ୟକ୍ତି ଓ ଡ଼ିଜେ ମାଲିକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମାନବ ଅଧିକାର ସୁରକ୍ଷା ମଞ୍ଚର ଆବାହକ ଅବନୀ ଗୟା ଦାବି କରିଛନ୍ତି । ଡ଼ିଜେର ଶବ୍ଦ ୪୦ ଡ଼େସିବଲ୍ ମଧ୍ୟରେ ରଖିବାର ନିୟମ ରହିଛି । କିନ୍ତୁ ଏହାକୁ କେହି ପାଳନ କରୁନାହାନ୍ତି । ଏ ଦିଗରେ ଡ଼ିଜେ ମାଲିକମାନେ ମଧ୍ୟ ସଚେତନ ହେଉନାହାନ୍ତି । ଯେଉଁମାନେ ଡ଼ିଜେ ବ୍ୟବହାର କରୁଛନ୍ତି ସେମାନଙ୍କୁ ଅନୁମତି ଦେବା ସମୟରେ ସତର୍କ କରାଯାଉନାହିଁ । ଫଳରେ ମନଇଚ୍ଛା ଶବ୍ଦ କରି ଡ଼ିଜେ ଗାଡ଼ି ସହରସାରା ବୁଲି ଅନ୍ୟମାନଙ୍କ ପାଇଁ ବିପଦ ସୃଷ୍ଟି କରୁଛି । ଏଣୁ ସତର୍କ ନୁହେଁ, ଡ଼ିଜେ ଅନୁମତି ସମ୍ପୂର୍ଣ୍ଣ ବନ୍ଦ କରାଯାଉ ବୋଲି ଦାବି ହୋଇଛି ।

## ଚୋରା ମଦ ଜବତ: ୯ କୋର୍ଟ ଚାଲାଣ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**



ଜିଲ୍ଲାପାଳ ରଘୁରାମ ଆୟର ନିର୍ଦ୍ଦେଶକ୍ରମେ ଅବକାରୀ ଅଧିକ୍ଷକ ବିପ୍ରଚରଣ ମଣ୍ଡଳ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲା ରପାଟକୁରା, ମହାକାଳପଡ଼ା ଓ ଜମ୍ବୁ ମେରେଇନ ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢଉ କରାଯାଇ ଓରିଶବିନ୍ଧ ଗ୍ରାମର ବୁଲୁପତି ଦାସଙ୍କ ଠାରୁ ୪୨ ଲିଟର ବିଦେଶୀ ମଦ, ନିକିରେଇ ଗ୍ରାମର ଦୀପକ ସେଠୀଙ୍କ ଠାରୁ ୩୧ ଲିଟର ବିଦେଶୀ ମଦ, ଏକଲପୁର ଗ୍ରାମର ସରୋଜ ରାଉତଙ୍କ ଠାରୁ ୫୬ ଲିଟର ବିଦେଶୀ ମଦ, କଂସାର ଗ୍ରାମର ହିମାଂଶୁ ମାନାଙ୍କ ଠାରୁ ୨୫୦ କିଗ୍ରାର ଗୁଡପୋଚ ଓ ମନୋରଞ୍ଜନ ସ୍ୱାଇଁଙ୍କ ଠାରୁ ୩୨ ଲିଟର ବିଦେଶୀ ମଦ, କାଣ୍ଟିଆ ଗ୍ରାମର ଜଗବନ୍ଧୁ ରାଉତଙ୍କ ଠାରୁ ୨୬ ଲିଟର ବିଦେଶୀ ମଦ, ରମନଗର ଗ୍ରାମର ବୀର କିଶୋର ସାହୁଙ୍କ ଠାରୁ ୨୯ ଲିଟର ବିଦେଶୀ ମଦ, ଆମ୍ବାବିଲାରୀ ଗ୍ରାମର ସୁମନ୍ତ ହାଉଳିଙ୍କ ଠାରୁ ୧୫ ଲିଟର ଦେଶୀ ରନ୍ଧା ମଦ ଓ ଧନିଆପଡ଼ା ଗ୍ରାମର ସରୋଜ ମହାନ୍ତିଙ୍କ ଠାରୁ ୨୫ ଲିଟର ବିଦେଶୀ ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇଛି । ଏମାନଙ୍କ ପାଖରୁ ସମୁଦାୟ ୫୦୬ ଲିଟର ବିଦେଶୀ, ଦେଶୀ ରନ୍ଧା ଓ ଗୁଡପୋଚ ମଦ ଜବତ କରାଯାଇ ୯ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ଉରେ ଅବକାରୀ ଉପନିରିକ୍ଷକ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, ମିସ ରତ୍ନପ୍ରଭା ସ୍ୱାଇଁ, ସହକାରୀ ଉପନିରିକ୍ଷକ ସୁନୀଲ କୁମାର ମିଶ୍ର, ଜଗନ୍ନାଥ ବେସେରା ଓ ଅନ୍ୟ କର୍ମଚାରୀ ସାମିଲ ଥିଲେ ।

## 'ଆମେ ପଢ଼ିବା ଆମ ଭାଷାରେ' କାର୍ଯ୍ୟକ୍ରମର ଶୁଭାରମ୍ଭ କଲେ ଜିଲ୍ଲାପାଳ



**ରାୟଗଡ଼, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ସରକାରଙ୍କ ପ୍ରମୁଖ କାର୍ଯ୍ୟସୂଚୀ 'ଆମେ ପଢ଼ିବା ଆମ ଭାଷାରେ' ଅଧୀନରେ ରାୟଗଡ଼ ଜିଲ୍ଲାରେ ଜିଲ୍ଲା ସ୍ତରୀୟ ଅନୁସ୍ଥାପନା ଓ କ୍ଷମତା ବିକାଶ କାର୍ଯ୍ୟକ୍ରମ ସଫଳତାର ସହିତ ଆୟୋଜିତ ହୋଇଛି । ଏହି କାର୍ଯ୍ୟକ୍ରମ ଜିଲ୍ଲାପାଳ ଅଶୁତୋଷ୍ କୁଲକର୍ଣ୍ଣୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପରିଷଦ ସଭାଗୃହରେ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ମୀନତି ଦେଓ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ସହକାରୀ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦେବରାଜ ଟାକ୍ରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଆଙ୍ଗନବାଡ଼ି କାର୍ଯ୍ୟକର୍ତ୍ତା, ଅଭିଭାବକ, ପଞ୍ଚାୟତିରାଜ ସଦସ୍ୟ, ସୁପରଭାଇଜର, ସିଡିପିଓ, ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ସମେତ ଜିଲ୍ଲା ଅଭାନ୍ତରୁ ୬୦ ଜଣ ପକ୍ଷକାର ଅଂଶଗ୍ରହଣ କରିଥିଲେ । ରାୟଗଡ଼ ଜିଲ୍ଲାପାଳ ଅଶୁତୋଷ କୁଲକର୍ଣ୍ଣୀ କାର୍ଯ୍ୟକ୍ରମରେ ସମ୍ବୋଧନ କରି ଏହି ଉଦ୍ୟମକୁ ପ୍ରଶଂସା କରିଥିଲେ । ତାଙ୍କ ମତରେ, ପ୍ରାରମ୍ଭିକ ଶିଶୁକାଳ ବିକାଶର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଅଟେ । ମାତୃଭାଷାରେ ଶିକ୍ଷଣ ଶିଶୁମାନଙ୍କୁ ଆତ୍ମବିଶ୍ୱାସ ନିର୍ମାଣ କରିବା ଏବଂ ମଜ୍‌ବୁତ୍ ମୂଳଭୂତ ଶିକ୍ଷଣ ନିଶ୍ଚିତ କରିବାରେ ସାହାଯ୍ୟ କରେ । ଜିଲ୍ଲାପାଳ ବିଭାଗମାନଙ୍କ ମଧ୍ୟରେ ସମନ୍ୱୟ, ସମୁଦାୟ ଅଂଶଗ୍ରହଣ ଏବଂ ଫ୍ରଣ୍ଟଲାଇନ୍ କାର୍ଯ୍ୟକର୍ତ୍ତାଙ୍କ ସକ୍ରିୟ ସମ୍ପୃକ୍ତତାର ଗୁରୁତ୍ୱ ଉପରେ ଦୃଢ଼ତାର ସହିତ କହିଥିଲେ ଏବଂ ଅଭିଭାବକ ଓ ପଞ୍ଚାୟତିରାଜ ସଦସ୍ୟଙ୍କୁ ଶିଶୁସନ୍ନିଧି ଶିକ୍ଷଣ ପରିବେଶ ସୃଷ୍ଟି କରିବାରେ ଅଙ୍ଗନବାଡ଼ି କେନ୍ଦ୍ରକୁ ସମର୍ଥନ କରି ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଅଙ୍ଗନବାଡ଼ି କେନ୍ଦ୍ରରେ ଥିବା ଆଦିବାସୀ ଶିଶୁମାନଙ୍କ ପାଇଁ ମାତୃଭାଷା ଆଧାରିତ ପ୍ରାରମ୍ଭିକ ଶିକ୍ଷାକୁ ମଜ୍‌ବୁତ୍ କରିବାକୁ ଲକ୍ଷ୍ୟ ରହିଛି । ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାରଙ୍କ ଏହି 'ଆମେ ପଢ଼ିବା ଆମ ଭାଷାରେ' ଯୋଜନା ୩-୬ ବର୍ଷ ଶିଶୁମାନଙ୍କ ପାଇଁ ସ୍ଥାନୀୟ ଆଦିବାସୀ ଭାଷାରେ ନୂଆ ଅରୁଣିମା ପାଠ୍ୟକ୍ରମ ଏବଂ ଜାତୀୟ ଶିକ୍ଷା ନୀତି ୨୦୨୦ ସହ ଯୋଡ଼ି ପ୍ରାରମ୍ଭିକ ଶିକ୍ଷଣକୁ ମଜ୍‌ବୁତ୍ କରିବାକୁ ଲକ୍ଷ୍ୟ ରହିଛି । ଏହା ଶିଶୁମାନଙ୍କୁ ବୁଝାଇବା କ୍ଷମତା, ଅଂଶଗ୍ରହଣ, ଆତ୍ମବିଶ୍ୱାସ ଏବଂ ବିଦ୍ୟାଳୟ ପ୍ରସ୍ତୁତିକୁ ବଢ଼ାଇବାରେ ସାହାଯ୍ୟ କରିବ । ଏହି କାର୍ଯ୍ୟକ୍ରମରେ ଚୟନିତ ଅଙ୍ଗନବାଡ଼ି କେନ୍ଦ୍ରରେ କୁଭି ଭାଷାରେ ମାତୃଭାଷା ଆଧାରିତ କ୍ଲାସ୍‌ରୁମ୍ ବ୍ୟବହାରକୁ ମଜ୍‌ବୁତ୍ କରିବା, ଖେଳ ଆଧାରିତ ଶିକ୍ଷା, ପ୍ରାରମ୍ଭିକ ସାହିତ୍ୟ ଓ ସଂଖ୍ୟାବୋଧ ଏବଂ ସମୁଦାୟ ଅଂଶଗ୍ରହଣ ଉପରେ ବିଶେଷ ଗୁରୁତ୍ୱ ଦେବାପାଇଁ ଲକ୍ଷ୍ୟ ରଖାଯାଇଛି । ଉକ୍ତ କାର୍ଯ୍ୟକ୍ରମ ପିରମଲ୍ ଫାଉଣ୍ଡେସନ୍ ଦଳର ସକ୍ରିୟ ଅଂଶଗ୍ରହଣରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା ।

## ବିଶ୍ୱ ଦରବାରରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ଦ୍ୱାରା ହିଁ ଓଡ଼ିଆ ଜାତିର ଗୌରବ ବୃଦ୍ଧି ଘଟିବ



**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବିଶ୍ୱଦରବାରରେ ଓଡ଼ିଆ ଭାଷା ସାହିତ୍ୟର ପ୍ରଚାର ପ୍ରସାର ଅଭିବୃଦ୍ଧି ଦ୍ୱାରା ଗୌରବ ବୃଦ୍ଧି ହୋଇଥାଏ । ଓଡ଼ିଆ ଜାତିର ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବରେ ଆଜି ବିପର୍ଯ୍ୟୟ ଆଡ଼କୁ ଗତି କରୁଛି । ଅତୀତରେ ସଙ୍କଟ ମଧ୍ୟ ଦେଇ ଓଡ଼ିଆ ଭାଷା ଗତି କରିଆସିଥିଲେ ମଧ୍ୟ ସେ ତାର ସ୍ୱତନ୍ତ୍ରୀୟତାକୁ ହରାଇନାହିଁ । ଆଜି ଓଡ଼ିଆ ଭାଷା ବିଶ୍ୱ ଦରବାରରେ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦିତ କରିଆସିଛି । ଆଜି ଜାତିସଂଘର ଛାତି ଉପରେ ପ୍ରତି ଫଳିତ ହେଉଛି କବି ଭୀମଭୋଇଙ୍କର କାବ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ମାତୃଭାଷା ଦିବସ ଅବସରରେ ଚଲାପଥ ପକ୍ଷରୁ ସଭାପତି ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନା ଚକ୍ର ଓ କବି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଓ ସାହିତ୍ୟିକ ଅଜୟ କୁମାର ଦାସ, ସମ୍ମାନିତ ଅତିଥି ଭାବେ, ବରିଷ୍ଠ ସାମ୍ବାଦିକ ପାର୍ଥ ସାରଥୀ ଜେନା, ସ୍ମୃତିଲିପିର ସମ୍ପାଦକ ଭୁବନ ମୋହନ ମହାନ୍ତି, କବି ତରୁଣବାଳା ମହାପାତ୍ର ଓ ପ୍ରେମ ପ୍ରକାଶ ସିଂହ ଯୋଗଦେଇଥିଲେ । ଚଲାପଥର ପ୍ରତିଷ୍ଠାତା ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ହଳଧର ଧୀର ଚଲାପଥର ଆଭିମୁଖ୍ୟ ବର୍ଣ୍ଣନା କରିବା ସହିତ ଆସନ୍ତା ମାର୍ଚ୍ଚ ୨୨ ତାରିଖରେ ଭୁବନେଶ୍ୱର ଠାରେ ଚଲାପଥର ୫୪ ତମ ମହୋତ୍ସବ ପାଳନ ସଫଳ କରିବାକୁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । କବି ଶୁଭଶ୍ରୀ ସିଂହଙ୍କ ସଭାପତିତ୍ୱରେ ଆୟୋଜିତ କବିତା ପାଠୋତ୍ସବରେ ଅତିଥି କବି ଭାବେ ମଧୁସ୍ମିତା ଶା, ଗୀତାଞ୍ଜଳୀ ଦଳାଇ ଯୋଗଦେଇଥିଲେ । ଉପସ୍ଥିତ କବିମାନେ ସେମାନଙ୍କର ସ୍ୱରଚିତ କବିତା ପାଠ କରିଥିଲେ ।



## ରାଜସ୍ୱ ଗ୍ରାମ ମାନ୍ୟତା ଦାବିରେ ଗ୍ରାମବାସୀଙ୍କ ବିକ୍ଷୋଭ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

କପ୍ତିପଦା ବ୍ଲକ ଅନ୍ତର୍ଗତ କଳମଗୋଡ଼ିଆ ଗ୍ରାମ ପଞ୍ଚାୟତର 'ସୁଡ଼ଙ୍ଗ' ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି । ଏହି ସମ୍ପର୍କରେ ଗ୍ରାମବାସୀ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଅବହେଳିତ ଅବସ୍ଥାରେ ସୁଡ଼ଙ୍ଗ ଗ୍ରାମରେ ୨୫୦ରୁ ଅଧିକ ପରିବାର ଏବଂ ପ୍ରାୟ ୭୦୦ରୁ ଅଧିକ ଜନସଂଖ୍ୟା ଥିଲେ ମଧ୍ୟ ସ୍ୱାଧୀନତାର ୭ ଦଶନ୍ଧି ପରେ ବି ଏହା ଉପଯୁକ୍ତ ବିକାଶରୁ ବଞ୍ଚିତ ହୋଇରହିଛି । ଗ୍ରାମଟି ଏକ ହାମଲେଟ୍ ବା ପଡ଼ା ଗ୍ରାମ ଭାବେ ରହିଥିବାରୁ ଏଠାରେ ସରକାରୀ ଯୋଜନା ଗୁଡ଼ିକ ସଠିକ୍ ଭାବେ ପହଞ୍ଚି ପାରୁନାହିଁ । ରାଜସ୍ୱ ଗ୍ରାମର ମାନ୍ୟତା ନଥିବାରୁ MGNREGA ଏବଂ ଅନ୍ୟାନ୍ୟ ପ୍ରମୁଖ ସରକାରୀ ଯୋଜନା ଗ୍ରାମରେ କାର୍ଯ୍ୟକାରୀ ହୋଇପାରୁନାହିଁ । ସେହିପରି ଗ୍ରାମରେ ଆଜି ପର୍ଯ୍ୟନ୍ତ ପକ୍କା ରାସ୍ତା ଓ ପାନୀୟ ଜଳ ସୁବିଧା ନଥିବା ବେଳେ ଗ୍ରାମର ଲୋକମାନେ ଆଜି ପର୍ଯ୍ୟନ୍ତ ବିଦ୍ୟୁତ ଆଲୋକ ଦେଖିପାରିନାହାନ୍ତି । ଜଙ୍ଗଲ ଜମି ଅଧିକାର ଆଇନ୍ (FRA)-୨୦୦୬ ଅନୁଯାୟୀ ବହୁ ପାରମ୍ପରିକ ଜଙ୍ଗଲ ବାସିନ୍ଦା ଏପର୍ଯ୍ୟନ୍ତ 'ଲ୍ୟାଣ୍ଡ ପଟ୍ଟା' ପାଇବାରୁ ବଞ୍ଚିତ ଅଛନ୍ତି । ଗତବର୍ଷ ମାର୍ଚ୍ଚ ମାସରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ପଡ଼ା ଗ୍ରାମଗୁଡ଼ିକୁ ରାଜସ୍ୱ ଗ୍ରାମରେ ପରିଣତ କରିବା ନେଇ ଘୋଷଣା କରିଛନ୍ତି । ଏହି ପରିପ୍ରେକ୍ଷୀରେ ସୁଡ଼ଙ୍ଗା ଗ୍ରାମକୁ ତୁରନ୍ତ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ କଲେ ଗ୍ରାମର ସର୍ବାଙ୍ଗୀନ ବିକାଶ ହୋଇପାରନ୍ତା ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି ।

## ଓଲଟିଲା ହାଇୱା ଓ କାର୍: ଅଳ୍ପକେ ବର୍ତ୍ତିଲେ ଡ୍ରାଇଭର

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କଂସାର ପଞ୍ଚାୟତର କଂସାରଗଡା ନିକଟରେ ଏକ କାର୍ ଭାରସାମ୍ୟ ହରାଇ କେନାଲ୍ ଭିତରକୁ ଓଲଟି ଯାଇଥିଲା । କାର୍ ଭିତରେ ବସିଥିବା ଡ୍ରାଇଭର ଓ ଅନ୍ୟ ଲୋକମାନଙ୍କୁ ସ୍ଥାନୀୟ ଲୋକେ କାର୍ କବାଟ ତାଡି ବାହାର କରିଥିଲେ । ତେବେ ଏଥିରେ କାହାର ବିଶେଷ କ୍ଷତି ହୋଇନାହିଁ । ସେହିପରି କେନ୍ଦ୍ରାପଡା ବ୍ଲକ ନିକଟରେ ଏକ ୧୨ ଚକିଆ ହାଇୱା ବାଲି ନେଇ ଯାଉଥିବାବେଳେ ଭାରସାମ୍ୟ ହରାଇ ଏକ ବଡ ଚାକୁଣ୍ଡା ଗଛରେ ବାଡେଇ ହୋଇ ରାସ୍ତା କଡରେ ଓଲଟି ଯାଇଥିଲା । ଡ୍ରାଇଭର ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡିଛି । ଘଟଣା ସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ କରୁଥିବା ଜଣାପଡିଛି ।

## ନିଜ ଭାଷାରେ ପାଠ ପଢ଼ିବେ ଶିଶୁ: ଦୂର ହେବ ମାନସିକ ସଂକୋଚ

**କେନ୍ଦୁଝର, ନ୍ୟୁଜ୍**



ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଶିଶୁମାନଙ୍କୁ ସେମାନଙ୍କ ମାତୃଭାଷାରେ ପ୍ରାରମ୍ଭିକ ଶିକ୍ଷା ପ୍ରଦାନ କରିବା ପାଇଁ ଏକ ଅଭିନବ ପ୍ରୟାସ ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ କେନ୍ଦୁଝର ସଦର ବ୍ଲକ ସଭାଗୃହ ଠାରେ 'ଆମେ ପଢ଼ିବା ଆମ ଭାଷାରେ' କାର୍ଯ୍ୟକ୍ରମ ଅଧୀନରେ 'ହୋ' ଭାଷାରେ ଶିକ୍ଷାଦାନ ନିମନ୍ତେ ଏକ ଦିବସୀୟ ଜିଲ୍ଲା ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ମାତୃଭାଷାରେ ଶିକ୍ଷା ଉପରେ ଗୁରୁତ୍ୱ ଜାତୀୟ ଶିକ୍ଷା ନୀତି ୨୦୨୦କୁ ଆଧାର କରି ପ୍ରସ୍ତୁତ ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ ହେଉଛି ୩ରୁ ୬ ବର୍ଷ ବୟସର ଶିଶୁମାନଙ୍କୁ ସେମାନେ ବୁଝୁଥିବା ଓ କହୁଥିବା ମାତୃଭାଷାରେ ଶିକ୍ଷା ଦେବା । ଏହାଦ୍ୱାରା ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ଶିଶୁମାନଙ୍କର ବୌଦ୍ଧିକ ବିକାଶ ସହ ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି ପାଇବ । କେନ୍ଦୁଝର ଜିଲ୍ଲାରେ ମୁଖ୍ୟତଃ 'ମୁଣ୍ଡା' (ହୋ) ଭାଷା ଉପରେ ଗୁରୁତ୍ୱ ଦିଆଯାଇ ପ୍ରଥମ ପର୍ଯ୍ୟାୟରେ ଏହି ପାଇଲଟ୍ ପ୍ରୋଜେକ୍ଟ କାର୍ଯ୍ୟକାରୀ କରାଯାଉଛି । ଅଙ୍ଗନବାଡ଼ି କର୍ମୀଙ୍କ ଦକ୍ଷତା ବୃଦ୍ଧି ଏହି କାର୍ଯ୍ୟକ୍ରମରେ ଅଙ୍ଗନବାଡ଼ି କର୍ମୀ, ହେଲ୍ପର, ସୁପରଭାଇଜର ଏବଂ ସିଡିପିଓ ମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଉଛି । ଏଥିରେ ମାତୃଭାଷା ଆଧାରିତ ନୂତନ 'ଅରୁଣିମା' ପାଠ୍ୟକ୍ରମର ପ୍ରଚଳନ । ଶିଶୁ-ମିତ୍ର ଶିକ୍ଷା ପରିବେଶ ସୃଷ୍ଟି । ସ୍ଥାନୀୟ ଲୋକକଥା, ଲୋକଗୀତ ଓ ପରମ୍ପରାକୁ ଶିକ୍ଷାଦାନରେ ସାମିଲ କରିବା । ସହଯୋଗୀ ସଂସ୍ଥା ଓ ଜିଲ୍ଲା ସମାଜ କଲ୍ୟାଣ ବିଭାଗର ସୌଜନ୍ୟରୁ ଆୟୋଜିତ ଏହି କର୍ମଶାଳାରେ 'ପ୍ରଥମ' ପରି ସ୍ୱେଚ୍ଛାସେବୀ ସଂସ୍ଥା ସ୍ଥାନୀୟ ଭାଷାରେ ଶିକ୍ଷା ପ୍ରଦାନ ନିମନ୍ତେ ବୈଷୟିକ ସହଯୋଗ ଯୋଗାଇ ଦେଉଛନ୍ତି । ଏହି କର୍ମଶାଳାରେ ଉପସ୍ଥିତ ହୋଇ ଉପ-ଜିଲ୍ଲାପାଳ ଉମାକାନ୍ତ ଦଳାଇ କହିଥିଲେ 'ଯଦି ଜଣେ ଶିଶୁ ପ୍ରଥମ ଦିନରୁ ନିଜ ଭାଷା ବଦଳରେ ଏକ ଅଜଣା ଭାଷାର ସମ୍ମୁଖୀନ ହୁଏ, ତେବେ ସେ ମାନସିକ ସ୍ତରରେ ସଂକୁଚିତ ହୋଇଯାଏ । ଶିଶୁଟି ଯେପରି ନଡ଼ରି ଖୁସିରେ ଅଙ୍ଗନବାଡ଼ି କେନ୍ଦ୍ରକୁ ଆସିବ, ସେଥିପାଇଁ ମାତୃଭାଷା ଶିକ୍ଷାଦାନର ସର୍ବୋତ୍ତମ ମାଧ୍ୟମ । ଗୁରୁ (ଅଙ୍ଗନବାଡ଼ି କର୍ମୀ) ଓ ଶିଷ୍ୟଙ୍କ ମଧ୍ୟରେ ଯୋଗାଯୋଗର ମାଧ୍ୟମ ଠିକ୍ ରହିଲେ ହିଁ ଶିକ୍ଷାଦାନ ସଫଳ ହେବ । ଶିଶୁ ନିଜ ଭାଷାରେ ଶୁଣିଲେ ଓ ଶିଖିଲେ ତାକୁ ଅତି ସହଜରେ ଗ୍ରହଣ କରିପାରିବ । ଏହାଦ୍ୱାରା ପାଠପଢ଼ା ପ୍ରତି ତାର ଆଗ୍ରହ ବଢ଼ିବ । ଶିଶୁମାନଙ୍କୁ ସ୍କୁଲ ପ୍ରସ୍ତୁତି ନିମନ୍ତେ ଦକ୍ଷ କରିବା ଏବଂ ସେମାନଙ୍କ ସାଂସ୍କୃତିକ ପରିଚୟକୁ ବଜାୟ ରଖିବା ଦିଗରେ 'ଆମେ ପଢ଼ିବା ଆମ ଭାଷାରେ' ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି । ଏହି କର୍ମଶାଳାରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସବିତା ଦାଶ, ଜିଲ୍ଲା ମଙ୍ଗଳ କାର୍ଯ୍ୟାଳୟର ସ୍ୱତନ୍ତ୍ର ଅଧିକାରୀ ସୁନାରାମ ସିଂ, ଆଇଟିଡ଼ିଏ କେନ୍ଦୁଝରର ସ୍ୱତନ୍ତ୍ର ଅଧିକାରୀ ମନୋରଞ୍ଜନ ବେହେରା ଏବଂ ଏଡ଼ିଇଓ ରୁଦ୍ରନାରାୟଣ ସାମଲ ଯୋଗଦେଇ ଶିଶୁମାନଙ୍କ ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ରଞ୍ଜୁରାଣୀ ଦାସ, ଘଟଗାଁ ସିଡ଼ିପିଓ ଜୟନ୍ତୀ ମହାନ୍ତ, ଘଟଗାଁ ସରପଞ୍ଚ ମୁକୁନ୍ଦ ମୁଣ୍ଡା, ଆଇ.ସି.ଡି.ଏସ୍. ସେଲ୍ ପ୍ରକଳ୍ପ ଅଧିକାରୀ ବାସନ୍ତୀ ମହାନ୍ତ, ପ୍ରକଳ୍ପ ଅଧିକାରୀ ଚୁଲେଶ୍ୱରୀ ପଟେଲ ଏବଂ ଜିଲ୍ଲା ସଂଯୋଜକ, ପୋଷଣ ଅଜିତ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷଣ ପରିଚାଳନାରେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ଶିକ୍ଷାବିତ, ଅଙ୍ଗନୱାଡ଼ି କର୍ମୀ, ଜିଲ୍ଲାର ବିଭିନ୍ନ ବ୍ଲକରୁ ସିଡିପିଓ, ସୁପରଭାଇଜର ମାନେ ଅଂଶଗ୍ରହଣ କରିଥିଲେ । ଜିଲ୍ଲା ସମାଜ କଲ୍ୟାଣ ବିଭାଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



## ଶୈଳବାଳା ମହାବିଦ୍ୟାଳୟକୁ ପ୍ରଶାସନର ତାଗିଦ୍ ପରେ କଲେଜ ଭିତରକୁ ଗଣମାଧ୍ୟମର ପ୍ରବେଶ ବନ୍ଦ

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ଶୈଳବାଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି ପ୍ରସଙ୍ଗରେ କଠୋର ହେଲେ କଲେଜ କର୍ତ୍ତୃପକ୍ଷ । ଜିଲ୍ଲା ପ୍ରଶାସନର ତାଗିଦ୍ ପରେ ମଙ୍ଗଳବାର କଲେଜ ଭିତରକୁ ଗଣମାଧ୍ୟମ ପ୍ରବେଶକୁ ବାରଣ କରାଯାଇଛି । କଲେଜ ମୁଖ୍ୟ ଫାଟକ ସମ୍ମୁଖରେ ପୋଲିସ ବାରିକେଡ଼ିଂ ସହ ପୋଲିସ ମୁତୟନ କରାଯାଇଛି । ମଙ୍ଗଳବାର ଜିଲ୍ଲା ପ୍ରଶାସନ ଏବଂ ଆନ୍ଦୋଳନରତ ଛାତ୍ରୀଙ୍କ ମଧ୍ୟରେ ଆଲୋଚନା ପ୍ରସ୍ତାବ ରହିଛି । ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବିରେ ୩୩ ଦିନ ହେଲା ଆନ୍ଦୋଳନ ଚାଲିଛି । ସେପଟେ, ଆନ୍ଦୋଳନକୁ ପ୍ରଶାସନ ଚପାଇ ଦେବାକୁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି । ଜିଲ୍ଲା ପ୍ରଶାସନ ତରଫରୁ ଏନେଇ ମହାବିଦ୍ୟାଳୟ ପ୍ରିନ୍ସିପାଲଙ୍କ ଉପରେ ଚାପ ପକାଉଥିବା ଅଭିଯୋଗ ହୋଇଛି । ଖୋଦ୍ ପ୍ରିନ୍ସିପାଲ ଏ ନେଇ ମୁହଁ ଖୋଲିଛନ୍ତି । ପ୍ରିନ୍ସିପାଲ କହିଛନ୍ତି, ଆନ୍ଦୋଳନରତ ଛାତ୍ରୀମାନଙ୍କୁ ସମର୍ଥନ ଦେଉଥିବା କିଛି ସଙ୍ଗଠନର ସଦସ୍ୟ ଓ ପୁରାତନ ଛାତ୍ରୀ ସଙ୍ଗଠନର ସଦସ୍ୟମାନେ ମହାବିଦ୍ୟାଳୟ ପରିସରକୁ ପ୍ରବେଶ କରିବା ନେଇ ଜିଲ୍ଲା ପ୍ରଶାସନ ପ୍ରିନ୍ସିପାଲଙ୍କୁ ତାଗିଦ୍ କରିଛି । ଯଦି ବାହାର ଲୋକ କ୍ୟାମ୍ପସ୍‌ରେ ପ୍ରବେଶ କରିବା କାରଣରୁ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୁଏ, ତେବେ ଏଥିପାଇଁ ପ୍ରିନ୍ସିପାଲ ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ଜିଲ୍ଲା ପ୍ରଶାସନ ଚେତାବନୀ ଦେଇଥିବା ଅଭିଯୋଗ ହୋଇଛି । ସେପଟେ ଆନ୍ଦୋଳନକୁ ସମର୍ଥନ ଜଣାଉଥିବା ମଧୁ ସ୍ମୃତି ସୁରକ୍ଷା ସମିତି କହିଛି, ଏଭଳି ତାଗିଦ୍ କରି ପ୍ରଶାସନ ପୁରା ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ଚାହୁଁଛି । ସୂଚନାଯୋଗ୍ୟ ଯେ, ୧୯୧୩ ମସିହାରେ ପ୍ରତିଷ୍ଠା ହୋଇଥିବା ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ ରାଜ୍ୟର ପ୍ରଥମ ମହିଳା ମହାବିଦ୍ୟାଳୟ । ଏହାସହ ଭାରତର ପାଞ୍ଚୋଟି ସର୍ବପ୍ରାଚୀନ ମହିଳା ମହାବିଦ୍ୟାଳୟ ମଧ୍ୟରେ ଶୈଳବାଳା ଅନ୍ୟତମ । ଏହି ମହିଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବିରେ ଗତ ୨୮ ଦିନ ହେଲା ଛାତ୍ରୀମାନେ ଆନ୍ଦୋଳନ କରିଆସୁଛନ୍ତି । ତେବେ ଏଭଳି ଐତିହ୍ୟ ସମ୍ପନ୍ନ ଶତାୟୁ ମହିଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବିକୁ ଉପେକ୍ଷା କରି ରାଜ୍ୟ ସରକାର ଅନ୍ୟ ଜିଲ୍ଲାରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନିଷ୍ପତ୍ତିକୁ ବିରୋଧ କରି ଛାତ୍ରୀମାନେ ମହାବିଦ୍ୟାଳୟ ଫାଟକରେ ତାଲା ପକାଇ ଶ୍ରେଣୀ ବର୍ଜନ କରିଥିଲେ । ସରକାର ଅସ୍ମିତା କଥା କହି କ୍ଷମତାକୁ ଆସିଥିଲେ । ଆଉ ଶୈଳବାଳା ମହାବିଦ୍ୟାଳୟର ଛାତ୍ରୀ ମାନଙ୍କର ଦାବିକୁ ଉପେକ୍ଷା କରିବା ଅର୍ଥ ହେଉଛି ଓଡ଼ିଆ ଅସ୍ମିତାକୁ ଉପେକ୍ଷ କରିବା ବୋଲି ଛାତ୍ରୀମାନେ କହିଥିଲେ । ସେହିପରି ବିଭିନ୍ନ ସଙ୍ଗଠନ ମଧ୍ୟ ଶୈଳବାଳାକୁ ଉପେକ୍ଷା କଟକକୁ ଉପେକ୍ଷା କରିବା ସହ ସମାନ ଛାତ୍ରୀମାନେ କହିଥିଲେ ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**

(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)

ମୋବାଇଲ-୯୩୩୭୬୯୩୦୨୨

csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୮ / ୫ ଚନ୍ଦ୍ର | ୩ | ଶ୍ର୨ / ଚନ୍ଦ୍ରକୁମ୍ଭଲଗ୍ନ |
| ୬ | ୫ / ୩ | ୧୨ |
| ୭ କେ / ୮ | ୯ | ୧୧ / ୧୦ |

ସନ- ୧୪୩୩ ସାଲ, ଶକାବ୍ଦ- ୧୯୪୩, ସମ୍ୱତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୬।୦୨।୨୦୨୬, ଫାଲ୍‌ଗୁନ ଦି୧୪ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ ୬।୧୧।୪୨** **ଚନ୍ଦ୍ରୋଦୟ- ଦିଘ ୧୨।୫୫।୩୬**

**ଦଶମୀ-** ରାଘ ୧୨।୩୫ ପର୍ଯ୍ୟନ୍ତ, ମୃଗଶିରା ନକ୍ଷତ୍ର ଦିଘ ୧୨।୧୩ ପର୍ଯ୍ୟନ୍ତ । **ମିଥୁନ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, ତୁଳା, ଧନୁ, ମକର, କୁମ୍ଭ ରାଶିର । **ଘାତ ଚନ୍ଦ୍ର-** କନ୍ୟା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** କଳମ ଶାଗ ରାଘ ୧୨।୩୫ ଗତେ ଶିମ୍ବ ଓ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୬।୧୪ ଗତେ ଦିଘ ୭।୪୫ ମଧ୍ୟେ । ଦିଘ ୧୦।୫୨ ଗତେ ଦିଘ ୧।୧୧ ମଧ୍ୟେ । **ପର୍ବୋତ୍ସବ-** ସୁଦଶା ବ୍ରତ, ଫଗୁ ଦଶମୀ ।



**ମେଷ:** ଆଜି ଦିନଟି ବେଶ୍ ହସ ଖୁସିରେ ବିତାଇବେ । କାର୍ଯ୍ୟ ସାଫଲ୍ୟ ହେତୁ ମନରେ ଆନନ୍ଦ ଆସିବ । ଅନ୍ୟମାନଙ୍କ ପାଖରେ ସମ୍ମାନିତ ହେବେ । ବନ୍ଧୁ ସହଯୋଗ ଲାଭ କରିବେ । ରୋଜଗାରରେ ପ୍ରଗତି ।



**ବୃଷ:** ସମସ୍ତଙ୍କ ଅସହଯୋଗ ଆପଣଙ୍କୁ ହତୋତ୍ସାହିତ କରିବ । କର୍ମହାନୀର ସମ୍ଭାବନା । ଦୁଶ୍ଚିନ୍ତାରେ ପଡ଼ିପାରନ୍ତି । ଆୟର ପରିମାଣ ବଢ଼ିବ । ପାରିବାରିକ ଜଞ୍ଜାଳଗ୍ରସ୍ତ ହେବେ । ମହିଳାମାନେ ଗର୍ବୀ ହେବେ ।



**ମିଥୁନ:** ପୁରାତନ କର୍ମପ୍ରାପ୍ତିର ସୁଯୋଗ ଲାଭ କରିବେ । ଆଜି ଆହାର ବ୍ୟବହାର ପ୍ରତ୍ୟେକରେ ତୃପ୍ତି ଲାଭ କରିବେ । ରୋଜଗାର ଭଲ ହେବ । ଗୃହେ ଆନନ୍ଦ ପ୍ରାପ୍ତି ହେବ । ଦେହ ଭଲ ରହିବ ।



**କର୍କଟ:** ବନ୍ଧୁ ସହଯୋଗ ଲାଭ କରିବା ସହିତ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ଆୟ ଠାରୁ ବ୍ୟୟର ପରିମାଣ କ୍ରମଶଃ ଅଧିକ ହେବ । କର୍ମକ୍ଷେତ୍ରରେ ପ୍ରଶଂସା ଲାଭ କରିବେ । କିନ୍ତୁ ଘରେ ଅଶାନ୍ତି ଦେଖାଦେବ ।



**ସିଂହ:** ବିଭିନ୍ନ ପ୍ରକାର ସମସ୍ୟା ମଧ୍ୟ ଦେଇ ଗତି କରିବେ । କର୍ମକ୍ଷେତ୍ରରେ ସହଯୋଗ ଲାଭ କରିପାରିବେ । ପାରିବାରିକ ସମସ୍ୟା ଦେଖାଦେବ । ମନ ଅସ୍ଥିର ରହିବ । ରୋଜଗାରରେ ବୃଦ୍ଧି ହେବ । ବନ୍ଧୁଙ୍କ ସହ କଳହ ।



**କନ୍ୟା:** ସାହାଯ୍ୟ ସହଯୋଗ ଲାଭ କରିବେ । କର୍ମକ୍ଷେତ୍ରରେ ଅଗ୍ରଗତି କରିବେ । ଆୟର ପରିମାଣ ବଢ଼ିବ । ଦିନସାରା କର୍ମଚଞ୍ଚଳ ରହିବେ । ସୁସମ୍ବାଦ ପ୍ରାପ୍ତି । ଘରେ ଆନନ୍ଦ ଲାଭ । ଦୂରଯାତ୍ରା କରିପାରନ୍ତି ।



**ତୁଳା:** ଅନ୍ୟମାନଙ୍କ ମଧ୍ୟରେ କର୍ମ ସମ୍ପାଦାନ ପାଇଁ ପରିସ୍ଥିତି ସୃଷ୍ଟି ହେବ । ବନ୍ଧୁ ସହଯୋଗ ପାଇବେ । ତଥାପି ଅଳସୁଆ ପଣରୁ ପାରିବାରିକ କର୍ମହାନୀ । ଆୟ ଓ ବ୍ୟୟର କିଛି ପରିବର୍ତ୍ତନ ହେବନାହିଁ ।



**ବିଛା:** ମନରେ ଅଶାନ୍ତି ସହିତ ଦୁଶ୍ଚିନ୍ତା ବଢ଼ିବାର ଆଶଙ୍କା ରହିଛି । କର୍ମହାନୀର ସୂଚନା । ଦେହ ପୀଡ଼ା ଅନୁଭବ କରିବେ । ଆୟ ଠାରୁ ବ୍ୟୟର ପରିମାଣ ଅଯଥାରେ ବଢ଼ିବ । ସମସ୍ତ ଆଡ଼କୁ ନଜର ରଖି କାର୍ଯ୍ୟ କରିବେ ।



**ଧନୁ:** ବନ୍ଧୁ ସହଯୋଗରେ ନିଜର କାର୍ଯ୍ୟ ସାଧନା କରିପାରିବେ । କର୍ମକ୍ଷେତ୍ରରେ ବେଶ୍ ଆନନ୍ଦ ଅନୁଭବ କରିବେ । ଆହାରେ ତୃପ୍ତି କିନ୍ତୁ ରୋଜଗାରରେ ବାଧା । କର୍ମକ୍ଷେତ୍ରରେ ଅନୁସ୍ଥିତ ରହିବେ ।



**ମକର:** ଆପଣଙ୍କ ଅନିଷ୍ଟ କର୍ତ୍ତା ଆଜି ହାର୍ ମାନିବେ । ଶତ୍ରୁ ହାନୀ କରି ଆପଣ କର୍ମପଥରେ ଆଗେଇଯିବେ । ପାରିବାରିକ ଶାନ୍ତି ଅନୁଭବ କରିବେ । ଗୁରୁଜନଙ୍କ ଆଶୀର୍ବାଦ ଲାଭ କରିବେ ।



**କୁମ୍ଭ:** ନିଜକୁ ଜଗିରଖି ଚଳିବା ସହିତ ରସନା ସଂଯମ କରଣୀୟ । ନଚେତ୍ ଅଯଥା ମାନହାନୀର ଆଶଙ୍କା । ବ୍ୟୟର ପରିମାଣ ଅଧିକ ହେବ । ଘରେ ଜଞ୍ଜାଳ ବଢ଼ିବ । ବହୁ ସମୟ ଅନ୍ୟମନସ୍କ ରହିବେ ।



**ମୀନ:** ମନରେ ବିଭିନ୍ନ ପ୍ରକାର ଆଶଙ୍କା ଉଙ୍କି ମାରିବ । ପ୍ରତ୍ୟେକ କର୍ମରେ ପ୍ରତିରୋଧର ସମ୍ମୁଖୀନ ହେବେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ପାରିବାରିକ ଶାନ୍ତି ଲାଭ ହେବ ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦ- ୧୯୪୩, ସମ୍ୱତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୭।୦୨।୨୦୨୬, ଫାଲ୍‌ଗୁନ ଦି୧୫ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ ୬।୧୦।୫୮** **ଚନ୍ଦ୍ରୋଦୟ- ଦିଘ ୧।୪୯।୧୬**

**ଏକାଦଶୀ-** ରାଘ ୧୦।୩୬ ପର୍ଯ୍ୟନ୍ତ, ଆର୍ଦ୍ରା ନକ୍ଷତ୍ର ଦିଘ ୧୦।୫୧ ପର୍ଯ୍ୟନ୍ତ । **ମିଥୁନ ଚନ୍ଦ୍ର-** ରାଘ ୩।୫୫ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, ତୁଳା, ଧନୁ, ମକର, କୁମ୍ଭ ରାଶିର । ରାଘ ୩।୫୫ ଗତେ ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ, ମୀନ ରାଶିର । **ଘାତ ଚନ୍ଦ୍ର-** କନ୍ୟା ରାଶିର । ରାଘ ୩।୫୫ ଗତେ ନାହିଁ । **ଶ୍ରାଦ୍ଧନିର୍ଣ୍ଣୟ-** ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଶିମ୍ବ ଓ ଆମିଷ ରାଘ ୧୦।୩୬ ଗତେ ପୋଇ ଓ ମସୁର ଡାଲି ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୬।୧୩ ଗତେ ଦିଘ ୬।୫୯ ମଧ୍ୟେ । ଦିଘ ୧୨।୨୪ ଗତେ ଦିଘ ୨।୪୩ ମଧ୍ୟେ । **ପର୍ବୋତ୍ସବ-** ଆମଳକୀ ଏକାଦଶୀ ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

## ରହସ୍ୟ ଘେରରେ 'ଏରିଆ-୫୧'

ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି, ଏଲିୟନ୍ ଓ ବାହ୍ୟଗ୍ରହ ଜୀବଙ୍କ ସମ୍ପର୍କିତ ସରକାରୀ ଫାଇଲ୍ ଚିହ୍ନଟ କରି ସେଗୁଡ଼ିକୁ ଜାରି କରିବାକୁ ପ୍ରତିରକ୍ଷା ବିଭାଗ ସମେତ ଆମେରିକୀୟ ଏଜେନ୍ସିଗୁଡ଼ିକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ସଦ୍ୟ ରିପୋର୍ଟରୁ ଏହା ସାମ୍ନାକୁ ଆସିଛି । ଦେଶର ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମା ଗତ ସପ୍ତାହ ଏକ ପଡ୍‌କାଷ୍ଟରେ ଏଲିୟନ୍ ବାସ୍ତବ ବୋଲି ନିଜର ମତ ଉପସ୍ଥାପନ କରିବା ପରେ ଟ୍ରମ୍ପ୍ ଏହି ଘୋଷଣା କରିଛନ୍ତି । ଓବାମାଙ୍କ ବୟାନ ସ୍ୱାଭାବିକ ଥିଲେ ମଧ୍ୟ ବିଶ୍ୱର ଧ୍ୟାନ ଆକର୍ଷଣ କରିଛି । ପଡ୍‌କାଷ୍ଟରେ ସେ କହିଥିଲେ, ଏଲିୟନ୍ ପ୍ରକୃତରେ ଥାଇପାରନ୍ତି । କିନ୍ତୁ ସେମାନଙ୍କୁ ସେ କେବେ ଦେଖିନାହାନ୍ତି ଏବଂ ଏହି ବାହ୍ୟଗ୍ରହ ଜୀବଙ୍କ ରହିବା ପାଇଁ କୌଣସି ଗୁପ୍ତ ଭୂତଳ ସ୍ଥାନ ବିଷୟରେ ବି ଜାଣିନାହାନ୍ତି । ଏହି ସ୍ଥାନକୁ ରାଷ୍ଟ୍ରପତିଙ୍କଠୁ ମଧ୍ୟ ଲୁଚାଇ ରଖାଯାଇଛି । ପଡ୍‌କାଷ୍ଟରେ ଏହା କହିବା ପରେ ଓବାମା ନିଜ ଇନଷ୍ଟାପୋଷ୍ଟରେ ସ୍ପଷ୍ଟ କଲେ, ତାଙ୍କ ରାଷ୍ଟ୍ରପତିତ୍ୱରେ ପରଗ୍ରହୀ ଜୀବଙ୍କ ସହିତ କୌଣସି ଯୋଗାଯୋଗର ପ୍ରମାଣ ସେ ଦେଖିନଥିଲେ । ଓବାମାଙ୍କ ମତ ଉପରେ ଟ୍ରମ୍ପ୍ ଦୃଢ଼ ପ୍ରତିକ୍ରିୟା ଦେଇ ଏହାକୁ ତ୍ରୁଟି ବୋଲି କହିଲେ । ଓବାମା ଏ ବିଷୟ ସର୍ବସମ୍ମୁଖରେ ଉପସ୍ଥାପନ କରିବା ଉଚିତ୍ ନ ଥିଲା ବୋଲି ମଧ୍ୟ କହିଲେ । ଟ୍ରମ୍ପ୍ ଏୟାର ଫୋର୍ସ ୱାନ୍‌ରେ ସାମ୍ବାଦିକଙ୍କୁ କହିଲେ, ଏଲିୟନ୍‌ଙ୍କ ଉପରେ ତାଙ୍କର କୌଣସି ବ୍ୟକ୍ତିଗତ ମତ ନାହିଁ । କିନ୍ତୁ ଏହାକୁ ନେଇ ଅନେକଙ୍କ ରୁଚି ରହିଛି । ଏହା ପରେ ଟ୍ରୁଥ୍ ପ୍ଲାଟ୍‌ଫର୍ମରେ ସେ କହିଲେ, ଏଲିୟନ୍ ଜୀବନ, ୟୁଏଫ୍‌ଓ (ରହସ୍ୟମୟୀ ଉଡ଼ନ୍ତା ବସ୍ତୁ) ଓ ୟୁଏପି (ଅଜଣା ଉଡ଼ନ୍ତା ଘଟଣା) ସମ୍ପର୍କିତ ସମସ୍ତ ଫାଇଲ୍ ଜାରି କରାଯାଉ ବୋଲି ସେ ଚାହାନ୍ତି । ଟ୍ରମ୍ପ୍‌ଙ୍କ ପ୍ରତିକ୍ରିୟା ପରେ ବିଶ୍ୱରେ ଅଧ୍ୟୟନକର୍ତ୍ତାଙ୍କ ମଧ୍ୟରେ ପୁଣି ଥରେ ନୂଆ ବିତର୍କ ଜନ୍ମ ନେଇଛି । ପୂର୍ବରୁ ଆଲୋଚନା ହେଉଥିବା ଏହି ଅସ୍ୱାଭାବିକ ଘଟଣା ଲୋକଙ୍କ କୌତୁହଳକୁ ଆହୁରି ବଢ଼ାଇଛି । ଏହାକୁ ନେଇ ଅନେକ କଳ୍ପନା, ଆଲୋଚନା ହେଉଛି । ଲୋକେ ଗୁଇନ୍ଦା ଏଜେନ୍ସିଗୁଡ଼ିକଠୁ ତଥ୍ୟର ସ୍ୱଚ୍ଛତା ଦାବି କରିଛନ୍ତି । ଏଲିୟନ୍ କଥା ଆସିଲେ, 'ଏରିଆ-୫୧' ସର୍ବଦା ଆଲୋଚନାର ବିଷୟ ହୋଇଥାଏ । 'ଏରିଆ-୫୧' ବିନା ଏଲିୟନ୍‌ଙ୍କ ଉପରେ ଆଲୋଚନା ଅପୂର୍ଣ୍ଣ । ଏହା ନାଭେଡାର ଛୋଟ ଟାଉନ୍ ରଶେଲ ଓ ହିକୋ ନିକଟରେ ସ୍ଥିତ ଏକ ଗୁପ୍ତ ଆମେରିକୀୟ ବାୟୁସେନା ଘାଟି । ଏଠାରେ ପ୍ରବେଶ ସମ୍ପୂର୍ଣ୍ଣ ନିଷେଧ । ଚେତାବନୀ ବୋର୍ଡ, ସଶସ୍ତ୍ର ପ୍ରହରୀ ଓ ୨୪ ଘଣ୍ଟିଆ ବୈଦ୍ୟୁତିକ ନିରୀକ୍ଷଣ ଲୋକଙ୍କୁ ଏଠାରୁ ଦୂରେଇ ରଖେ । ସାଟେଲାଇଟ୍ ଛବିରେ ଦୃଶ୍ୟମାନ ହେଲେ ମଧ୍ୟ ଏହି ଘାଟି ଉପରେ ବିମାନ ଉଡ଼ାଣ ଅବୈଧ । ଶୀତଳ ଯୁଦ୍ଧ ସମୟରେ ୟୁ-୨ ଓ ଏସ୍‌ଆର-୭୧ ବ୍ଲାକ୍ ବାର୍ଡ ଭଳି ବିମାନର ପରୀକ୍ଷଣ ନିମନ୍ତେ ଏରିଆ-୫୧ର ସ୍ଥାପନା ହୋଇଥିଲା। ୨୦୧୩ରେ ସିଆଇଏ ଦ୍ୱାରା ଏହାର ଉପସ୍ଥିତିକୁ ଔପଚାରିକ ରୂପେ ମାନ୍ୟତା ଦିଆଗଲା । ଆଜି ବି ଏଠାରେ ଉନ୍ନତ ବିମାନ ଓ ଡ୍ରୋନ୍ ବିକାଶ ଜାରି ରହିଛି । କିଛି ବିଶେଷଜ୍ଞଙ୍କ ଅନୁସାରେ, ୧୯୫୦ ଦଶକ ପ୍ରାରମ୍ଭରେ ଲୋକଙ୍କୁ ବିଭ୍ରାନ୍ତ କରିବା ଲାଗି ଗୁଇନ୍ଦା ଏଜେନ୍ସିମାନେ ଏଲିୟନ୍ ଗୁଜବ ପ୍ରସାର କରିଥିଲେ । ଗତ କିଛି ବର୍ଷ ହେଲା ରହସ୍ୟମୟ ଉଡ଼ନ୍ତା ବସ୍ତୁ ଲୋକଙ୍କ ରୁଚି ବଢ଼ାଇଛନ୍ତି । ୨୦୧୭ରେ ଏକ ଗୁପ୍ତ ପେଣ୍ଟାଗନ୍ ପ୍ରୋଗ୍ରାମ୍ ସମ୍ପର୍କରେ ରିପୋର୍ଟ ସାମ୍ନାକୁ ଆସିଥିଲା, ଯାହା ସେନା କର୍ତ୍ତୃପକ୍ଷଙ୍କ ଦ୍ୱାରା ରିପୋର୍ଟ କରାଯାଇଥିବା କିଛି ଅସ୍ୱାଭାବିକ ଦୃଶ୍ୟ ଉପରେ ଆଲୋକପାତ କରିଥିଲା । ତା'ପରେ ୨୦୨୨ରେ ଆମେରିକା କଂଗ୍ରେସ ୫୦ ବର୍ଷରେ ପ୍ରଥମ ଥର ୟୁଏଫ୍‌ଓ ସମ୍ପର୍କରେ ଶୁଣାଣି କରିଥିଲା । ଏପରିକି ପେଣ୍ଟାଗନ୍ ୟୁଏପି ବା ଏଲିୟନ୍ ସମ୍ପର୍କିତ ଘଟଣାର ତଥ୍ୟ ସଂଗ୍ରହ ଲାଗି ଏକ କାର୍ଯ୍ୟାଳୟ ମଧ୍ୟ ସ୍ଥାପନା କଲା । ତେବେ ଅଦ୍ୟାବଧି କୌଣସି ଯାଞ୍ଚ ଏଲିୟନ୍ ଜୀବନର ପ୍ରମାଣ ପାଇନାହିଁ । ଯାହାକୁ ରହସ୍ୟମୟୀ ଉଡ଼ନ୍ତା ବସ୍ତୁ କୁହାଯାଇଛି, ତାକୁ ପରେ ସାଧାରଣ ବିମାନ, ପାଣିପାଗ ବେଲୁନ୍, ଡ୍ରୋନ୍ ଓ ଅନ୍ୟ ଉଡ଼ନ୍ତା ବସ୍ତୁ ଭାବେ ଚିହ୍ନଟ କରାଯାଇଛି ।

## ଗୁଜୁରାଟର ରାଜ୍ୟପକ୍ଷୀ-ଏରା



ଡ. ବିଜୟ କେତନ ପଟ୍ଟନାୟକ
ଅବସରପ୍ରାପ୍ତ ପ୍ରଧାନ ମୁଖ୍ୟ ବନପ୍ରାଣୀ ସଂରକ୍ଷକ, ଓଡ଼ିଶା
ମୋ : ୯୪୩୭୦୦୦୯୦୪

ଏରା ପକ୍ଷୀକୁ ଗୁଜୁରାଟରେ ରାଜ୍ୟ ପକ୍ଷୀର ମାନ୍ୟତା ଦିଆଯାଇଛି । ପକ୍ଷୀଟିର ସାଧାରଣ ଇଂରାଜୀ ନାମ ଗ୍ରେଟ୍ ଫ୍ଲାମିଙ୍ଗୋ । ବୈଜ୍ଞାନିକ ନାମ ଫୋଏନିକପଟେରୋସ ରୋଜିଆସ । ହିନ୍ଦୀରେ ଏହି ପକ୍ଷୀର ନାମ ବୋରାହନସ, ଚାରଦ ବାଗ୍‌ଗୋ । ଓଡିଆରେ ଏହାକୁ ଏରାପକ୍ଷୀ ଓ ମରାଳ ବୋଲି ମଧ୍ୟ କୁହାଯାଏ । ଏହି ବ୍ରାଜକ ପକ୍ଷୀ ଶୀତ ଋତୁରେ ଚିଲିକା ହ୍ରଦରେ ବିଶେଷ ଭାବେ ଦୃଶ୍ୟମାନ ହେଉଥିବାରୁ କବିବର ସ୍ୱର୍ଗତ ରାଧାନାଥ ରାୟ ଚିଲିକା କାବ୍ୟରେ ଲେଖିଥିଲେ । ମରାଳ ମାଳିନୀ ନୀଳାମ୍ବୁ ଚିଲିକା । ପକ୍ଷୀଟିର ବଂଶ ହେଉଛି ଫୋଏନିକପ୍‌ଟେରେଡି । ଏରାପକ୍ଷୀ ଏହି ବଂଶର ଗୋଟିଏ ମାତ୍ର ଦେଖିବାକୁ ମିଳୁଥିବା ପକ୍ଷୀ ।

ବ୍ୟାପ୍ତି ଓ ବିସ୍ତୃତି-ଏରାପକ୍ଷୀ ଭାରତ ଉପମହାଦେଶର, ଅର୍ଥାତ୍ ଭାରତ, ପାକିସ୍ତାନ ଓ ବାଂଲାଦେଶର ସ୍ଥାୟୀ ଅଧିବାସୀ । ମଧ୍ୟପ୍ରାଚ୍ୟ, ଦକ୍ଷିଣ ୟୁରୋପ ଏବଂ କାଜାକିସ୍ତାନ ଆଦି କେତେକ ଅଞ୍ଚଳରେ ମଧ୍ୟ ଦେଖିବାକୁ ମିଳନ୍ତି । ସାଧାରଣତଃ ଗୁଜୁରାଟର ରନ୍ ଅଫ୍ କଛ ଲବଣାକ୍ତ ଆର୍ଦ୍ରଭୂମିରେ ବହୁ ସଂଖ୍ୟକ ଏରାପକ୍ଷୀ ସ୍ଥାୟୀ ଭାବେ ବସବାସ କରନ୍ତି ଏବଂ ଅଣ୍ଡା ଦେଇ ବଂଶ ବିସ୍ତାର କରନ୍ତି । ରନ୍ ଅଫ କଛ, କଛ ଜିଲ୍ଲାର ଥର୍ ମରୁଭୂମିରେ ଅବସ୍ଥିତ । ଏହି ସବୁ ଅଞ୍ଚଳରୁ ଏରାପକ୍ଷୀ ପ୍ରତିବର୍ଷ ଶୀତଋତୁରେ ଓଡିଶାର ଚିଲିକା ହ୍ରଦକୁ ପରିବ୍ରଜନରେ ଆସିଥାନ୍ତି । ଏରାପକ୍ଷୀମାନେ ଦଳ ଦଳ ହୋଇ ସମୁଦ୍ରତଟ ନିକଟରେ ଥିବା ଅଗଭୀର ହ୍ରଦ, ଲବଣାକ୍ତ ଆବଦ୍ଧ ଜଳରାଶୀ, ଜୁଆରିଆ କର୍ଦ୍ଦମାକ୍ତ ଅଞ୍ଚଳରେ ଏବଂ ସମୟ ସମୟରେ ମଧୁର ଜଳର ଯୋର ବା ନାଳ କୂଳରେ ବସବାସ କରନ୍ତି ।

ଆକୃତି-ଈଷତ୍ ଲାଲ ବା ଗୋଲାପି-ଧଳା ରଂଗ ଏହି ପକ୍ଷୀର ବିଶେଷତ୍ୱ । ଶରୀରର ଆକୃତି ଗୃହପାଳିତ ହଂସ ପରି ବଡ । ଗୋଡଗୁଡିକ ବାଡିପରି ବେଶ୍ ଲମ୍ବା । ଅନାବୃତ , ମିଶ୍ରିତ ପାଟଳ ଓ ଧଳାରଙ୍ଗ । ବେକ ମଧ୍ୟ ଲମ୍ବା ଓ ତରଙ୍ଗ ପରି ବକ୍ର । ଠିଆ ହୋଇଥିଲାବେଳେ ପକ୍ଷୀଟିର ଉଚ୍ଚତା୧୧୦ରୁ ୧୫୦ସେଣ୍ଟିମିଟର । ସ୍ତ୍ରୀ ଏରାପକ୍ଷୀ ଆକାରରେ ଅପେକ୍ଷାକୃତ ଛୋଟ ହୋଇଥାଏ । ବଡ ଏରାପକ୍ଷୀର ଓଜନ ସାଢେ ତିନି କିଲୋଗ୍ରାମ ହୋଇଥିଲାବେଳେ, ଛୋଟ ଏରାପକ୍ଷୀର ଓଜନ୨.୫କିଲୋଗ୍ରାମ । ଏହାର ପାଟଳ ବର୍ଣ୍ଣର ଭାରୀ ଥଣ୍ଟ ମଝି ଅଂଶରୁ ତଳକୁ ଭାଙ୍ଗି ଯାଇଥାଏ । ସେହିପରି ବେକର ମଝିଅଂଶରୁ ତଳକୁ ବକ୍ର ହୋଇ ରହିଥାଏ । ଉଭୟ ବେକ ଥଣ୍ଟର ସ୍ୱାତନ୍ତ୍ର୍ୟତା ଏରାପକ୍ଷୀର ଏକ ବିଶେଷ ଲକ୍ଷଣ । ପାଦର ଆଙ୍ଗୁଳି ମଝିରେ ପାତିହଂସ ପରି ଯୋଜକ ଚର୍ମ ରହିଥାଏ । ଏରାପକ୍ଷୀର ଛୁଆମାନଙ୍କର ରଙ୍ଗ ବାଦାମୀ ଧୂସର ରଙ୍ଗ । ଥଣ୍ଟ ମଧ୍ୟ ପ୍ରଥମାବସ୍ଥାରେ ବାଦାମୀ ଦେଖାଯାଏ, କିନ୍ତୁ ଛଅ, ସାତବର୍ଷ ବେଳକୁ ଏହାର ରଙ୍ଗ ବଦଳି ଯାଇ ଗୋଲାପି ବା ଫିକା ନାଲି ରଙ୍ଗ ହୋଇଯାଏ । ଏରାପକ୍ଷୀ ଦଳବଦ୍ଧ ହୋଇ ଉଡି ଯାଉଥିବାବେଳେ, ସେମାନଙ୍କର ଉଜ୍ଜ୍ୱଳ ରକ୍ତ ବର୍ଣ୍ଣର ଡେଣା ଓ ଡେଣା କଡରେ ଥିବା କୃଷ୍ଣବର୍ଣ୍ଣପରିସ୍ଫୁଟ ହୋଇ ଦେଖାଯାଏ । ଦଳଦଳ ହୋଇ ଏରାପକ୍ଷୀ ଉଡିବା ସମୟର ଦୃଶ୍ୟ ଅତୀବ ମନୋରମ ।

ଖାଦ୍ୟ-ଏରାପକ୍ଷୀ ପ୍ରାୟତଃ ଦଳଦଳ ହୋଇ ରୁହନ୍ତି । ଗୋଟିଏ ଦଳରେ ବେଳେ ବେଳେ ହଜାର ହଜାର ପକ୍ଷୀ ଥାନ୍ତି । ଅଗଭୀର ଜଳ ଭିତରକୁ ଚାଲି ଚାଲି ଯାଇ ସେମାନେ ଖାଦ୍ୟ ଅନ୍ୱେଷଣ କରନ୍ତି । ଖାଦ୍ୟ ଆହରଣ ସମୟରେ ବେକତଳକୁ ବାଙ୍କି ହୋଇ ରହିଥାଏ ଏବଂ ମୁଣ୍ଡ ସଂପୂର୍ଣ୍ଣ ରୂପେ ପାଣି ଭିତରେ ବୁଡିରୁହେ । ଏରାପକ୍ଷୀର ସ୍ୱତନ୍ତ୍ର ପ୍ରକାରର ଥଣ୍ଟ ଓଲଟି ରହିବା ଫଳରେ ପାଣି ତଳେ ଥିବା କାଦୁଅକୁ ଆଲୋଡିତ କରେ । କ୍ଷୁଦ୍ର କ୍ଷୁଦ୍ର କ୍ରଷ୍ଟେସିଆ ଜାତୀୟ ପ୍ରାଣୀ ଯଥା କଙ୍କଡା, ଚିଙ୍ଗୁଡି, ଛୋଟ ମାଛ, କୀଟର ଲାଭା, ଜିଆ, ଜଳଜଉଦ୍ଭିଦର ମଞ୍ଜି, ଆଲ୍‌ଗେ ବା ସାମୁଦ୍ରିକ ଶୈବାଳ ଜାତୀୟ ଜଳଜ ଉଦ୍ଭିଦ ଏବଂ ପଙ୍କ ଭିତରେ ଥିବା ଅନ୍ୟ ଜୈବିକ ପଦାର୍ଥ ଏରାପକ୍ଷୀର ଆହାର । ଉଭୟ ଶାକାହାରୀ ଓ ମାଂସାହାରୀ ହୋଇଥିବାରୁ ଏମାନଙ୍କୁ ସର୍ବଭକ୍ଷ କୁହାଯାଏ । ଏରାପକ୍ଷୀଗୁଡିକ ହାଲ୍‌କା ପାଟଳ ରଙ୍ଗର ବା ଗୋଲାପି ରଙ୍ଗର ଦେଖାଯିବାର ଅନ୍ୟତମ କାରଣ ହେଉଛି ସେମାନେ ଖାଉଥିବା ଆଲ୍‌ଗେରେ ଥିବା ବିଟା କାରୋନିକ ନାମକ ଏକ ଜୈବ ରାସାୟନିକ ତତ୍ତ୍ୱ । ଯେଉଁଥିରେ ଲାଲ୍ କମଳାରଙ୍ଗର ପ୍ରାକୃତିକ ଉପାଦାନ ଥାଏ । ଦଳେ ଏରାପକ୍ଷୀ ଏକତ୍ର ଉଡିଗଲାବେଳେ ଭଡ ଭଡ ବା ଚବର ଚବର ଶବ୍ଦ ହୋଇଥାଏ ।

ଆଚାର ବ୍ୟବହାର-ଏରାପକ୍ଷୀ ଏକ ଜଳଚର ପ୍ରାଣୀ । ଏମାନେ ଦଳ ଦଳ ହୋଇ ଲବଣାକ୍ତ ହ୍ରଦ ନିକଟରେ ବସବାସ କରନ୍ତି । ବେଳେ ବେଳେ ଗୋଟିଏ ଗୋଟିଏ ଦଳରେ ହଜାର ହଜାର ସଂଖ୍ୟାର ପକ୍ଷୀ ଥାନ୍ତି । ଏକାଠି ରହିବାର ମୁଖ୍ୟ କାରଣ ହେଉଛି, ପରସ୍ପରକୁ ସୁରକ୍ଷା ଦେବା ଏବଂ ସମ୍ମିଳିତ ଭାବେ ଛୁଆ ମାନଙ୍କର ଯତ୍ନ ନେବା । ଭାରତରେ ଗୁଜୁରାଟର କଛ ଜିଲ୍ଲାର ରନ୍ ଅଞ୍ଚଳ ଏରାପକ୍ଷୀମାନଙ୍କର ଏକ ମାତ୍ର ପ୍ରଜନନ ସ୍ଥାନ । ପ୍ରଜନନ ଋତୁ ସ୍ଥଳ ବିଶେଷରେ ଅଲଗା ଅଲଗା ହୋଇଥାଏ । କିନ୍ତୁ ସାଧାରଣତଃ ବର୍ଷା ଋତୁ ପରେ ପରେ ଅକ୍ଟୋବର ଠାରୁ ମାର୍ଚ୍ଚ ମାସ ମଧ୍ୟରେ ଏହା ସଂଗଠିତ ହୋଇଥାଏ । ଏହି ସମୟରେ ଦଳର ଅବସ୍ଥା ପ୍ରଜନନ ଉପଯୋଗୀ ହୋଇଥିବା ବେଳେ ଦଳଦଳ ପକ୍ଷୀମାନେ ଏକତ୍ର ହୁଅନ୍ତି । ସାଥୀ ପକ୍ଷୀକୁ ଆକୃଷ୍ଟ କରିବା ପାଇଁ ସେମାନେ ପ୍ରଦର୍ଶନ କରୁଥିବା ଆକର୍ଷଣୀୟ ଅଙ୍ଗଭଙ୍ଗୀ ମଧ୍ୟରେ ରହିଛି, ପକ୍ଷ ବିସ୍ତାରିତ କରିବା, ମୁଣ୍ଡ ହଲାଇବା, ବେକକୁ ଉଚ୍ଚ କରି ଆଗପଛ ବା ବିପରୀତ ଦିଗରେ ଦୋଳାୟମାନ କରିବା ଇତ୍ୟାଦି । ଗୁଜୁରାଟର କଛ ଅଞ୍ଚଳରେ ଏକ ସଙ୍ଗରେ ୫ଲକ୍ଷରୁ ୧୦ଲକ୍ଷ ଏରାପକ୍ଷୀ ପ୍ରଜନନ ପାଇଁ ଏକତ୍ରିତ ହୁଅନ୍ତି । ଏହି ଇଲାକାଟି ଇରାନଗର ନାମରେ ଖ୍ୟାତ । ପକ୍ଷୀ ବସାଗୁଡିକ ବେଶ୍ ଉଚ୍ଚ ଏବଂ ଗମ୍ବୁଜାକୃତି । କାଦୁଆ ମାଟିକୁ ସମତୁଲ କରି, ତା ଉପରେ ଅଧା ତରଳ ପଙ୍କ ଲେସି ଏମାନେ ମାଟି ଉପରେ ଛୋଟ ଛୋଟ କୁନ୍ଦ ଆକାରରେ ବସା ତିଆରି କରିଥାନ୍ତି । ବସାର ଉପର ଅଂଶ ସାମାନ୍ୟ ଖାଲୁଆ ରଖାଯାଇଥାଏ । ଭୂମିଠାରୁ ବସାର ଉଚ୍ଚତା ୩୦ସେଣ୍ଟିମିଟର ହୋଇଥାଏ । ଖରାରେ ଏହି କର୍ଦ୍ଦମାକ୍ତ ବସା ଶୁଖି ଠାଣ ହୋଇଯାଏ । ମାଈ ପକ୍ଷୀଟି ମାଟି ଗଦା ଉପରେ ଥିବା ଖାଲୁଆ ସ୍ଥାନରେ ଥରକରେ ପ୍ରାୟତଃ ଗୋଟିଏ ଅଣ୍ଡା ଦିଏ । ଅଣ୍ଡାର ବର୍ଣ୍ଣ ଧଳା । ପ୍ରତ୍ୟେକଟି କୁକୁଡା ଅଣ୍ଡାଠାରୁ ସାମାନ୍ୟ ବଡ । ୮୦ରୁ ୯୦ସେଣ୍ଟିମିଟର ଲମ୍ବା । ମାଈ ପକ୍ଷୀଟି ଗୋଡ ଭାଙ୍ଗି ଅଣ୍ଡା ଉପରେ ବସି ଉଷୁମେଇଥାଏ । ଏହି ପ୍ରକ୍ରିୟାର ଗୋଟିଏ ସପ୍ତାହ ପରେ ଅଣ୍ଡା ଫୁଟି ଛୁଆ ବାହାରେ । ଏହି ଛୁଆଟିକୁ ଅନ୍ୟ ଛୁଆମାନଙ୍କ ସହିତ ବଢିବାକୁ ଛାଡିଦିଆଯାଏ । ମାଆପକ୍ଷୀ ଛୁଆର ଡାକବାରି ଛୁଆକୁ ଚିହ୍ନଟ କରିଥାଏ । ଦୁଇ,ତିନି ମାସ ପରେ ଛୁଆମାନଙ୍କର ଡେଣା ଗଜୁରେ ଏବଂ ସେମାନେ ମଧ୍ୟ ତିନି, ଚାରିବର୍ଷ ବେଳକୁ ପ୍ରାପ୍ତ ବୟସ୍କ ତଥା ପ୍ରଜନନ କ୍ଷମ ହୋଇଯାନ୍ତି । କିନ୍ତୁ ଲକ୍ଷ୍ୟ କରାଯାଇଛି , ପାଞ୍ଚ, ଛଅ ବର୍ଷ ହେଲାପରେ ସେମାନେ ଅଣ୍ଡା ଦିଅନ୍ତି । ପ୍ରତିବର୍ଷ ସହବାସ ହେବା ଜରୁରୀ ନୁହେଁ । ଏରାପକ୍ଷୀ ସାଧାରଣଭାବେ ଏକପତ୍ନୀବ୍ରତ ପାଳନ କରିଥାଏ। ମୁକ୍ତଭାବରେ ସେମାନଙ୍କର ଜୀବନ ଅବଧି ୨୦ରୁ ୩୦ବର୍ଷ । କିନ୍ତୁ ଚିଡିଆଖାନାରେ ରହିଲେ, ସେମାନେ ୪୦ରୁ୫୦ବର୍ଷ ପର୍ଯ୍ୟନ୍ତ ବଞ୍ଚି ରୁହନ୍ତି ।

ଯାଯାବର ପକ୍ଷୀ-ଯଦିଓ ସାଧାରଣ ଭାବେ ଏରାପକ୍ଷୀ ଦେଶାନ୍ତରୀ ପକ୍ଷୀ ନୁହେଁ, କିନ୍ତୁ ଜଳବାୟୁ ଓ ରହୁଥିବା ହ୍ରଦ ବା ଲାଗୁନ୍‌ର ଜଳ ପତନ ହ୍ରାସ ଘଟିଲେ, ସେମାନେ ସ୍ଥାନୀୟ ଭାବେ ଦେଶାନ୍ତର ଗମନ କରିଥାନ୍ତି । ପ୍ରତିବର୍ଷ ଶୀତ ଋତୁରେ ଗୁଜୁରାଟର କଛଠାରୁ ଓଡିଶାର ଚିଲିକା ହ୍ରଦକୁ ସେମାନେ ହଜାର, ହଜାର ସଂଖ୍ୟାରେ ଉଡିଆସନ୍ତି । ଏବେ କିଛି ବର୍ଷ ହେଲା ଲକ୍ଷ୍ୟ କରାଯାଉଛି, ଅନେକ ଏରାପକ୍ଷୀ ଚିଲିକାର ନଳବଣଠାରେ ସ୍ଥାୟୀ ଭାବେ ବସବାସ କରି ରହିଗଲେଣି । ଇରାନ୍, କାଜାକିସ୍ତାନ ଆଦି ଦେଶମାନଙ୍କରୁ ମଧ୍ୟ ଅନେକ ଏରାପକ୍ଷୀ ପ୍ରତିବର୍ଷ ଚିଲିକା ଆସନ୍ତି ଓ ଖରାଦିନେ ବିଦେଶରେ ଥିବା ନିଜର ପୂର୍ବସ୍ଥାନକୁ ଫେରିଯାନ୍ତି ।

ସଂରକ୍ଷଣ ସ୍ଥିତି-ଆଇ.ୟୁ.ସି.ଏନ(ଇଣ୍ଟର ନ୍ୟାସନାଲ ୟୁନିଅନ ଫର କଞ୍ଜରଭେସନ ଅଫ ନେଚର)କର୍ତ୍ତୃଙ୍କ ପ୍ରକାଶିତ ରେଡ ଡାଟା ବୁକ୍‌ରେ ଏହି ପକ୍ଷୀଟିକୁ ସର୍ବନିମ୍ନ ଗୁରୁତ୍ୱ ଦିଆଯାଇଛି । ଅର୍ଥାତ୍ ଏମାନଙ୍କର ସଂଖ୍ୟା ଏବେ ଯଥେଷ୍ଟ ଅଛି। କେବଳ ଆବାସସ୍ଥଳୀ ସଙ୍କୋଚନ ଏବଂ ପ୍ରଦୂଷଣକୁ ବାଦ ଦେଲେ,ଏରାପକ୍ଷୀଙ୍କର ଜୀବନ ପ୍ରତି ଅନ୍ୟ କୌଣସି ବିପଦ ନାହିଁ । ଭାରତୀୟ ବନ୍ୟପ୍ରାଣୀ ଆଇନରେ ମଧ୍ୟ ଏହି ପକ୍ଷୀ ଚତୁର୍ଥ ଖସଡାଭୁକ୍ତ ।

## ସଡ଼କରେ ଖାଲଖମା-ମରଣଯନ୍ତା



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

ଆମ ଦେଶରେ ସଡକ ପଥ ମରଣଯନ୍ତା ପାଲଟିଥିବା ନେଇ ବୋଧହୁଏ କେହି ଅସହମତି ପ୍ରକାଶ କରିନପାରନ୍ତି। ଦେଶରେ ସଡକ ପଥରେ ଦ୍ରୁତ ପରିଚାଳନା, ଟ୍ରାଫିକ ନିୟମ ଉଲଂଘନ, ମଦ୍ୟପାନ କରି ଗାଡିଚାଳନା ଏବଂ ସର୍ବୋପରି ତ୍ରୁଟିପୂର୍ଣ୍ଣ ସଡକ ନିର୍ମାଣ ଯୋଗୁଁ ଦିନକୁ ଦିନ ସଡକ ପଥରେ ଦୁର୍ଘଟଣା ଯୋଗୁଁ ବଢି ଚାଲିଛି। ଦେଶରେ ଯାନବାହାନ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇଥିବାବେଳେ ସଡକ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଯାନ ବାହାନ ଚଳାଚଳ ପାଇଁ ସଡକଗୁଡିକୁ ପ୍ରଶସ୍ତ ତଥା ଦୁଇ, ତିନି କିମ୍ବା ଚାରି ଥାକିଆ କରାଯାଉଛି। ଏହା ସତ୍ତ୍ୱେ ସଡକ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇବା ନାଁ ଧରୁନାହିଁ। ସରକାରୀ ତଥ୍ୟ ଅନୁଯାୟୀ ଦେଶରେ ପ୍ରତି ମିନିଟରେ ସଡକ ଦୁର୍ଘଟଣାରେ ୪୫ ଜଣଙ୍କର ମୃତ୍ୟୁ ଘଟୁଥିବା କୁହାଯାଇଥିବାବେଳେ ଆହତଙ୍କ ସଂଖ୍ୟା ମଧ୍ୟ କିଛି କମ୍ ନୁହେଁ, କହିବା ବାହୁଲ୍ୟ ଯେ, ଦେଶରେ ସଡକ ଦୁର୍ଘଟଣା ବୃଦ୍ଧି ନେଇ ସୁପ୍ରିମକୋର୍ଟ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସଙ୍ଗେ ସଙ୍ଗେ ଦୁର୍ଘଟଣା ଓ ମୃତାମତ ସଂଖ୍ୟା ହ୍ରାସ ନେଇ ତଦାରଖ କମିଟିମାନ ଗଠନ କରିବାକୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ ସରକାରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସତ୍ତ୍ୱେ ସଡକ ଦୁର୍ଘଟଣା ଜନିତ ମୃତାହତ, କ୍ଷୟକ୍ଷତି ହ୍ରାସ ପାଉନାହିଁ। କୁହାଯାଇଛି ଯେ, ଦେଶରେ ସଡକ ଦୁର୍ଘଟଣା ଜନିତ ବାର୍ଷିକ ମୃତାହତ ସଂଖ୍ୟା ସାମୁଦ୍ରିକ ବାତ୍ୟା, ଭୂମିକମ୍ପ ପରି ପ୍ରାକୃତିକ ବିପର୍ଯ୍ୟୟ ମୃତ୍ୟୁ ସଂଖ୍ୟା ଠାରୁ ଅଧିକ। ବିଭିନ୍ନ କାରଣରୁ ଦେଶରେ ସଡକ ଦୁର୍ଘଟଣା ଘଟଣାମାନ ବୃଦ୍ଧି ପାଉଥିବାବେଳେ ଏବେ ଏଥିରେ ସଡକ ପଥରେ ଖାଲଖମା ଜନିତ ଦୁର୍ଘଟଣା ଯୋଡି ହୋଇଯାଇଛି। ଦେଶରେ ରାସ୍ତାଘାଟ ତଥା ଜାତୀୟ ଓ ରାଜ୍ୟପଥଗୁଡିକରେ ଖାଲଖମାର ଦୃଶ୍ୟ କୌଣସି ଗୁଣରେ ଚନ୍ଦ୍ରପୃଷ୍ଠରୁ ଦୃଶ୍ୟ ଠାରୁ କମ୍ ନୁହେଁ। ଯାହାକି ଅତ୍ୟନ୍ତ ଲଜ୍ୟାଜନକ ବୋଲି କୁହାଯାଇପାରେ। ପାର୍ଲିଆମେଣ୍ଟରେ ସରକାର ଉପସ୍ଥାପିତ କରିଥିବା ରିପୋର୍ଟ ଦର୍ଶାଉଛି ଯେ, ଦେଶରେ ରାସ୍ତାଗୁଡିକରେ ଖାଲଖମା ଜନିତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଦେଶରେ ଖାଲଖମା ସମ୍ପର୍କିତ ମୃତ୍ୟୁ ସଂଖ୍ୟା ୨୦୨୦ ମସିହାରେ ୧୫୫୫ ଥିବା ବେଳେ୨୦୨୪ରେ ୨୩୮.୫ ବୃଦ୍ଧି ପାଇଛି। ଯାହାକି ପାଞ୍ଚ ବର୍ଷ ମଧ୍ୟରେ ଖାଲଖମାଜନିତ ମୃତ୍ୟୁସଂଖ୍ୟା ୫୩ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଥିବା ପ୍ରଦର୍ଶିତ କରେ। ସେହିପରି ୨୦୨୦ରୁ ୨୦୨୪ ମଧ୍ୟରେ ଖାଲଖମାରେ ୯୪୩୮ ଜୀବନ ଯାଇଥିବା ବେଳେ ୧,୯୫୬ ଆହତ ଏବଂ ୯୬୭୦ ଜଣ ଗୁରୁତର ଭାବେ ଆହତ ହୋଇଥିବା ସରକାରୀ ରିପୋର୍ଟ କହେ। ରାଜ୍ୟମାନଙ୍କ ମଧ୍ୟରେ ଉତ୍ତରପ୍ରଦେଶରେ ଏହି ଅବଧି ମଧ୍ୟରେ ସର୍ବାଧିକ ୫୧୨୭ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ କେବଳ ୨୦୨୪ରେ ୧୩୬୯ ଜଣଙ୍କ ଜୀବନ ଯାଇଛି। ଯାହାକି ଜାତୀୟ ମୃତ୍ୟୁ ସଂଖ୍ୟାର ଅର୍ଦ୍ଧେକରୁ ଅଧିକ। ଉତ୍ତରପ୍ରଦେଶରେ ସଡକଗୁଡିକ ସୃଷ୍ଟି ହୋଇଥିବା ଗର୍ତ୍ତଗୁଡିକ ୨୦୨୪ ଅକ୍ଟୋବର ମାସ ସୁଦ୍ଧା ପୂରଣ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ସତ୍ତ୍ୱେ ୨୦୨୫ ସେପ୍ଟେମ୍ବର ସୁଦ୍ଧା ଅର୍ଥାତ ବର୍ଷକ ମଧ୍ୟରେ ମାତ୍ର ୨୧.୬୭ ପ୍ରତିଶତ କାର୍ଯ୍ୟ ହୋଇଥିବା ଜଣାଯାଏ। ସେହିପରି ଦେଶରେ ମୁଖ୍ୟତଃ ପାଞ୍ଚଟି ରାଜ୍ୟ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ତାମିଲନାଡୁ ଓ ପଞ୍ଜାବରେ କେବଳ ସଡକ ଖାଲଖମାଜନିତ ମୃତ୍ୟୁ ୮୦ ପ୍ରତିଶତରୁ ଅଧିକ। ଆମ ରାଜ୍ୟରେ ମଧ୍ୟ ସଡକରେ ଖାଲଖମାଜନିତ ମୃତାହତ ଘଟଣା କିଛି କମ୍ ନୁହେଁ। ଖୋଦ୍ ରାଜଧାନୀ ଭୁବନେଶ୍ୱରର ଏକ ଜନଗହଳି ପୂର୍ଣ୍ଣ ଜାତୀୟ ପଥରେ ସଡକ ଗର୍ତ୍ତରେ ପଡି ଜଣେ ଡାକ୍ତରଙ୍କ ଜୀବନ ଯିବା ଘଟଣା ତୀବ୍ର ପ୍ରତିକ୍ରିୟା ଉତ୍ପନ୍ନ କରିଥିବା ରାଜ୍ୟରେ ରାସ୍ତାଗୁଡିକର ସ୍ଥିତିକୁ ଲକ୍ଷ୍ୟ କଲେ, ତାହା ଚନ୍ଦ୍ର ପୃଷ୍ଠର ଦୃଶ୍ୟ ଠାରୁ କମ୍ ନୁହେଁ। ସଡକ ଖାଲଖମାରେ ମୃତ୍ୟୁ କର୍ତ୍ତୃପକ୍ଷଙ୍କର ବ୍ୟବସ୍ଥାଗତ ଅବହେଳାର ପ୍ରତିଫଳନ ବୋଲି କୁହାଯାଇପାରେ। ନିମ୍ନମାନର କାର୍ଯ୍ୟ, ନିକୃଷ୍ଟ ଉପକରଣ, ଏବଂ ବିଳମ୍ବିତ ମରାମତି ରାସ୍ତା ବା ସଡକରେ ଖାଲଖମା ସୃଷ୍ଟି ହେବାର ମୁଖ୍ୟ କାରଣ। ସଡକ ମରାମତି ପାଇଁ ସର୍ବାଧିକ ବ୍ୟୟ ବରାଦ ହୋଇଥିଲେ ମଧ୍ୟ ଯନ୍ତ୍ରୀ-ଠିକାଦାର ରାଜନେତାଙ୍କ ମଧୁଚନ୍ଦ୍ରିକା ଯୋଗୁଁ ସିଂହଭାଗ ଅର୍ଥ ବାଟମାରଣା ହେଉଥିବା ଅଭିଯୋଗ ହୁଏ। ଆହୁରି ମଧ୍ୟ ଦେଶରେ ନୂତନ ଜାତୀୟ ରାଜପଥ ନିର୍ମାଣ ପାଇଁ ଏବେ ସର୍ବାଧିକ ଗୁରୁତ୍ୱ କେନ୍ଦ୍ର ସରକାର ଦେଉଥିବାବେଳେ ବଜେଟ ବ୍ୟୟ ବରାଦ ମଧ୍ୟ ବଢିବାରେ ଲାଗିଛି। ଚଳିତ କେନ୍ଦ୍ରୀୟ ବଜେଟରେ ରାଜପଥ ନିର୍ମାଣ ଓ ବିକାଶ ପାଇଁ ୨.୭ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ସେହିପରି ମରାମତି ତଥା ରକ୍ଷଣାବେକ୍ଷଣ ପାଇଁ ଶହଶହ କୋଟି ଟଙ୍କା ବ୍ୟୟ ହୋଇଥିବା ସରକାରୀ ରିପୋର୍ଟ କହେ। ବୈଶ୍ୱିକ କ୍ଷେତ୍ରରେ ସଡକର ରକ୍ଷଣାବେକ୍ଷଣ କ୍ଷେତ୍ରରେ ଜର୍ମାନ ବିଶ୍ୱରେ ତାଲିକାର ଶୀର୍ଷରେ ଥିବାବେଳେ ଖାଲଖମା ମୃତ୍ୟୁ ପାଇଁ କର୍ତ୍ତୃପକ୍ଷଙ୍କୁ ଉତ୍ତରଦାୟୀ କରାଯାଇଥାଏ। ଭାରତରେ ଏଭଳି ଏକ ବ୍ୟବସ୍ଥାର ଆବଶ୍ୟକତା ରହିଛି। ରାସ୍ତା ରକ୍ଷଣାବେକ୍ଷଣରେ ଅବହେଳା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଉତ୍ତରଦାୟୀ କରିବା ସହ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି। ଏଥିଲାଗି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଆଇନ ପ୍ରଣୟନ କରିବା ଜରୁରୀ। ଯାହାକି ଜୀବନ ରକ୍ଷାକାରୀ ହେବା ସହ ରାସ୍ତାର ଦୀର୍ଘ ସ୍ଥାୟିତ୍ୱ ଓ ସୌନ୍ଦର୍ଯ୍ୟ ବୃଦ୍ଧିରେ ସହାୟକ ହୋଇ ପାରିବ।

## ଅନିତ୍ୟ ସଂସାର



ଶ୍ରୀହେମନ୍ତ କୁମାର ଗନ୍ତାୟତ
ଅଧ୍ୟାପକ
ଆସିକା ,ଗଞ୍ଜାମ
ମୋ-୯୮୬୧୩୩୪୮୬୮

ସନାତନ ଧର୍ମର ଶାଶ୍ୱତ ଶାସ୍ତ୍ର ବେଦ, ଦର୍ଶନ, ଶ୍ରୀମଦ୍ ଭାଗବତ ମହାପୁରାଣ, ମହାଭାରତ ଓ ଶ୍ରୀମଦ୍ ଭଗବତଗୀତା ଆଦି ସଂସାରର ସାଂସାରିକ ବ୍ୟକ୍ତି ବିଶେଷଙ୍କ ନିମନ୍ତେ ହେଉଛି ଆଲୋକର ବର୍ତ୍ତିକା। ଉକ୍ତ ଶାସ୍ତ୍ର ମାନଙ୍କର ଏକ ଏକ ଉକ୍ତି ନିତ୍ୟ ଓ ଅନିତ୍ୟ ଭେଦକୁ ଦର୍ଶାଇବା ସହ ସତ୍ୟର ଉଜାଗର କରିଥାଏ। ଏହି ସତ୍ୟକୁ ବ୍ୟାଖ୍ୟା କରିବାକୁ ଯାଇ ଅଦ୍ୱୈତ ବେଦାନ୍ତ ଦର୍ଶନରେ କୁହାଯାଇଛି , ଯେ ତ୍ରିକାଳ ବାଧା ରହିତମ୍ ସତ୍ୟମ୍। ଅର୍ଥାତ୍ ଯେ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ କାଳରେ ଅବାଧ ରୂପେ ଏକ ଭଳି ପ୍ରତିଷ୍ଠିତ ରହିଥାଏ ସେ ହିଁ ସତ୍ୟ ଅଟେ। ପରନ୍ତୁ ତତ୍ ବ୍ୟତୀତ ଜଗତର ଜାଗତିକ ପଦାର୍ଥ ନିତ୍ୟ ପ୍ରାୟ ଅନୁଭବ ହେଉଥିଲେ ମଧ୍ୟ ତାହା ନସ୍ୱର ଅଟେ। କାରଣ ଜଗତ ବା ସଂସାର ହେଉଛି କ୍ଷଣଭଙ୍ଗୁର । ତେଣୁ ସଂସରତି ଇତି ସଂସାର କୁହାଯାଇଛି। ଏହି ସଂସ୍କୃତ ଆପ୍ତବାକ୍ୟର ଅର୍ଥ ହେଉଛି – 'ଯାହା ସର୍ବଦା ଗତିଶୀଳ ବା ପରିବର୍ତ୍ତନଶୀଳ, ତାହା ହିଁ ସଂସାର' ଅଟେ । ଏଠାରେ ଗ୍ରହ-ନକ୍ଷତ୍ର ଠାରୁ ଆରମ୍ଭ କରି ବୃକ୍ଷଲତା ଏବଂ ମାନବୀୟ ଭାବନା ପର୍ଯ୍ୟନ୍ତ ସବୁକିଛି ପରିବର୍ତ୍ତନର ଅଧୀନ । ଆମେ ଦେଖୁଛେ ଅତୀତରେ ଯେ ଶିଶୁ ଥିଲା ଆଜି ସେ ଯୁବକରେ ପରିଣତ ହୋଇଛି ଏବଂ ଭବିଷ୍ୟତରେ ବୃଦ୍ଧାବସ୍ଥାକୁ ପ୍ରାପ୍ତ କରି ଏ ସଂସାରରୁ ବିଦାୟ ନିଏ ବା ମୃତ୍ୟୁ ବରଣ କରେ । ଏହାକୁ ଦୃଢ଼ କରିବାକୁ ଯାଇ ଭଗବଦ୍ ଗୀତାରେ କୁହାଯାଇଛି: ଜାତସ୍ୟ ହି ଧ୍ରୁବୋ ମୃତ୍ୟୁର୍ଧ୍ରୁବଂ ଜନ୍ମ ମୃତସ୍ୟ ଚ ! ଅର୍ଥାତ୍ ଯେ ଜନ୍ମ ହୋଇଛି ତା'ର ମୃତ୍ୟୁ ନିଶ୍ଚିତ ଏବଂ ଯା'ର ମୃତ୍ୟୁ ହୋଇଛି ତା'ର ପୁନର୍ଜନ୍ମ ନିଶ୍ଚିତ । ଜୀବନରେ ସବୁଠାରୁ ବଡ ସତ୍ୟ ଏହା ଯେ ଆମେ ସମସ୍ତେ ଦିନେନା ଦିନେ ମୃତ୍ୟୁ ବରଣ କରିବା। ଏ ବିଷୟରେ ଓଡିଆ ଭାଗବତରେ କୁହାଯାଇଛି ' ମର୍ତ୍ତ୍ୟମଣ୍ଡଳେ ଦେହବହି ଦେବତା ହେଲେ ବି ମରଇ'।

ଯଦି ସଂସାରକୁ ଆଧ୍ୟାତ୍ମିକ ଦୃଷ୍ଟି କୋଣରୁ ଦେଖାଯାଏ ତେବେ ଏ ସଂସାରର ସ୍ୱରୂପ ହେଉଛି କେବଳ ସଂଯୋଗ-ବିଯୋଗର ଏକ ଚଳନ୍ତି ଚକ୍ର । ଏଠି ପୁଣ୍ୟ ପ୍ରାରବ୍ଧ କର୍ମ ଫଳ ବଳରେ ମନୁଷ୍ୟକୁ ଏ ଜଗତରେ ପରିବାର, ଧନ – ସମ୍ପତ୍ତି ଓ ହର୍ଷ ଇତ୍ୟାଦିର ସଂଯୋଗ ହୋଇଥାଏ ଏବଂ ହୀନ ପ୍ରାରବ୍ଧ କର୍ମ ଫଳ ଦ୍ୱାରା ଅପମୃତ୍ୟୁ ଧନ – ସମ୍ପତ୍ତିର ନାଶ ଓ ଶୋକାଦିର ପ୍ରାପ୍ତ ହୋଇଥାଏ। ସମସ୍ତେ ଜାଣନ୍ତି ସୁଖ ଓ ଦୁଃଖ ହେଉଛି ନିୟତିର ନିରନ୍ତର ପ୍ରକ୍ରିୟା । ଆମେ ଯେଉଁମାନଙ୍କୁ ଭଲ ପାଉ, ସେମାନଙ୍କ ସହ ମିଳନ ହୁଏ ଏବଂ ସମୟାନୁକ୍ରମେ ସେମାନଙ୍କଠାରୁ ମଧ୍ୟ ବିଚ୍ଛେଦ ହୋଇଥାଏ। ତେଣୁ ଆମେ ଦୁଃଖ ପାଇଥାଉ। ତଥାପି ଆମର ମୋହ କାରଣରୁ ଆମେ ଜାଣୁ ପାରୁନା କି, ଦିନେ ମଧ୍ୟ ଆମର ମୃତ୍ୟୁ ସୁନିଶ୍ଚିତ ହେବ ! ଏହା ଉପରେ ଏକ ସୁନ୍ଦର ବ୍ୟାଖ୍ୟା ମହାଭାରତରେ ଦେଖିବାକୁ ମିଳେ। ଯାହା ଯକ୍ଷ ପ୍ରଶ୍ନ ନାମରେ ନାମିତ। ଏହା ଏକ ଶିକ୍ଷଣୀୟ ବିଷୟ। ଦିନକର କଥା ଅଗ୍ରଜ ପାଣ୍ଡବଙ୍କର ଚାରିଭାଇ ଏକ ପରେ ଏକ ଜଳ ଆଣିବାକୁ ଯାଇ ଆଉ ଫେରିଲେ ନାହିଁ। ତେଣୁ ଯୁଧିଷ୍ଠିର ଭାଇମାନଙ୍କୁ ଖୋଜିବା ପାଇଁ ବାହାରିଗଲେ । କିଛି ଦୂର ଯିବାପରେ ଏକ ପୋଖରୀ ପାଖରେ ମୂର୍ଚ୍ଛିତ ଭାଇମାନଙ୍କୁ ଦେଖିବା ସହ ଯକ୍ଷଙ୍କୁ ମଧ୍ୟ ଦେଖିବାକୁ ପାଇଲେ। ଯୁଧିଷ୍ଠିରଙ୍କ ଆଗମନ ଦେଖି ଯକ୍ଷ କହିବାକୁ ଗଲେ ହେ ଧର୍ମରାଜ ! ତୁମେ ଯଦି ଭାଇମାନଙ୍କୁ ଜୀବିତ ଚାହଁ ତେବେ ମୋ' ପ୍ରଶ୍ନ ଗୁଡ଼ିକର ଉତ୍ତର ଦେବାକୁ ହେବ; ଏଥିରେ ଅଗ୍ରଜ ପାଣ୍ଡବଙ୍କ ସମ୍ମତି ପ୍ରଦାନ ଜାଣି ଯକ୍ଷ ପ୍ରଶ୍ନ କରିଥିଲେ। ତନ୍ମଧ୍ୟରୁ ଗୋଟିଏ ପ୍ରଶ୍ନ ଥିଲା: କିଂ ଆଶ୍ଚର୍ଯ୍ୟମ୍ ? ଅର୍ଥାତ୍ ସଂସାରରେ ସବୁଠାରୁ ବଡ ଆଶ୍ଚର୍ଯ୍ୟ କ'ଣ ? ଏହାର ଉତ୍ତର ଦେବାକୁ ଯାଇ ଯୁଧିଷ୍ଠିର କହିଥିଲେ : ଅହନ୍ୟହନି ଭୂତାନି ଗଚ୍ଛନ୍ତୀହ ଯମାଳୟମ୍ । ଶେଷାଃ ସ୍ଥିରତ୍ୱମ୍ ଇଚ୍ଛନ୍ତି କିମାଶ୍ଚର୍ଯ୍ୟମତଃ ପରମ୍ ।। ଏହାର ଅର୍ଥ ପ୍ରତି ମୁହୂର୍ତ୍ତରେ ଲୋକେ ମୃତ୍ୟୁ ବରଣ କରନ୍ତି । ଜୀବିତ ରହିଥିବା ଲୋକେ ଏହିସବୁ ଘଟଣା ଦେଖୁଛନ୍ତି, ତଥାପି ସେମାନେ ଚିନ୍ତା କରନ୍ତି ନାହିଁ ଯେ ଦିନେ ସେମାନେ ମଧ୍ୟ ମୃତ୍ୟୁ ମୁଖରେ ପଡ଼ିବେ । ଏହାଠାରୁ ବଳି ଆଶ୍ଚର୍ଯ୍ୟ ଆଉ କ'ଣ ବା ହୋଇପାରେ ? ସେପରି ଭାଗବତ ଅନୁଯାୟୀ, ମାୟା ହେଉଛି ଭଗବାନଙ୍କର ଏକ ଶକ୍ତି ଯାହା ସଂସାରକୁ ସତ୍ୟ ପରି ଦେଖାଏ, କିନ୍ତୁ ପ୍ରକୃତରେ ଏହା ମିଥ୍ୟା ଅଟେ। ଏହା ଜୀବକୁ ପରମାତ୍ମାଙ୍କଠାରୁ ଦୂର କରି ସଂସାରର ଭୋଗ-ବିଳାସରେ ବାନ୍ଧି ରଖେ। କାଳ, କର୍ମ ଏବଂ ସ୍ୱଭାବ ହେଉଛି ଏହି ମାୟାର ରୂପ । ତେଣୁ, ଏହି ନଶ୍ୱର ସଂସାରର ମୋହ ତ୍ୟାଗ କରି ଭଗବାନଙ୍କଠାରେ ନିଷ୍କାମ ଭକ୍ତି ଅର୍ପଣ କରିବା ହିଁ ଜୀବନର ପ୍ରକୃତ ଲକ୍ଷ୍ୟ। କେବଳ ଭକ୍ତି ଏବଂ ଭଗବାନଙ୍କ ସ୍ମରଣ ଦ୍ୱାରା ଏହି ମାୟାଜାଲରୁ ମୁକ୍ତି ମିଳିଥାଏ।

ଏହି ଗତିଶୀଳତା ସଂସାର ମଣିଷକୁ ଆଶାବାଦୀ ହେବାକୁ ଶିକ୍ଷା ଦିଏ । ଯଦି ସଂସାର ସ୍ଥିର ହୋଇ ରହନ୍ତା, ତେବେ ବିକାଶ ସମ୍ଭବ ହୁଅନ୍ତା ନାହିଁ । ଏ ସଂସାରର ପରିବର୍ତ୍ତନଶୀଳ ରୂପକୁ ବୁଝିବା ହିଁ ପ୍ରକୃତ ଜ୍ଞାନ । ଆମେ ଏହି ଗତିଶୀଳ ସଂସାରର ଏକ କ୍ଷୁଦ୍ର ଅଂଶ । ତେଣୁ ସଂସାରର ଅନିତ୍ୟତାକୁ ସ୍ୱୀକାର କରି କର୍ତ୍ତବ୍ୟ ପଥରେ ଆଗେଇ ଚାଲିବା ହିଁ ଜୀବନର ସାର୍ଥକତା । ଯେପରି ନଦୀ ନିଜର ଗତିଶୀଳତା ପାଇଁ ନିର୍ମଳ ରହେ, ମଣିଷ ମଧ୍ୟ ସଂସାରର ପରିବର୍ତ୍ତନ ସହ ଖାପଖୁଆଇ ଚଳିଲେ ଶାନ୍ତି ନିଶ୍ଚିତ ପାଇ ପାରିବ।

## ବିଶ୍ୱଯୁଦ୍ଧରୁ ଶାନ୍ତି, ପୁଣି ଯୁଦ୍ଧ: ବିଶ୍ୱର ଭବିଷ୍ୟତ



ଡ଼ ସୁଶାନ୍ତ କୁମାର ପରିଡା
ବିଭାଗୀୟ ମୁଖ୍ୟ, ରାଜନୀତି ବିଜ୍ଞାନ ବିଭାଗ
ଲୋକନାଥ ମହାବିଦ୍ୟାଳୟ,
ପାଟକୁରା, କେନ୍ଦ୍ରାପଡ଼ା
ମୋ-୯୪୩୭୨୧୦୪୫୮

କେବଳ ଗତକାଲିର କଥା ନୁହେଁ, ଏହା ଆସନ୍ତାକାଲି ପାଇଁ ଏକ ସତର୍କ ସଙ୍କେତ। ବିଶ୍ୱ ଇତିହାସକୁ ଦେଖିଲେ ଦେଖାଯାଏ—ଯୁଦ୍ଧ, ଧ୍ୱଂସ, ରକ୍ତପାତ ପରେ ମଣିଷ ସବୁବେଳେ ଶାନ୍ତିର କଥା କହିଛି; କିନ୍ତୁ ଶାନ୍ତିର କିଛି ଦଶକ ପରେ ପୁଣି ଯୁଦ୍ଧର ପଥରେ ଫେରିଆସିଛି। ଏହି ପୁନରାବୃତ୍ତି ଆଜି ଆମକୁ ଏକ ଗଭୀର ପ୍ରଶ୍ନ ସାମ୍ନାରେ ଆଣିଛି—ଆମେ କ'ଣ ପୁଣି ଗୋଟିଏ ବିଶ୍ୱଯୁଦ୍ଧ ଦିଗକୁ ଆଡକୁ ମୁହାଁଉଛୁ ? ପ୍ରଥମ ବିଶ୍ୱଯୁଦ୍ଧ (୧୯୧୪–୧୯୧୮) ମଣିଷକୁ ଶିଖାଇଥିଲା ଯେ ଆଧୁନିକ ଯୁଦ୍ଧ କେବଳ ସେନାକୁ ନୁହେଁ, ସମଗ୍ର ସମାଜକୁ ଧ୍ୱଂସ କରେ। କୋଟି କୋଟି ଲୋକ ମରିଗଲେ, ଆର୍ଥିକ ବ୍ୟବସ୍ଥା ଭାଙ୍ଗିଗଲା, ରାଜନୈତିକ ମାନଚିତ୍ର ବଦଳିଗଲା। ତଥାପି, ଏହି ଭୟାବହ ଅନୁଭବ ପରେ ମଧ୍ୟ ମଣିଷ ସ୍ଥାୟୀ ଶାନ୍ତି ଗଢ଼ିପାରିଲା ନାହିଁ। ଦ୍ୱିତୀୟ ବିଶ୍ୱଯୁଦ୍ଧ (୧୯୩୯–୧୯୪୫) ତ ମଣିଷର କଳ୍ପନାକୁ ମଧ୍ୟ ଅତିକ୍ରମ କରିଦେଲା। ହିରୋସୀମା ଓ ନାଗାସାକିରେ ପରମାଣୁ ବୋମା ମଣିଷକୁ ଏହା ଦେଖାଇଦେଲା ଯେ ନିଜେ ତିଆରି କରିଥିବା ଅସ୍ତ୍ର ଦ୍ୱାରା ସେ ନିଜକୁ ମଧ୍ୟ ସମାପ୍ତ କରିପାରେ। ସେଇଥିପାଇଁ ଯୁଦ୍ଧ ପରେ ବିଶ୍ୱ "କେବେ ନୁହେଁ ପୁଣି" ବୋଲି ସଙ୍କଳ୍ପ ନେଇଥିଲା।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ମିଳିତ ଜାତିସଂଘ (United Nations) ଗଠିତ ହେଲା। ଉଦ୍ଦେଶ୍ୟ ଥିଲା—ଦେଶମାନଙ୍କ ମଧ୍ୟରେ ସଂଳାପ, ସହଯୋଗ ଓ ବିଶ୍ୱଶାନ୍ତି। କିଛି ଦଶକ ପର୍ଯ୍ୟନ୍ତ ବଡ଼ ଆକାରର ବିଶ୍ୱଯୁଦ୍ଧ ହେଲା ନାହିଁ, ଯାହାକୁ ଅନେକେ "ଶାନ୍ତିର ଯୁଗ" ବୋଲି କହନ୍ତି। କିନ୍ତୁ ଏହି ଶାନ୍ତି ସମ୍ପୂର୍ଣ୍ଣ ଥିଲା ନାହିଁ। କୋରିଆ, ଭିଏତନାମ, ଆଫଗାନିସ୍ତାନ, ଇରାକ, ଲିବିଆ, ସିରିଆ—ଏସବୁ ଯୁଦ୍ଧ ପ୍ରମାଣ କଲା ଯେ ବିଶ୍ୱ ଯୁଦ୍ଧରୁ ଦୂରେ ଥିଲେ ମଧ୍ୟ, ଶାନ୍ତିରୁ ଦୂରରେ ରହିଛି। ବଡ଼ ଶକ୍ତିଶାଳୀ ଦେଶମାନେ ସିଧାସଳଖ ଯୁଦ୍ଧ କରୁନଥିଲେ, କିନ୍ତୁ ଛୋଟ ଦେଶମାନେ ସେମାନଙ୍କର ପ୍ରତିନିଧି ଯୁଦ୍ଧର ଶିକାର ହେଉଥିଲେ। ଆଜି ବିଶ୍ୱ ଏକ ଅତ୍ୟନ୍ତ ସଂବେଦନଶୀଳ ସମୟ ମଧ୍ୟରୁ ଯାଉଛି। ରୁଷ-ୟୁକ୍ରେନ ଯୁଦ୍ଧ ଦେଖାଇଦେଲା ଯେ ୟୁରୋପ ମଧ୍ୟ ଆଉ ସୁରକ୍ଷିତ ନୁହେଁ। ମଧ୍ୟ ପୂର୍ବରେ ଇସ୍ରାଏଲ-ପାଲେଷ୍ଟାଇନ ସଂଘର୍ଷ ପୁଣି ଭୟାବହ ରୂପ ନେଉଛି। ଆମେରିକା ଓ ଚୀନ ମଧ୍ୟରେ ବଢୁଥିବା ଶକ୍ତି ସଂଘର୍ଷ ବିଶ୍ୱକୁ ଦୁଇଟି ଶିବିରରେ ବାଣ୍ଟିଦେବାର ଆଶଙ୍କା ସୃଷ୍ଟି କରୁଛି। ଏବେ ଆମେରିକା ଓ ଇରାନ ଯୁଧ ଆଡ଼କୁ ମୁହାଁଇଛନ୍ତି। ଏହା ତୃତୀୟ ବିଶ୍ୱଯୁଧ ହେବାର ଆଶଙ୍କା ଉପୁଜିଛି।

ଏହା ସହିତ ଯୋଗ ହେଉଛି ପରମାଣୁ ଅସ୍ତ୍ରର ଭୟ। ଆଜି ପୃଥିବୀରେ ଅନେକ ଦେଶ ପାଖରେ ପରମାଣୁ ଅସ୍ତ୍ର ରହିଛି। ଗୋଟିଏ ଛୋଟ ଭୁଲ ଗଣନା, ଗୋଟିଏ ଭୁଲ ନିଷ୍ପତ୍ତି—ସମଗ୍ର ମାନବ ଜାତିକୁ ବିନାଶ ଦିଗକୁ ନେଇଯାଇପାରେ। ଆଜିର ଯୁଦ୍ଧ କେବଳ ବନ୍ଧୁକ ଓ ଟ୍ୟାଙ୍କ ମଧ୍ୟରେ ସୀମିତ ନୁହେଁ। ସାଇବର ଯୁଦ୍ଧ, ଆର୍ଥିକ ପାବନ୍ଧ, ଭୁଲ ସୂଚନା (Fake News), ସୋସିଆଲ ମିଡ଼ିଆ ମାଧ୍ୟମରେ ମନୋଯୁଦ୍ଧ—ଏସବୁ ନୂଆ ଅସ୍ତ୍ର। ଗୋଟିଏ ଦେଶ ଅନ୍ୟ ଦେଶର ବ୍ୟାଙ୍କ, ବିଦ୍ୟୁତ ବ୍ୟବସ୍ଥା ବା ଯୋଗାଯୋଗ ନେଟଓ୍ୱର୍କକୁ ଅକ୍ଷମ କରିଦେଲେ, ଗୁଳି ଚାଲିନଥିଲେ ମଧ୍ୟ ଦେଶ ଅସ୍ଥିର ହୋଇପଡ଼େ। ଏହି ନୂଆ ପ୍ରକାର ଯୁଦ୍ଧ ଆଉ ଅଧିକ ଭୟଙ୍କର, କାରଣ ଏଠାରେ ଶତ୍ରୁ ଦେଖାଯାଏ ନାହିଁ, ଯୁଦ୍ଧ ଘୋଷଣା ହୁଏ ନାହିଁ, କିନ୍ତୁ କ୍ଷତି ନିରବରେ ହୋଇଚାଲେ। ଏମିତି ସମୟରେ ଭାରତ ପରି ଦେଶର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭାରତ ଇତିହାସରୁ ଶିଖିଛି—ଅହିଂସା, ସଂଳାପ ଓ ସହଯୋଗର ମୂଲ୍ୟ। "ବସୁଧୈବ କୁଟୁମ୍ବକମ୍" ଆଜି କେବଳ ଏକ ଦାର୍ଶନିକ ଧାରଣା ନୁହେଁ, ବରଂ ବିଶ୍ୱ ରାଜନୀତି ପାଇଁ ଏକ ବ୍ୟବହାରିକ ସମାଧାନ।

ଭାରତର କଥା—ଏହା କୌଣସି ଦେଶର ସମୟ ଯୁଦ୍ଧ ପାଇଁ ନୁହେଁ—ଆଜି ଆଉ ଅଧିକ ପ୍ରାସଙ୍ଗିକ। କାରଣ ଯୁଦ୍ଧରେ କେହି ବିଜୟୀ ହୁଏ ନାହିଁ; ସମସ୍ତେ କିଛି ନ କିଛି ହାରନ୍ତି।

ବିଶ୍ୱର ଭବିଷ୍ୟତ ଚୟନ ଆମ ହାତରେ । ଇତିହାସ ଆମକୁ ଦୁଇଟି ପଥ ଦେଖାଉଛି—ଗୋଟିଏ ଯୁଦ୍ଧର, ଅନ୍ୟଟି ଶାନ୍ତିର। ଯୁଦ୍ଧର ପଥ ସହଜ ଲାଗିପାରେ, କାରଣ ଏହା ରୋଷ, ଅହଂକାର ଓ ଶକ୍ତି ପ୍ରଦର୍ଶନରେ ଭିତ୍ତି କରିଥାଏ। କିନ୍ତୁ ଏହାର ଶେଷ ସବୁବେଳେ ବିନାଶ। ଶାନ୍ତିର ପଥ କଠିନ—ଏଠାରେ ଧୈର୍ଯ୍ୟ, ସମ୍ମତି ଓ ଆଲୋଚନା ଦରକାର। କିନ୍ତୁ ଏହି ପଥ ହିଁ ମଣିଷକୁ ବଞ୍ଚାଇପାରେ। ବିଶ୍ୱଯୁଦ୍ଧରୁ ଶାନ୍ତି, ପୁଣି ଯୁଦ୍ଧ—ଏହି ଚକ୍ରକୁ ଭାଙ୍ଗିବା ସମୟ ଆସିଛି। ଯଦି ଆମେ ଇତିହାସରୁ ଶିଖିପାରିବା, ତେବେ ଭବିଷ୍ୟତ ସୁରକ୍ଷିତ। ନଚେତ୍, ଆମେ ନିଜ ହାତରେ ନିଜ ଧ୍ୱଂସର ଗାଥା ଲେଖିଦେବୁ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** **E-mail : sambadkalikanews@gmail.com** **City Office : Qtr No.-4R-12, Unit-IX (Flat), Bhubaneswar, Pin-751022** ସମ୍ପାଦକ : **ଜୟାଶୀଷ ରାୟ**

# ପିଲାଙ୍କ ମହାଭାରତ-୭୨



ନିତ୍ୟାନନ୍ଦ ପଣ୍ଡା

## କିଚକର ମୃତ୍ୟୁ-୩



ପରଦିନ ସକାଳେ । କିଚକ ଗର୍ବ ସହକାରେ ଦ୍ରୌପଦୀଙ୍କୁ କହିଲା- "ହେ ସୈରିନ୍ଧ୍ରୀ ! କାଲି ରାତିରେ କ'ଣ ହେଲା ଦେଖିଲୁତ ! ଦରବାରରେ ସମସ୍ତଙ୍କ ଉପସ୍ଥିତିରେ ତୋତେ ତଳେ ପକେଇ ନାତ ମାରିଲି । କେହି ମୁହଁ ଖୋଲିଲେ ? ଯେଉଁ ରାଜାଙ୍କ ପାଖରେ ଫେରାଦ ହେଲୁ, ସେ ମୋର କିଛି ବିଗାଡ଼ି ପାରିବନାହିଁ । ମତ୍ସ୍ୟ ରାଜ୍ୟର ମୁଁ ହିଁ ସର୍ବେସର୍ବା । ବୁଝିଲୁ ! ତେଣୁ ଭଲରେ କହୁଚି ମୋ କଥା ମାନିଯା । ସେପରି ହେଲେ ମୁଁ ତୋର ଚାକର ହୋଇ ରହିବି !" ଏବଂ କାମଭାବ ନେଇ ସେ ଦ୍ରୌପଦୀଙ୍କ ହାତକୁ ଜୋର୍‌ରେ ଧରିପକେଇଲା ।

ଦ୍ରୌପଦୀ କିଚକର ଓଠରେ ଆଙ୍ଗୁଳି ଜାକି ଧୀରେ ଧୀରେ କହିବାକୁ କହିଲେ । କହିଲେ, "କିଚକ, ମୁଁ ସଂପର୍କ ରଖିବାକୁ ରାଜି । କିନ୍ତୁ ତୁମର ଭାଇ ଓ ବନ୍ଧୁମାନେ ଯେପରି ନଜାଣିପାରନ୍ତି । ତୁମେ ଯଦି ଶପଥ କରିବ କି ଆମର ସଂପର୍କ ଗୋପନ ରହିବ, ତେବେ ମୁଁ ରାଜି ।" ପୂର୍ବ ଯୋଜନା ମୁତାବକ ଦ୍ରୌପଦୀ ଛଳନା କଲେ ।

କିଚକ ଏତେ ଖୁସି ହେଇଗଲେ ଯେ କହିପକେଇଲେ- ମୁଁ ରାଜି ।

ଦ୍ରୌପଦୀ ଚୁପି ଚୁପି କହିଲେ- "ଶୁଣନ୍ତୁ । ନାଟ ଗୃହରେ ସନ୍ଧ୍ୟାସୁଦ୍ଧା ନାଟ ସରିଯାଏ । ନାଟଗୃହ ଫାଙ୍କା ହୋଇଯାଏ । ତୁମେ ଗୋଟେ କାମକର, ବିଳମ୍ବିତ ରାତିରେ ତୁମେ ସେଇଠିକୁ ଆସ । ମୁଁ ଅପେକ୍ଷା କରିଥିବି ।"

ସେଇ ରାତି । କିଚକ ନିଜକୁ ସଜେଇଲା । ସୁଗନ୍ଧି ଦେହରେ ଲଗେଇଲା । ନାଟଗୃହ ଅଭିମୁଖେ ବାହାରିଲା । ପହଞ୍ଚିଲା । ଦରଜାରେ ଧୀରେ ହାତମାରିଲା । ଦରଜା ଖୋଲିଗଲା । ଭିତରେ ପ୍ରବଳ ଆଗ୍ରହ ନେଇ ପ୍ରବେଶ କଲା । ଧିମା ଆଲୁଅରେ ସେ ଦେଖିଲା, କେହିଜଣେ ଦୋଳିରେ ଶୋଇଛି । ଇଏ ତ ସୈରିନ୍ଧ୍ରୀ ! ବାଃ ! କିଚକ ଧୀରେ ହାତରଖିଲା ଶୋଇଥିବା ବ୍ୟକ୍ତି ଉପରେ । ଆରେ ଇଏତ କୋମଳ ଲାଗୁନାହିଁ ! ତା'ର ଗନ୍ଧର୍ବ ସ୍ୱାମୀ କି !

ଅନ୍ଧାର ଭିତରେ ଭୀମସେନ୍ ସିଂହପରି ଝାମ୍ପିପଡ଼ିଲା ଓ କିଚକ କିଛି ଭାବିବା ପୂର୍ବରୁ ତାକୁ ମାଡ଼ିବସିଲା ।

ବଳରାମ, ଭୀମ ଓ କିଚକ- ଏହି ତିନିଜଣ ସବୁଠୁ ଶକ୍ତିଶାଳୀ ଥିଲେ । ଯୁଦ୍ଧ ବେଶୀ ସମୟ ଲାଗିଥାନ୍ତା, କିନ୍ତୁ କିଚକ ପ୍ରସ୍ତୁତ ନଥିଲା । ତଥାପି ବାଳୀ ଓ ସୁଗ୍ରୀବ ମଲ୍ଲଯୁଦ୍ଧ କଲାପରି ଦୁହେଁ ଗଡ଼ାପଡ଼ା ହେଲେ । ଶେଷରେ ..... ହାୟ ! ଅପ୍ରସ୍ତୁତ କିଚକର ବେକ ମୋଡ଼ି ତାକୁ ମାରିଦେଲେ ଭୀମସେନ୍ ।

ଭୀମ ଚୁପ୍ ଚାପ୍ ରୋଷେଇଶାଳକୁ ଫେରିଗଲେ । ଗାଧେଇ, ଚନ୍ଦନ ବୋଳି ହୋଇ କିଛି ନଜାଣିଲା ପରି ଶୋଇପଡ଼ିଲେ ।(କ୍ରମଶଃ ...)

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୬୯୩୩୦୮*

# ପରୀକ୍ଷା ଋତୁ

*ସୁଜିତ କୁମାର ମିଶ୍ର*



ପରୀକ୍ଷା ଋତୁ ଆସିଛି ପିଲେ
ନାନା ସପନ ନେଇ,
ପ୍ରଶ୍ନ ପଢିକି ଉତ୍ତର ଦେବ
ଖୁସି ମନରେ ଯାଇ ।
ବରଷ ଯାକ ଯାହା ପଢିଛ
ପୁଣି ତାହାକୁ ପଢ,
ସମୟ ନଷ୍ଟ କରନି ଜମା
ବୁଲାବୁଲିକୁ ଛାଡ ।
ସଅଳ ଯାଅ ଶେଜକୁ ତୁମେ
ରୁହନି ଉଜାଗର,
ପରୀକ୍ଷା ପରା ବିଶ୍ୱାସ ଭରା
ସାଥୀଟେ ନିରନ୍ତର ।
ପରୀକ୍ଷା ପାଇଁ ଯତନ ନିଅ
ଦେହକୁ ତୁମ ନିତି
ସୁସ୍ଥ ରହିଲେ ସଫଳ ହେବ
ପରିଶ୍ରମର ଜ୍ୟୋତି ।
ଲେଖା ଅଭ୍ୟାସ କରୁଥା ଘରେ
ନିତି ପରୀକ୍ଷା ପରି,
ମନରୁ ଯିବ ଭୟ ଆଶଙ୍କା
ତୁମ ପାଖରୁ ଛାଡି ।
ପରୀକ୍ଷା ତୁମ ସାଙ୍ଗସାଥୀଟେ
ସରଳ ତାର ମନ,
ବସିଛି ସିଏ ଅପେକ୍ଷା କରି
ଭେଟି ଦେବାକୁ ଜାଣ ।

*ଜନାର୍ଦ୍ଦନପୁର, ଶାସନ, କେନ୍ଦୁଝର*
*ମୋ-୭୬୮୩୮୬୭୭୪୨*

# ମାତୃ ଭାଷାର ମମତା...

*ଦୁଷ୍ମନ୍ତ ବେହେରା*

ଜନନୀ ଭୂମିକୁ ନେଇ
ମୁଁ ଗାଏ ନାନା ଗୀତ
ସ୍ୱର ଭାବ ତାଳରେ ଛନ୍ଦା
ମୋ ଓଡ଼ିଆ ଭାଷା ମମତା
ଗାଏ ମୁଁ ଗୀତ ହସେ ମୋ ମିତ
ଛନ ଛନ ମୋ ହୃଦୟ ଭାଷା
ଓଡ଼ିଆ କଳା ଇତିହାସ ସାକ୍ଷୀ
ପରିଚୟ ସୃଷ୍ଟି କରେ ମାତୃଭାଷା କହି
ବଳିଷ୍ଠ ହୃଦୟେ ମାତୃଭାଷା ମମତା
ପ୍ରାଣ ମୂର୍ଚ୍ଛନାରେ ଝୁରେ ଜୋଛନା
ଅତୀତ କହେ ବର୍ତ୍ତମାନକୁ ନେଇ ମୋ
ଓଡ଼ିଆ ଭାଷାରେ ଅଛି ସରଗ ସୁଖ ଭାଇ
ସରଳ ସୁନ୍ଦର ମାତୃଭାଷାରେ ଭରା
ଦେଖି ତୋଷିବ ଜନ ମାନସ ପରା

*ରାସୋଳ-ମୁଣ୍ଡିଆପଶି,ଢେଙ୍କାନାଳ*
*ମୋ-୮୮୯୫୦୯୦୧୬୩*

# ଅବିର ଲଗେଇ ଖେଳିବା ହୋଲି

*ରାମଚନ୍ଦ୍ର ବେହେରା*

ବରଷକ ପରେ ଆସୁଅଛି ହୋଲି
ରଙ୍ଗର ପସରା ନେଇ
ସହର ବଜାର ଦିଶେ ଶୋଭାବନ
ରଙ୍ଗ ପିଚକାରୀ ପାଇଁ ।
ନୂଆ ପିଚକାରୀ ନାନା ଜାତି ରଙ୍ଗ
ହେଉଅଛି ବିକା କିଣା
ପୁନେଇଁର ଅନ୍ତେ ହୋଲି ମନାଇବେ
ନକରିବେ କେହି ଊଣା ।
ଜେଜେ କହୁଥିଲେ ଆଜିକାଲି ରଙ୍ଗ
ନୁହଁଇ ପୂର୍ଣ୍ଣ ବିଶୁଦ୍ଧ
ସେଥିରେ ଲୁଚିଛି ରସାୟନ ଦ୍ରବ୍ୟ
ଶରୀର ପାଇଁ ଅହିତ ।
ଦେହ ହିତକାରୀ ଜୈବିକ ଅବିର
ମିଳୁଛି ହାଟ ବଜାରେ
ସେହି ଅବିରକୁ ସରାଗେ କିଣିବ
ଖେଳିବ ହୋଲି ଶ୍ରଦ୍ଧାରେ ।
ଜେଜେଙ୍କ କଥାକୁ ଶୁଣି କୁନା ମୁନା
ସୁରକ୍ଷିତ ହୋଲି ପାଇଁ
ଜୈବିକ ଅବିର କିଣିଲେ ହରଷେ
ପାଖ ବଜାରକୁ ଯାଇ ।
ଭାଇଚାରା ଭାବ ପରାଣେ ସାଇତି
ରାଗ ରୋଷ ମନୁ ଭୁଲି
ଅବିର ରଙ୍ଗରେ ମୁହଁକୁ ରଙ୍ଗେଇ
ସରାଗେ ଖେଳିଲେ ହୋଲି ।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*



# ବଣରେ ପକ୍ଷୀଙ୍କ ହୋଲି

*ଅଶୋକ କୁମାର ପ୍ରଧାନ*

ବଣ ରାଇଜରେ ପକ୍ଷୀଙ୍କ ପାଖକୁ
ଉଡି ଉଡି ଆସି କୁଆ
କହିଲା ସଭିଙ୍କୁ ଏ ବରଷ ହୋଲି
ହେଉ କିଛି କିଛି ନୂଆ ।
କୁଆ କଥା ଶୁଣି ପକ୍ଷୀଙ୍କ ଭିତରେ
ଖେଳିଲା ଖୁସିର ସୁଅ
ସଭିଏଁ ଭାବିଲେ ଏ ବରଷ ହୋଲି
କେମିତି ପାଳିବା କୁହ ।
ଆଗତୁରା ଉଠି କୁଆ କହେ ହସି
ମୋ ଠୁ କଳାରଙ୍ଗ ନିଅ
ଯାହାକୁ ମୋ ରଙ୍ଗ ଭଲ ଲାଗୁଥାଏ
ସଜାଡ ସେ ତାର ଦିହ ।
ଏ ବେଳେ ପାଖକୁ ଉଡି ଉଡି ଆସି
ପହଞ୍ଚିଲା ବଗ ଭାଇ
କହିଲା ଆଣିଛି ଧଳା ରଙ୍ଗ ମୁଁ
ସଭିଙ୍କୁ ବାଣ୍ଟିବା ପାଇଁ ।
ଗଛ ଡାଳେ ରହି କହୁଥିଲା ଶୁଆ
ଶାଗୁଆ ରଙ୍ଗ ମୁଁ ଦେବି
ଯାହାକୁ ଯେତେକ ଦରକାର ନେଲେ
ମୁଁ ଭାରି ଖୁସି ହେବି ।
ବଣି ଚଢେଇଟି କହିଲା ମୋ ଠାରୁ
ମାଟିଆ ରଙ୍ଗକୁ ନିଅ
ମୋର ଏ ରଙ୍ଗକୁ ଯେ ଆଦର କରେ
ତା ଦେହେ ଲଗାଇ ଦିଅ ।
ଦେଖୁ ଦେଖୁ ସବୁ ପକ୍ଷୀ ଉଡି ଆସି
ନିଜ ରଙ୍ଗ ଦେଲେ ଢାଳି
ରଙ୍ଗ ମୟ ହେଲା ବଣ ରାଇଜଟା
ପଡିଲା ଖୁସିରେ ତାଳି
କିଚିର ମିଚିରେ ଶବଦରେ ପୁରି
ଉଠୁଥିଲା ପରିବେଶ
ପକ୍ଷୀମାନେ ଆଜି ଖୁସିରେ ବିଭୋର
ନାହିଁ ମନେ ଦୁଃଖ କ୍ଳେଶ ।
ସଭିଏଁ ଖୁସିରେ କହିଲେ ଏଥର
ନିଆରା ଏ ହୋଲି ଖେଳ
ଆମ ଦେହ ରଙ୍ଗ ଲିଭିବନି ଦେହୁ
ସରୁ ଆଜି ଯେତେ ବେଳ ।
କହିଲା ବତକ ପାଣିରେ ପହଁରି
ମାଛଟିଏ ଖାଉ ଖାଉ ।
ବଜାରକୁ ଯାଇ ଏ ବରଷ ଆମେ
ଆଣିବାନି ରଙ୍ଗ ଆଉ
ଶୁଣିଛୁ ସେ ରଙ୍ଗ ରସାୟନ ମିଶା
ଦେହ ଲାଗି ନୁହଁ ଭଲ
ପଇସା ଦେଇକି ରୋଗ କିଣି ଆଣି
ହେବା କାହିଁ କଲବଲ ।
ସବୁ ପକ୍ଷୀ ଏବେ ଗୋଟିଏ ପଣରେ
କହିଲେ ମଣିଷ ଭାଇ
ଆସରେ ସଭିଏଁ ଖେଳିବା ଏ ହୋଲି
ମନରେ ସଙ୍କୋଚ କାହିଁ ।
ଏ ହୋଲି ପରବେ ହେ ମଣିଷ ଭାଇ
ଅନୁରୋଧ ଏଇ ଆମ
ଆମ ପକ୍ଷୀ କୂଳ ସୁରକ୍ଷା ନକଲେ
ଭଲ ନୁହଁ ପରିଣାମ ।
ଆମରି ସୁରକ୍ଷା ପାଇଁ ତୁମେ ଆଉ
କାଟନାହିଁ ଗଛ ଲତା
ଗଛ ପଶୁ ପକ୍ଷୀ ହଟିଲେ ଧରାରୁ
କି ରହିବ ତୁମ ସତ୍ତା ।

*ଶିକ୍ଷକ,ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ*
*ରୋହିଗାଁ, ଗଞ୍ଜାମ*
*ମୋ-୮୨୪୯୧୧୯୧୩୦*



# ରଙ୍ଗ ପିଚକାରି ଖେଳ

*ନଗେନ୍ଦ୍ରନାଥ ପଟ୍ଟନାୟକ*

ଆସ ଆସ ପିଲେ ଖେଳିବା ହୋଲି
ସରବେ ହୋଇବା ଏକାଠି ମେଳି
କରିବାନି ପାଟିଗୋଳ
ଅଜଣା ପିଲାଙ୍କ ସାଙ୍ଗେ ଖେଳିବାନି
ରଙ୍ଗ ପିଚକାରି ଖେଳ ।
ରସାୟନିକ ରଙ୍ଗ ଦେବା ବରଜି
ରାଗ-ରୁଷା ମନୁ ଦେବାରେ ତେଜି
ଖେଳିବା ଜୈବିକ ହୋଲି
ମନ୍ଦପିଲା ସାଙ୍ଗେ ଲାଗିବାନି ଜମା
ବାଟକାଟି ଯିବା ଚାଲି ।
ଘରଠୁ ଯିବାନି ବହୁତ ଦୂର
ବୁଢ଼ା-ବୁଢ଼ୀ ସାଙ୍ଗେ ହେବାନି ଗେଲ
ରଙ୍ଗ ପିଚକାରି ମାରି
ହରକତ କଲେ ବୁଢ଼ା-ବୁଢ଼ୀମାନେ
ଅଭିଶାପ ଦେବେ ଖାଲି ।
ଡାକତରଖାନାର ଆଗ ଓ ପଛ
ରୋଗୀଙ୍କୁ ମଣନି କେବେ ବି ତୁଚ୍ଛ
ଖେଳନି ରଙ୍ଗର ଖେଳ
ରଙ୍ଗ ବୋଳାବୋଳି, ପାଟିତୁଣ୍ଡ ଗୋଳ
ହେବଟି ରୋଗୀଙ୍କ କାଳ ।
ବରଷକେ ଥରେ ଆସଛି ହୋଲି
ରଙ୍ଗର ସଙ୍ଗୀତ ଦିଏରେ ବୋଲି
ଜୀବନରେ ରଙ୍ଗଭରି
ଏକ ତନୁ-ମନେ ଖେଳିବାରେ ହୋଲି
ଭେଦଭାବ ସବୁ ଭୁଲି ।

*ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ,*
*ଲକ୍ଷ୍ମୀସାଗର କେନାଲ ରୋଡ,*
*ମୋ-୯୪୩୮୩୩୨୧୩୮*

# ଫଗୁଣରେ ଫଗୁ ଖେଳ



*ଜୟକୃଷ୍ଣ ସାହୁ*

ଫୁଲ ସବାରିରେ ଫୁଲେଇ ଫଗୁଣ
ଧରାକୁ ଆସିଛି ବୁଲି
ଆମ ସଙ୍ଗେ ମିଶି ଫଗୁ ଖେଳିବାକୁ
ତାକୁ ଚିଠି ଲେଖିଥିଲି
ଆସିଛି ସେ କଥା ରଖି,
ଆସରେ ସଭିଏଁ ସାତ ରଙ୍ଗ ଆଣି
ତା' ଦେହରେ ଦେବା ମାଖି ।
ସେ ଆସିଲେ ଧରା ଜଗତଟା ସାରା
ପଡ଼ିଯାଏ ପରା ହୁରି
ସଭିଙ୍କ ହାତରେ ଭିନ୍ନ ଭିନ୍ନ ରଙ୍ଗ
ଆସିଥାନ୍ତି ଧରିକରି
ପରସ୍ପରେ ଫଗୁ ଖେଳି,
କିଏ କା' ମୁହଁରେ କିଏ କା' ଦେହରେ
ରଙ୍ଗ ଦେଇଥାନ୍ତି ବୋଳି ।
ଜେଜେଙ୍କ ମୁହଁରେ ଫଗୁ ବୋଳିବାକୁ
ଲାଗିଥାଏ ଭାରି ମଜା
ବେଶି ମଜା ଲାଗେ ଆମରି ଘରକୁ
ଖୁସି କରି ନେବା ମନ ।
ଆସିଥାନ୍ତି ଯେବେ ଅଜା
ଫଗୁଖେଳ ଜମି ଯାଏ,
ଦୋଳ ପୁନିଅଁରେ ଫଗୁ ଖେଳି ଖେଳି
ସବୁ ମନ କିଣିନିଏ
ମାତର ଗୋଟିଏ ଦିନ,
ପିଠା ମିଠା ଖାଇ ହୋଲି ଖେଳି ଆମେ



*କପିଳ ପ୍ରସାଦ, ଭୁବନେଶ୍ୱର-୨*
*ମୋ-୯୯୩୭୦୯୨୩୯୭*

# ରଙ୍ଗର ପରବ ହୋଲି

*ସୁଧାକର ରାଉତ*

ଆସ କୁନା, ମୁନା, ପୀୟୂଷ, କୁନି
ଦେଖ ହୋଲି ଆସିଛି ଖୁସି ଘେନି
ତାହାକୁ ସ୍ୱାଗତ କରି
ମନରୁ ସବୁ ଦୁଃଖ ଦୂର କରିଣ
ସୁଖ ରଙ୍ଗ ଦେବା ଭରି ।
ଭରି ପିଚକାରୀ ଜୈବିକ ରଙ୍ଗେ
ଖେଳିବା ହୋଲି ସାଙ୍ଗ ସାଥି ସଙ୍ଗେ
ମନୁ ଭୁଲି ରାଗ ରୋଷ
ଅବିର ବୋଳା ବୋଳି ହେବା ଦେହରେ
କରି ହିଂସା, ବାଦ ନାଶ ।
ବିଷାକ୍ତ ରଙ୍ଗରୁ ଦୂରେଇ ରହି
ଖେଳିବା ସମସ୍ତଙ୍କ ମନ ମୋହି
ରଙ୍ଗର ପରବ ଇଏ
ସିନିହ, ପୀରତି ରଙ୍ଗ ବୋଳିବାକୁ
ଆସିଅଛି ପରା ସିଏ ।
ପିଲା ଠାରୁ ବୁଢ଼ା ସରବେ ମିଳି
ଆନନ୍ଦରେ ହୋଇବା କୋଳା କୋଳି
ନିଆରା ଅଟେ ଏ ପର୍ବ
ଆମ ସଂସ୍କୃତି ଆଉ ପରମ୍ପରାର
ଇଏ ଗଉରବ ଗର୍ବ ।

*ପ୍ରତାପ ନଗରୀ, କଟକ*
*ମୋ-୮୨୪୯୯୩୨୭୯୨*

# ଗାଆଁରେ ହୋଲି

*ଦୀନବନ୍ଧୁ ପୋଇ*



ଗାଆଁରେ ହୋଲି ହୃଦୟ ଖୋଲି
ଖେଳୁ ଯେ ସାଙ୍ଗ ସାଥି
ସଜେଇ ହୋଇ ବାଜା ବଜେଇ
ଗାଉ ଓଗାଳ ଗୀତି ।
ପିଚକାରିରେ ଅବିର ଭରେ
ଖୁସିରେ ଆମ କାହ୍ନା
ଯାହାକୁ ଦେଖେ ତାହାକୁ ମାଖେ
ହେଉ ନହେଉ ଚିହ୍ନା ।
ଫଗୁଣ ମାସେ ଫୁଲର ବାସେ
ଚହଟଇ ଏ ଧରା
ଦୋଳେ ଗୋବିନ୍ଦ ନିଏ ଆନନ୍ଦ
ଗୋପାଳ କାନ୍ଧେ ପରା ।
ବିମାନେ ବସି ହୁଅଇ ଖୁସି
ରାଧା ମାଧବ ହରି
ହୋଲିରେ ଆମେ ଖୁସିରେ ଡେଉଁ
ଦର୍ଶନ ତାଙ୍କୁ କରି ।
ଥିଲେ ବାହାରେ ଆସୁ ଯେ ଘରେ
ପାଳିବାକୁ ଏ ହୋଲି
ଭୁଲି ଅତୀତ ପାଳୁ ଏ ଯାତ
ହୋଇରେ କୋଳା କୋଳି ।
ଲଉଡି ଖେଳ କରି ଗୋପାଳ
ଗାଏ ଓଗାଳ ବୋଲି
ହେଉ ଶପଥ ମିତ୍ରତା ପାଇଁ
ଶତ୍ରୁକୁ ଯାଇ ଭୁଲି ।

*ଗୋରଡ଼ାପାଳ, ଢେଙ୍କାନାଳ*
*ଦୂରଭାଷ-୯୯୩୮୮୦୨୪୧୨*

# ଫଗୁଣ ପରଶ ଲାଗୁଛି ହରଷ

*ପ୍ରଶାନ୍ତ କୁମାର ଦାଶ*

ଆମ୍ବଗଛ ଡାଳେ ଘୁରି ବୁଲିଲାଣି
କୋଇଲି ଗୀତଟି ଗାଇ
ଫୁଲ ବଗିଚାର ଶୋଭାକୁ ବଢାଏ
ଛିଟ ପ୍ରଜାପତି ଥାଇ ॥
ହଳଦୀ ବସନ୍ତ ଉଡିଆସି ବସେ
ନଈପଠା ଗଛଡାଳେ
ସବୁଜ ସୁଷମା ହୁଏ ଭରପୂର
ପାଟ ତୋଟା ବିଲମାଳେ ॥
ପଳାଶ ଅଶୋକ ମାଳତୀ ମାଧବୀ
ଫୁଟି ବାଣ୍ଟିଲେଣି ବାସ
ଗୀତଗାଇ ଢାଳେ ଚାଷୀତା କଣ୍ଠରୁ
ସୁମଧୁର ଚାରୁ ହାସ ॥
ବସନ୍ତ ଆସିବା ପରେ ପିନ୍ଧିଅଛି
ଗଛଯେ ବଉଳପାଟ
ସଫା ନିରିମଳ ହେଲାଣି ଗାଆଁର
ଅଙ୍କା ବଙ୍କା ଲମ୍ବା ବାଟ ॥
ଗୁଣୁ ଗୁଣୁ ଗୀତ ଗାଇ ବୁଲିଲାଣି
ଭଅଁର ବଗିଚାକୋଳେ
ବଣତୋଟା ଗଛ କଅଁଳ ପତର
ଦିଶିଲାଣି ଦୁଇ ଡୋଳେ ॥
ଧିମେଇ ଯାଇଛି ନଈପାଣି ସୁଅ
ତୋଳୁଚି ଅଳସୀ ଛନ୍ଦ
ଦକ୍ଷିଣ ଦିଗରୁ ବହୁଚି ପବନ
ଗତିକରି ମନ୍ଦ ମନ୍ଦ ॥
ଫଗୁଣ ପରଶ ଲାଗୁଚି ହରଷ
ସରସ ସହର ଗାଆଁ
ଦେଇ ସୁଖ ଶାନ୍ତି ଦୁଃଖ କରି ଇତି
ଫଗୁଣ ଫେରିବ ଛାଆଁ ॥

*କୁଞ୍ଜର-ସଙ୍ଗଲାଇ, ପିପିଲି-ପୁରୀ*
*ମୋ-୯୬୬୮୮୨୨୧୯୦*

# ଆସ ଯିବା ହୋଲି ଖେଳି

*ନିରଞ୍ଜନ ସାହୁ*

ଫଗୁଣ ମାସରେ ରଙ୍ଗର ପର୍ବ
ଆମରି ମନରେ ଭରଇ ଗର୍ବ
ଆସ ଯିବା ଖେଳି ହୋଲି
ଭାଇଚାରା ଆମେ ବଜାୟ ରଖିବା
ହୃଦୟକୁ ଦେଇ ଖୋଲି ।
ମଳୟ ପବନ ଦକ୍ଷିଣୁ ବହେ
କୁହୁକୁହୁ କରି କୋଇଲି କହେ
ଆସିଗଲା ହୋଲି ଖେଳ
ସାଙ୍ଗସାଥି ଆମେ ମିଶିକି ଖେଳିବା
ଗାଆଁଦାଣ୍ଡେ ହେବା ମେଳ ।
ଜାତିଜାତି ଫଗୁ ହାତରେ ଧରି
ଖେଳିବା ମନରେ ସନ୍ତୋଷ ଭରି
ମାରୁଥିବା ପିଚକାରୀ
ରଙ୍ଗର ବରଷା ଝରି ଯାଉଥିବ
ନାଚୁଥିବା ତାଳି ମାରି ।
ଖେଳିବାନି ରାସାୟନିକ ରଙ୍ଗ
ଛଡାଇଦେବ ସେ ଆମରି ଢଙ୍ଗ
ପ୍ରାକୃତିକ ରଙ୍ଗ ଆଣି
ହୋଲି ଖେଳୁଥିବା ସାଙ୍ଗସାଥି ମେଳେ
ଏହି କଥା ଥାଅ ଜାଣି ।
ଆଖି ପ୍ରତି ଧ୍ୟାନ ସଭିଏଁ ଦେବା
ନହେଲେ ଭଲକି ନାମଟେ ନେବା
ହୋଲି ଖେଳ ଗଲେ ସରି
ନଈ, ପୋଖରୀରେ ଗାଧୋଇବା ନାହିଁ
ବୁଡ଼ିକି ଯିବ କେ' ମରି ।

*ନିହଳପ୍ରସାଦ, ଗଁଡିଆ ପାଟଣା*
*ମୋ- ୯୯୩୮୭୪୧୫୮୩*

# ହୋଲି

*ସତ୍ୟବ୍ରତ ସାହୁ*



ବରଷକ ପରେ ଧରାକୁ ଆସୁଛି ରଙ୍ଗର ପରବ ହୋଲି
ସରାଗରେ ସାଙ୍ଗ, ସାଥି, ସହୋଦରେ ରଙ୍ଗ ବୋଳିଦେବ ବୋଲି ।
ଆସୁଅଛି ହୋଲି ସଜବାଜ ହୋଇ ବସନ୍ତର ହାତ ଧରି
ବାଣ୍ଟିଦେବ ସ୍ନେହ, ପ୍ରୀତିର ଅବିର ମଳୟକୁ ସାଥି କରି ।
ନାଲି, ହଳଦିଆ, ନୀଳ, ବାଇଗଣୀ, ସବୁଜ, ସୁନେଲି ରଙ୍ଗ
ମୁହେଁ, ଦେହେ, ପାଦେ ଆଦରେ ମାଖିବ ଧରି ଭାଇଚାରା ମଙ୍ଗ ।
କହିବ ସଭିଙ୍କୁ ଆସ ସାଙ୍ଗମାନେ ଭୁଲିଯିବା ଭେଦଭାବ
ଦୁଃଖ ସାଗରରେ ଭସାଇ ଦେବାରେ ସୁଖ, ଶରଧାର ନାବ ।
ଖୁସି, ଆନନ୍ଦର ପରବ ଏ ହୋଲି ପରକୁ କରିବା ନିଜ
କାଲି ଯାଏଁ ଯାହା ରାଗ, ରୁଷା ଥିଲା ଭୁଲିଯିବା ସାଙ୍ଗ ଆଜ ।
ସଦ୍‌ଭାବନାର ପରବ ଏ ହୋଲି ଉଲ୍ଲାସେ ପାଳିବା ଆମେ
ପିଠାପଣା, ମିଠା ବାଣ୍ଟିବା ସଭିଙ୍କୁ ଲାଗିବା ସଭିଙ୍କ କାମେ ।
ଦୋଳ ବିମାନରେ ରାଧାକୃଷ୍ଣ ବେନି ବୁଲିବେଟି ଘର ଘର
ମେଳଣରେ ଭକ୍ତ ସହିତ ଖେଳିବେ ରଙ୍ଗ ରାଈ-ଦାମୋଦର ।
ରଙ୍ଗର ପରବ ଆସୁଛି ଆସିବ ଖୁସିର ବାରତା ନେଇ
ମାନ, ଅଭିମାନ ସବୁ ଭୁଲିଯିବା ରଙ୍ଗ ବୋଳିବୋଳି ହୋଇ ।

*ପଲ୍ଲୀସାହି, କମାଳପୁର, ଅହିୟାସ, ଯାଜପୁର-୭୫୫୦୩୬*
*ମୋ-୮୯୧୭୨୭୩୫୪୫*

# ଗେଲୁ ପାଇଁ ଦି ଧାଡ଼ି

*ସୁରମା ମିଶ୍ର*

ତୁଉତ ମୋର ନୟନତାରା
ଦୁଃଖ ପଶୋରା ମୋର ସାହାରା
ମୋ ଗଣ୍ଠିଧନ ଗଳାରତନ
ତତେ ଦେଖିବାକୁ ହେଉଛି ମନ ॥
ବୟସ ମୋର ସାଧୁଛି ବାଦ
ଆଉ ବଢୁନି ଆଗକୁ ପାଦ
ଅଙ୍ଗ ପ୍ରତ୍ୟଙ୍ଗ ହେଲା ଦୁର୍ବଳ
ଚାଲିବାକୁ ଆଉ ପାଉନି ବଳ ॥
ପର ଦୁଇଟି ଥିଲେଲୋ ମୋର
ଉଡ଼ି ଯାଆନ୍ତି ପାଖକୁ ତୋର
କୋଳେ ଧରନ୍ତି ଗେଲ କରନ୍ତି
ଗୀତ ଗାଇ ଶୁଆଇ ଦିଅନ୍ତି ॥
ପାକୁଆ ପାଟି ହସଟି ତୋର
ଦେଖିଲେ ଖୁସି ମନଟି ମୋର
ଯେଉଁ ଦିନଠୁ ବୁଝିବୁ ମନ
ଶାନ୍ତି ପାଇବି ମୁହିଁ ସେ ଦିନ ॥
ନନାଙ୍କ କୋଳେ ଗେଲ ହଉଛୁ
ବୋଉକୁ ଗୋଡେ ଲାତ ମାରୁଛୁ
ବାଲ୍ୟଲୀଳା ତୋ ଦେଖିବା ପାଇଁ
ଚାତକ ପରି ରହିଛି ଚାହିଁ ॥
ଆଶାଟି ମୋର ମନରେ ରହେ
ଅକୁହା କଥା କହି ନ ହୁଏ
ଜଗତନାଥ ହେ ଚହୁବାହା
ଗେଲୁକୁ ମୋର ହୋଇବ ସାହା ॥

*ବି /ଏଲ୍-୩୯, ଭିଏସ୍‌ଏସ୍*
*ନଗର, ଭୁବନେଶ୍ୱର*
*ମୋ-୯୮୫୩୩୪୩୯୬୫*



# ଅଟେଇ ଜଙ୍ଗଲ



**ରୀତାଞ୍ଜଳି ସାହୁ**

ଅଟେଇ ଜଙ୍ଗଲରେ ଦୁଇଟି ହାତୀ ରହୁଥିଲେ । ଦିନେ ସେମାନେ ଜଙ୍ଗଲରେ କିଛି ଖାଇବାକୁ ପାଇଲେନାହିଁ । ମାଈ ହାତୀଟି ଭୋକରେ ଖୁବ୍ ଡହଳ ବିକଳ ହେଲା । ଜଙ୍ଗଲ ତ ପତଳା ହୋଇଗଲାଣି ଖାଦ୍ୟ ମିଳୁନି । ମଣିଷମାନେ ସବୁ ଡାଳ ପତ୍ର କାଟି ନେଉଛନ୍ତି ।

ସେଠୁ ପୁରୁଷ ହାତୀଟି ଅନ୍ୟମାନଙ୍କୁ କହିଲା ଚାଲ ଭାଇମାନେ ଗାଁ ଆଡ଼କୁ ଯିବା । ଗାଁରେ ଧାନ, ଚାଉଳ ମିଳିଯିବ । ରାତିରେ ସବୁ ହାତୀ ସାଙ୍ଗ ହୋଇ ଗାଁ ମୁହାଁ ହେଲେ । ଗାଁ ପଧାନ ଘର ଧାନ, ଚାଉଳରେ ଭର୍ତ୍ତି । ତା' ପିଜୁଳି, କଦଳୀ ଗଛ ଭାଙ୍ଗି ଘର ଭାଙ୍ଗି ଧାନ ଖାଇଲେ । ଘରଦ୍ୱାର ଭାଙ୍ଗି ଗୋଟା ଗାଁଟାକୁ ନଷ୍ଟ କଲେ । ପଧାନ ବୁଢ଼ାକୁ କଚାଡ଼ି ମାରିଦେଲେ । ସେ ଅଧିକା ଦର ହେଲେ ବିକ୍ରି କରିବ ବୋଲି ରଖିଥିଲା । ହାତୀମାନେ ସବୁ ଖାଇ ଦଳି ମକଚି ଦେଲେ । ନିଆଁ ହୁଳା ବାଜା ବଜେଇ ଗାଁ ବାଲା ଓ ଫରେଷ୍ଟର ବାବୁ ହାତୀଙ୍କୁ ବାଣ ଫୁଟେଇ ହୁରୁଡାଉଥାନ୍ତି । କିଏ ଜଣେ ପାପି ମଣିଷ ବୋମା ଖଞ୍ଜି ପଣସଟିଏ ରଖିଦେଇଥିଲା । ପଣସକୁ କାମୁଡ଼ି ଦେବାରୁ ତାହା ତା ପାଟିରେ ଫୁଟିଗଲା ଓ ହାତୀଟି ଯନ୍ତ୍ରଣାରେ ଗଡ଼ିଯାଉଥାଏ ।

ଏ ହାତୀ, ବାଘ ଲଢ଼େଇ ଭିତରେ ମଣିଷ ବଳିପଡୁଛି । ତା' ପରଦିନ ଟିଭି ପରଦାଠୁ ସମସ୍ତ ସମ୍ବାଦ ପତ୍ରରେ ଘଟଣାଟି ରାଷ୍ଟ୍ର ହୋଇଗଲା । ସମସ୍ତେ ଭୟଭୀତ ହୋଇ ରାତିରେ ଜଗିବସିଲେ ।

ସପ୍ତମ ଶ୍ରେଣୀରେ ପଢୁଥିଲା ସୁକୁମାର । ତା' ମନରେ ପ୍ରଶ୍ନ ଉଠିଲା ଜେଜେ କହୁଥିଲେ ଆଗରୁ ହାତୀମାନେ କିମ୍ବା ବନ୍ୟ ଜନ୍ତୁମାନେ ଗାଁକୁ ଆସୁନଥିଲେ । ଆଜିକାଲି ସେମାନଙ୍କ ରହିବା ଖାଇବାରେ ଅସୁବିଧା ହେବାରୁ ସେମାନେ ଗାଁ ମୁହାଁ ହେଉଛନ୍ତି ।

ସତରେ ଜଙ୍ଗଲ କ୍ଷୟର କୁପରିଣାମ ଯୋଗୁ ଅକାଳରେ କେତେ ମୂଲ୍ୟବାନ ଜୀବନ ଚାଲିଯାଉଛି । ସୁକୁମାର ତ ଛୋଟପିଲା ସେ କ'ଣ ଜଙ୍ଗଲ ସୁରକ୍ଷା କରିପାରିବ ? ତଥାପି ସେ ତା'ର ସାଙ୍ଗମାନଙ୍କୁ ଧରି ଲୋକମାନଙ୍କୁ ବୁଝାଇଲା । ଜଙ୍ଗଲରେ ନିଆଁ ଲଗାଇବା ଦ୍ୱାରା ପଶୁମାନେ ଅସ୍ତବ୍ୟସ୍ତ ହୋଇ ସହର ମୁହାଁ ହେଉଛନ୍ତି ।

ସାନ ସିନା ଦାନ ତା ମହାନ୍ ଏହି ମନ୍ତ୍ରକୁ ଉଚ୍ଚାରଣ କରି ସୁକୁମାର ବର୍ଷା ଦିନେ ତାଙ୍କ ଗାଁ ପାଖ ଜଙ୍ଗଲରେ ଗଛ ଲଗାଇଲା । ତାକୁ ସ୍କୁଲ୍ ସାର୍‌ମାନେ ପ୍ରଶଂସା କଲେ । ବାନର ସେନା ପରି ସେମାନେ ଆଗକୁ ବଢ଼ିଚାଲିଲେ । ଆସ୍ତେ ଆସ୍ତେ ଜଙ୍ଗଲ ବହଳ ଓ ଘଞ୍ଚ ହେଲା । ଜଙ୍ଗଲକୁ ନିଆଁରୁ ରକ୍ଷା କରିବା ପାଇଁ ସରକାର ବି ପଦକ୍ଷେପ ନେଇଛନ୍ତି । ଆଜି 'ଅଟେଇ' ଏକ ସଂରକ୍ଷିତ ଜଙ୍ଗଲରେ ପରିଣତ ହୋଇଛି । ସେଠି ହାତୀ, ବାଘ, ଭାଲୁ, ହରିଣମାନେ ନିର୍ଭୟରେ ବାସ କରିପାରୁଛନ୍ତି । ତାହା କେନ୍ଦୁଝର ଜିଲ୍ଲାର ଗର୍ବ ଗୌରବକୁ ବୃଦ୍ଧି କରୁଛି ।

ସୁକୁମାରକୁ ତା' କାର୍ଯ୍ୟ ପାଇଁ ସମସ୍ତେ ପ୍ରଶଂସା କରନ୍ତି । ପୁଣି ଦିନେ ଏପରି ଅନ୍ୟ ଏକ ଜଙ୍ଗଲରୁ ହାତୀମାନେ ଚାଷ ଜମି ନଷ୍ଟ କରୁଥାନ୍ତି । ସେତେବେଳକୁ ସୁକୁମାର ବଡ଼ପିଲା ହୋଇଗଲାଣି । ସେ ବି ଜଙ୍ଗଲ ଦେଖିବାକୁ ଗଲା । ହାତୀମାନେ ମଣିଷଙ୍କୁ କଚାଡ଼ି ମାରୁଥାନ୍ତି । ଏତେବେଳକୁ ସୁକୁମାର ତା'ର ବିରାଟ ଦଳ ଗଢ଼ିସାରିଲାଣି । ସେମାନଙ୍କୁ ଡାକି ହାତୀକୁ କେମିତି ଆୟତ୍ତ କରିହେବ ତାର କୌଶଳ ଶିକ୍ଷା ଦେଲା । ତାର ସ୍ୱରକୁ ରେକର୍ଡିଂ କରି ଅପର ଜଙ୍ଗଲରେ ବଜାଇଲେ କିମ୍ବା ଡି.ଜେ ଦ୍ୱାରା ତୀବ୍ର ଶବ୍ଦ କଲେ ହାତୀମାନେ ଜଙ୍ଗଲକୁ ପଳାଇଯାଇଥାନ୍ତି ।

ଏଥର ଗ୍ରାମର ପ୍ରତ୍ୟେକ ବ୍ୟକ୍ତି ଅନୁଭବ କଲେଣି ଯେ ସତରେ ଏଇ ଜଙ୍ଗଲ କେତେ ଉପକାରୀ । ସେଇଥିପାଇଁ ସିନା ହାତୀ ମଣିଷର ଲଢ଼େଇ । ବର୍ଷ ବର୍ଷ ବିତିଗଲାଣି ଯା ଭିତରେ ସୁକୁମାର ପାଠପଢ଼ି ପ୍ରଶାସନିକ ଅଧିକାରୀ ହେଲାଣି କେନ୍ଦୁଝର ଜିଲ୍ଲାରେ ସେ ଡି.ଏଫ୍.ଓ ଭାବରେ ଯୋଗଦେଇଛି । ଜଙ୍ଗଲର ସର୍ବାଙ୍ଗୀନ ଉନ୍ନତି ତାର ଲକ୍ଷ୍ୟ । ତା' ଦଳରେ କାମ କରୁଥିବା ପିଲାମାନଙ୍କର ବି ସେ ଖବର ବୁଝେ । ସେମାନଙ୍କ ଭିତରେ କିଏ କେମିତି ଭଲ ଭଲ ଚାକିରି କରୁଛନ୍ତି । ସେମାନେ ମାଟି ମା'କୁ ଭଲପାଆନ୍ତି ।

ସୁକୁମାର ଏବଂ ତା ଦଳର ଅକ୍ଳାନ୍ତ ପରିଶ୍ରମ ବେକାର ଯାଇନି । ଆଜିକାଲି ହାତୀ ମଣିଷ ଲଢ଼େଇରେ ମୃତାହତଙ୍କ ସଂଖ୍ୟା ଅପେକ୍ଷାକୃତ କମ୍ ଅଛି ।

*ଅମୃତବିହାର,କେନ୍ଦୁଝରଗଡ଼,କେନ୍ଦୁଝର*

# ଆଇପିଏଲ ପୂର୍ବରୁ ବଦଳିଲା ଲକ୍ଷ୍ନୌର ଲୋଗୋ




**ନୂଆଦିଲ୍ଲୀ**

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ) ଫ୍ରାଞ୍ଚାଇଜ୍ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ (ଏଲଏସଜି) ଆଗାମୀ ସିଜିନ୍ ପୂର୍ବରୁ ଏହାର ନୂତନ ଲୋଗୋ ଉନ୍ମୋଚନ କରିଛି। ଏହି ନୂତନ ପ୍ରତୀକରେ ତିନୋଟି ଶକ୍ତିଶାଳୀ ଗରୁଡ଼, ମୁକୁଟ ଏବଂ ହାତୀକୁ ଏକାଠି କରାଯାଇଛି। ଏଲଏସଜି ପକ୍ଷରୁ ବିବୃତ୍ତିରେ କୁହାଯାଇଛି ଯେ, ଗରୁଡ଼ ସାହସକୁ ପ୍ରତିନିଧିତ୍ୱ କରେ। ଉଠିବା, ଚ୍ୟାଲେଞ୍ଜ ଗ୍ରହଣ କରିବା ଏବଂ କେବେ ପଛକୁ ନ ହଟିବା ପାଇଁ ସାହସର ପ୍ରତୀକ ହେଉଛି ଗରୁଡ଼। ଯାହା ଖେଳାଳିଙ୍କୁ ନିର୍ଭୀକ କ୍ରିକେଟ୍ ଏବଂ ସ୍ୱପ୍ନ ବହୁତ ବଡ଼ ନୁହେଁ ବୋଲି ବାର୍ତ୍ତା ପ୍ରଦାନ କରୁଛି। ସେହିଭଳି ମୁକୁଟ ଗର୍ବ ଏବଂ ଦାୟିତ୍ୱର ପ୍ରତିନିଧିତ୍ୱ କରୁଛି। ଯାହା ଖେଳାଳିଙ୍କୁ ବାର୍ତ୍ତା ଦେବ ଯେ, ଏହି ଜର୍ସି ପିନ୍ଧିବା ଏକ ସମ୍ମାନ ଏବଂ ସେହି ସମ୍ମାନ ପ୍ରତ୍ୟେକ ଦିନ ଅର୍ଜନ କରିବାକୁ ପଡିବ। ଲୋଗୋର ମୂଳରେ ହାତୀ ରହିଛି। ହାତୀ ଶକ୍ତି, ଜ୍ଞାନ, ଧୈର୍ଯ୍ୟ ଏବଂ ଏକତାକୁ ପ୍ରତିନିଧିତ୍ୱ କରେ। ଏହା ପ୍ରଶଂସକଙ୍କ ସ୍ଥିର ସମର୍ଥନକୁ ପ୍ରତିଫଳିତ କରିବ ବୋଲି କୁହାଯାଇଛି। ନୂତନ ଲୋଗୋ ବିଷୟରେ ଏଲଏସଜିର ମାଲିକ ଶାଶ୍ୱତ ଗୋଏଙ୍କା କହିଛନ୍ତି, "ଏହି ନୂତନ ଲୋଗୋ ଆମ ପାଇଁ ଗଭୀର ଭାବପ୍ରବଣ। ଲକ୍ଷ୍ନୌ ଏବଂ ଉତ୍ତର ପ୍ରଦେଶର ଲୋକମାନେ ପ୍ରଥମ ଦିନରୁ ସୁପର ଜିଆଣ୍ଟ୍ସକୁ ହୃଦୟରୁ ସ୍ୱାଗତ କରିଥିଲେ। ଏହି ପ୍ରତୀକ ସେହି ପ୍ରେମ ଏବଂ ବିଶ୍ୱାସର ଶ୍ରଦ୍ଧାଞ୍ଜଳି। ଗରୁଡ଼ ଉଚ୍ଚକୁ ଉଠିବା ପାଇଁ ଆମର ସ୍ୱପ୍ନକୁ ପ୍ରତିଫଳିତ କରେ। ଆମେ ଯେତେବେଳେ ପ୍ରତିଥର କ୍ଷେତ୍ରକୁ ଯାଉ, ସେତେବେଳେ ଆପଣ ଆମ ଉପରେ ଯେଉଁ ଗର୍ବ ରଖନ୍ତି ତାହା ଏହି ମୁକୁଟ ପ୍ରଦର୍ଶିତ କରେ। ହାତୀ ଟିମକୁ ପରିଭାଷିତ କରୁଥିବା ଶକ୍ତି ଏବଂ ବିଶ୍ୱସ୍ତତାକୁ ପ୍ରତିଫଳିତ କରେ।

ଏଲଏସଜି ୨୦୨୨ରେ ଆଇପିଏଲ ଡେବ୍ୟୁ କରିଥିଲା ଏବଂ ଏପର୍ଯ୍ୟନ୍ତ କୌଣସି ଟାଇଟଲ୍ ଜିତି ନାହିଁ। ୨୦୨୨ ଏବଂ ୨୦୨୩ରେ ପ୍ଲେ-ଅଫ୍ ପର୍ଯ୍ୟାୟରେ ପହଞ୍ଚିଥିଲା। ପରବର୍ତ୍ତୀ ଦୁଇଟି ସିଜିନରେ ଲିଗ୍ ପର୍ଯ୍ୟାୟରୁ ବାହାରି ପାରିନଥିଲା।

# ଅଷ୍ଟ୍ରେଲିଆକୁ ହରାଇ ହୋବର୍ଟ ପର୍ଯ୍ୟାୟ ଶେଷ କଲା ଭାରତ



**ହୋବର୍ଟ**

ଏଫଆଇଏଚ୍ ପ୍ରୋ ଲିଗ୍ ପୁରୁଷ ହକି ପ୍ରତିଯୋଗିତାରେ ଭାରତୀୟ ଦଳର ପରାଜୟ ଧାରାରେ ବ୍ରେକ୍ ଲାଗିଛି। ରାଉରକେଲା ପର୍ଯ୍ୟାୟରେ ଲଗାତାର ଚାରିଟି ମ୍ୟାଚ୍ ହାରିବା ପରେ ଅଷ୍ଟ୍ରେଲିଆର ହୋବର୍ଟ ପର୍ଯ୍ୟାୟରେ ଲଜ୍ଜାଜନକ ପ୍ରଦର୍ଶନ କରି ଆସୁଥିବା ଭାରତୀୟ ହକି ଦଳ ଶେଷରେ ବିଜୟର ପ୍ରତୀକ୍ଷିତ ସ୍ୱାଦ ଚାଖିଛି। ବୁଧବାର ଘରୋଇ ଅଷ୍ଟ୍ରେଲିଆକୁ ସୁଟ୍ଆଉଟ୍‌ରେ ୩-୧ (୧-୧) ଗୋଲ୍‌ରେ ପରାସ୍ତ କରି ବୋନସ୍ ପଏଣ୍ଟ ସହ ଗସ୍ତ ଶେଷ କରିଛି। ଏହି ମ୍ୟାଚ୍ ନିର୍ଦ୍ଧାରିତ ସମୟରେ ୧-୧ ଗୋଲ୍‌ରେ ଅମିମାଂସିତ ରହିଥିଲା। ହେଲେ ସୁଟ୍ଆଉଟ୍‌ରେ ଭାରତ ବାଜି ମାରି ନେଇଥିଲା। ଯୁବ ଗୋଲ୍ ରକ୍ଷକ ମୋହିତ ଶଶିକୁମାର ଭାରତର ଏହି ସ୍ମରଣୀୟ ବିଜୟରେ ନିର୍ଣ୍ଣାୟକ ଭୂମିକା ତୁଲାଇଥିଲେ। ଓଡ଼ିଆ ତାରକା ଶିଳାନନ୍ଦ ଲାକ୍ରା ନିର୍ଦ୍ଧାରିତ ସମୟରେ ବହୁମୂଲ୍ୟ ଗୋଲ୍ ଦେଇ ମ୍ୟାଚକୁ ବରାବର ସ୍ଥିତିକୁ ଆଣିବା ପରେ ସୁଟ୍ଆଉଟ୍‌ରେ ଗୋଲ୍ କରି ଭାରତୀୟ ବିଜୟର ଅନ୍ୟତମ ନାୟକ ସାଜିଥିଲେ। ଏହି ରୋମାଞ୍ଚକ ବିଜୟ ପରେ ଯୁବ ଖେଳାଳି ସମୃଦ୍ଧ ଭାରତୀୟ ହକି ଦଳ ମଧ୍ୟ ତା'ର ଆତ୍ମବିଶ୍ୱାସ କିଛିଟା ଫେରି ପାଇଛି। ଭାରତୀୟ ହକି ଦଳ ଏବେ ଏହି ୯ଦଳୀୟ ପ୍ରତିଯୋଗିତାରେ ୮ ମ୍ୟାଚ୍ରୁ ମାତ୍ର ୪ ପଏଣ୍ଟ ପାଇ ଅଷ୍ଟମ ସ୍ଥାନରେ ରହିଛି। ଭାରତ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ରୋଟରଡାମଠାରେ ନେଦରଲାଣ୍ଡ୍ସ ଓ ଜର୍ମାନୀକୁ ଭେଟିବ। ଏହି ପର୍ଯ୍ୟାୟ ଜୁନ୍ ୨୧ରୁ ଆରମ୍ଭ ହେବ। ଆଜି ମ୍ୟାଚର ପ୍ରଥମ ତିନି କ୍ୱାର୍ଟରରେ ଉଭୟ ଦଳ କେହି କାହାରିକୁ ଗୋଲ୍ ଦେଇ ପାରି ନଥିଲେ। ଚତୁର୍ଥ କ୍ୱାର୍ଟରର ଚତୁର୍ଥ ମିନିଟ୍‌ରେ ଜେରେମି ହେୱାର୍ଡ ଏକ ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ରୂପାନ୍ତର କରି କଙ୍ଗାରୁ ଦଳକୁ ଆଗୁଆ କରିଥିଲେ। ଶିଳାନନ୍ଦ ୫୧ ମିନିଟ୍‌ରେ ଏକ ଚମତ୍କାର ଗୋଲ୍ ଦେଇ ସ୍ଥିତି ୧-୧ କରି ନେଇଥିଲେ। ଶେଷ ପର୍ଯ୍ୟନ୍ତ ଏହି ସ୍କୋର୍ ଲାଇନ୍ ଅପରିବର୍ତ୍ତିତ ରହିଥିଲା। ଫଳରେ ସୁଟ୍ଆଉଟର ଦରକାର ପଡ଼ିଥିଲା।

# ସଚିନଙ୍କୁ କ୍ଷମା ମାଗିଲେ ପୂର୍ବତନ ଅମ୍ପାୟର ଷ୍ଟିଭ ବକ୍‌ନର




**ନୂଆଦିଲ୍ଲୀ**

ଭାରତର କ୍ରିକେଟ କିମ୍ବଦନ୍ତୀ ସଚିନ ତେନ୍ଦୁଲକରଙ୍କୁ ବହୁ ବାର ଭୁଲ୍ ନିଷ୍ପତ୍ତି ଦେଇ ଆଉଟ୍ କରିଥିବା ପୂର୍ବତନ ଅମ୍ପାୟର ଷ୍ଟିଭ ବକ୍‌ନର ଦୀର୍ଘ ୨୨ ବର୍ଷ ପରେ ନିଜ ଭୁଲ୍ ସ୍ୱୀକାର କରିବା ସହ ଦୁଃଖ ପ୍ରକାଶ କରିଛନ୍ତି। ଏଥିସହିତ ତାହା ଏକ ଭୁଲ୍ ଥିଲା ବୋଲି କହିଛନ୍ତି। ୨୦୦୯ରେ ଅବସର ନେଇଥିବା ବକ୍‌ନର ବିଶ୍ୱ କ୍ରିକେଟରେ ଦୁଇ ଦଶନ୍ଧି ଧରି ଅମ୍ପାୟର ଦାୟିତ୍ୱ ତୁଲାଇଥିଲେ। କିନ୍ତୁ ବହୁବାର ତାଙ୍କ ଭୁଲ୍ ନିଷ୍ପତ୍ତି ଯୋଗୁ ତେନ୍ଦୁଲକର ଆଉଟ୍ ହୋଇଥିଲେ। ସବୁଠୁ ଚର୍ଚ୍ଚିତ ଘଟଣା ଥିଲା, ୨୨ ବର୍ଷ ପୂର୍ବେ ବ୍ରିସବେନର ଗାବାରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଚାଲିଥିବା ଟେଷ୍ଟ ମ୍ୟାଚ୍‌ରେ ସଚିନଙ୍କୁ ତ୍ରୁଟିପୂର୍ଣ୍ଣ ଭାବେ ବକ୍‌ନର ଏଲ୍‌ବିଡବ୍ଲୁ ଆଉଟ୍ ଦେଇଥିଲେ।

# ଗମ୍ଭୀରଙ୍କ ଉପରେ ଆରୋପ ଲଗାଇଲେ ପାକିସ୍ତାନର ପୂର୍ବତନ କ୍ରିକେଟର

**ନୂଆଦିଲ୍ଲୀ**




ଟି-୨୦ ବିଶ୍ୱକପର ସୁପର-୮ ମୁକାବିଲାର ପ୍ରଥମ ମ୍ୟାଚ୍‌ରେ ପରାଜୟ ବରଣ କରିଛି ଭାରତ। ଦକ୍ଷିଣଆଫ୍ରିକାଠାରୁ ବଡ଼ ରନର ବ୍ୟବଧାନରେ ଭାରତ ହାରିବା ପରେ ଏବେ ସବୁଠି କରାଯାଉଛି ସମାଲୋଚନା। ଭାରତ ଏବେ ସେମିଫାଇନାଲରେ ପହଞ୍ଚିବା ପାଇଁ କଷ୍ଟ କରିବାକୁ ପଡ଼ିବ। ଯାହାକି ଦଳ ଉପରେ ପ୍ରଭାବ ପକାଉଛି। ତେବେ ଏହାରି ଭିତରେ ପୂର୍ବତନ ପାକିସ୍ତାନୀ କ୍ରିକେଟର ଅହମ୍ମଦ ଶେହେଜାଦ ଟିମ୍ ଇଣ୍ଡିଆର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଗମ୍ଭୀର ଆସିବା ପରେ ଟିମ୍ ଇଣ୍ଡିଆରେ ରାଜନୀତି ପଶିଛି।

ଦକ୍ଷିଣଆଫ୍ରିକା ବିପକ୍ଷ ମ୍ୟାଚରେ ପ୍ଲେଇଂ ୧୧ରେ ଅକ୍ଷର ପଟେଲଙ୍କ ସ୍ଥାନରେ ୱାଶିଂଟନ ସୁନ୍ଦରଙ୍କୁ ସୁଯୋଗ ନିଷ୍ପତ୍ତିକୁ ଅନେକ କ୍ରୀଡ଼ା ସମୀକ୍ଷକ ସମାଲୋଚନା କରିଛନ୍ତି। ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଲରାଉଣ୍ଡର ଅଶ୍ୱିନୀ ମଧ୍ୟ ଏହା ଉପରେ ପ୍ରଶ୍ନ ଉଠାଇଥିଲେ। ସେପଟେ ପାକିସ୍ତାନର ପୂର୍ବତନ କ୍ରିକେଟର ଅହମ୍ମଦ ଶେହେଜାଦ କହିଛନ୍ତି ଗମ୍ଭୀର ୨୦୧୯-୨୪ ସକ୍ରିୟ ରାଜନୀତିରେ ରହିଥିଲେ। ଯାହାକି ଏବେ ମଧ୍ୟ ତାଙ୍କ ଭିତରେ ରାଜନୀତି ରହିଛି। ଚିନ୍ତାଧାରା ପରିବର୍ତ୍ତନ ହୋଇନାହିଁ। ଟିମ୍ ଇଣ୍ଡିଆରେ ଭଲ ଭଲ ଖେଳାଳି ଥାଇ ମଧ୍ୟ ତାଙ୍କୁ ବ୍ୟବହାର କରିପାରୁ ନାହାନ୍ତି ଗମ୍ଭୀର। ଏଭଳି ଭାବେ ସେ ସମାଲୋଚନା କରିଥିଲେ।

କେବଳ ଏତିକି ନୁହେଁ କୁଲଦୀପ ଯାଦବଙ୍କ ଉଦାହରଣ ମଧ୍ୟ ଦେଇଥିଲେ। ମ୍ୟାଚ ବିଜୟୀ ବୋଲର ଭାବେ କୁଲଦୀପ ଜଣାଶୁଣା। ମାତ୍ର ତାଙ୍କୁ ଗୋଟିଏ ମ୍ୟାଚ୍‌ରେ ଖେଳିବାକୁ ଦିଆଯାଇଛି। ତାଙ୍କୁ କାହିଁକି ଦଳରେ ଖେଳିବାର ସୁଯୋଗ ଦିଆଯାଉନାହିଁ ଏବଂ ତାଙ୍କର ବ୍ୟବହାର କରାଯାଉ ନାହିଁ ବୋଲି କହିଛନ୍ତି। ପାକିସ୍ତାନ ବିପକ୍ଷ ମ୍ୟାଚ ପରେ ଝଗଡ଼ା ଯୋଗୁଁ ଜାଣିଶୁଣି ଦଳରେ ଖେଳିବାର ସୁଯୋଗ ମିଳୁନି। ଏହାସହ ଗମ୍ଭୀରଙ୍କ ଚାପ ପାଇଁ ମଧ୍ୟ ଅନେକ ଭୁଲ୍ ନିଷ୍ପତ୍ତି ନିଆଯାଉଥିବା ସେ ଭିଡିଓରେ ଜଣାଇଛନ୍ତି।

# ମଝିରେ ପରିବର୍ତ୍ତନ ହେବ ୨୦୨୬ ଟି-୨୦ ବିଶ୍ୱକପ ସୂଚୀ!

**ନୂଆଦିଲ୍ଲୀ**

ସୁପର ୮ ଲାଇନଅପ ଚୂଡ଼ାନ୍ତ ହେବା ପରେ ଆଇସିସି ସୂଚନା ପ୍ରଦାନ କରିଥିଲା, ଯେଉଁଥିରେ କୁହାଯାଇଛି ଯେ ସେମି-ଫାଇନାଲ ୧ ପାଇଁ ସ୍ଥାନ ସ୍ଥିର ନୁହେଁ। ଏହାକୁ ଏକ 'ଫ୍ଲୋଟିଂ' ଫିକ୍ସଚର ଭାବରେ ବର୍ଣ୍ଣନା କରାଯାଇଛି, ଯାହା କଲମ୍ବୋର ଆର. ପ୍ରେମଦାସା ଷ୍ଟାଡିୟମ କିମ୍ବା କୋଲକାତାର ଇଡେନ ଗାର୍ଡେନ୍ସରେ ଅନୁଷ୍ଠିତ ହୋଇପାରେ। ଆଇସିସି ଟି-୨୦ ବିଶ୍ୱକପ ୨୦୨୬ର ସେମିଫାଇନାଲ ଶ୍ରୀଲଙ୍କା ଘରୋଇ ଗ୍ରାଉଣ୍ଡ କଲମ୍ବୋରେ ଖେଳିପାରେ, କିନ୍ତୁ ଏହା କେଉଁ ଦଳ ଯୋଗ୍ୟତା ଅର୍ଜନ କରେ ଏବଂ ସେମାନେ କାହା ସହିତ ମୁକାବିଲା କରନ୍ତି ତାହା ଉପରେ ନିର୍ଭର କରିବ।

ସରଳ ଭାବରେ କହିବାକୁ ଗଲେ, ଯଦି ପାକିସ୍ତାନ ସେମିଫାଇନାଲରେ ପହଞ୍ଚିଥାଏ, ତେବେ ସେମାନେ ମାର୍ଚ୍ଚ ୪ରେ କଲମ୍ବୋରେ ଖେଳିବେ। ଯଦି ପାକିସ୍ତାନ ଯୋଗ୍ୟତା ଅର୍ଜନ କରେ ନାହିଁ ଏବଂ ଶ୍ରୀଲଙ୍କା ଯୋଗ୍ୟତା ଅର୍ଜନ କରେ କିନ୍ତୁ ଭାରତ ସହିତ ମୁକାବିଲା କରେ ନାହିଁ, ତେବେ ଶ୍ରୀଲଙ୍କା ମଧ୍ୟ କଲମ୍ବୋରେ ସେମି-ଫାଇନାଲ ୧ ଖେଳିବ। ତଥାପି, ଯଦି ପାକିସ୍ତାନ ଏବଂ ଶ୍ରୀଲଙ୍କା ଉଭୟ ଯୋଗ୍ୟତା ଅର୍ଜନ କରନ୍ତି ନାହିଁ, ତେବେ ସେମି-ଫାଇନାଲ ୧ କୋଲକାତାରେ ଏବଂ ସେମିଫାଇନାଲ ୨ ମୁମ୍ବାଇରେ ଅନୁଷ୍ଠିତ ହେବ।

ସେମିଫାଇନାଲର ସ୍ଥାନ ପରିବର୍ତ୍ତନ ହୋଇପାରେ କାରଣ, ବିସିସିଆଇ ଏବଂ ପିସିବି ସହିତ ଆଇସିସି ବ୍ୟବସ୍ଥା ଅନୁଯାୟୀ, ପାକିସ୍ତାନ ଭାରତରେ କୌଣସି ମ୍ୟାଚ୍ ଖେଳିପାରିବ ନାହିଁ। ଅନ୍ୟପକ୍ଷରେ, ଶ୍ରୀଲଙ୍କା ପାଇଁ କଲମ୍ବୋରେ ସେମାନଙ୍କର ସେମିଫାଇନାଲ ଆୟୋଜନ ଘରୋଇ ଦର୍ଶକ ଏବଂ ସହ-ଆୟୋଜକ ହେବାର ଲାଭ ସହିତ ଜଡ଼ିତ। ଭାରତର ସେମିଫାଇନାଲ ସ୍ଥାନ ମଧ୍ୟ ପୂର୍ବରୁ ସ୍ଥିର ହୋଇସାରିଛି। ଯଦି ଭାରତ ଯୋଗ୍ୟତା ଅର୍ଜନ କରେ, ତେବେ ସେମାନେ ପ୍ରତିପକ୍ଷ ଦଳକୁ ନିର୍ବିଶେଷରେ ମୁମ୍ବାଇରେ ଖେଳିବେ, କିନ୍ତୁ ଯଦି ସେମାନେ ପାକିସ୍ତାନକୁ ମୁକାବିଲା କରନ୍ତି, ତେବେ ମ୍ୟାଚ୍ କଲମ୍ବୋକୁ ସ୍ଥାନାନ୍ତରିତ ହେବ।

ଯଦି ଭାରତ, ପାକିସ୍ତାନ କିମ୍ବା ଶ୍ରୀଲଙ୍କା ୨୦୨୬ ଟି-୨୦ ବିଶ୍ୱକପର ସେମିଫାଇନାଲରେ ପହଞ୍ଚି ନପାରନ୍ତି, ତେବେ ସୁପର ୮ର ଗ୍ରୁପ ୧ର ଶୀର୍ଷ ଦଳ କୋଲକାତାରେ ଗ୍ରୁପ ୨ର ଦ୍ୱିତୀୟ ଦଳ ସହିତ ମୁକାବିଲା କରିବ, ଯେତେବେଳେ ଗ୍ରୁପ ୨ର ଶୀର୍ଷ ଦଳ ମୁମ୍ବାଇରେ ଗ୍ରୁପ ୧ର ଦ୍ୱିତୀୟ ଦଳ ସହିତ ଖେଳିବ, ଯେପରି ପୂର୍ବରୁ ସହମତ ହୋଇଥିଲା। ଏହି ସୂଚନା ନଭେମ୍ବରରେ ଘୋଷିତ କାର୍ଯ୍ୟସୂଚୀରୁ ଏକ ପରିବର୍ତ୍ତନ। ସେତେବେଳେ, କେବଳ କୁହାଯାଇଥିଲା ଯେ ଯଦି ପାକିସ୍ତାନ ଯୋଗ୍ୟତା ଅର୍ଜନ କରେ, ତେବେ ସେମିଫାଇନାଲ ୧ କଲମ୍ବୋର ଆର. ପ୍ରେମଦାସା ଷ୍ଟାଡିୟମରେ ଖେଳାଯିବ। ଏଥିରେ ମଜାଦାର କଥା ହେଉଛି ଯେ ପୁରୁଣା କାର୍ଯ୍ୟସୂଚୀ ଅନୁସାରେ, ଯଦି ପାକିସ୍ତାନ ଫାଇନାଲରେ ପହଞ୍ଚିଥାଏ, ତେବେ ଫାଇନାଲ କଲମ୍ବୋରେ ଅନୁଷ୍ଠିତ ହେବ, କିନ୍ତୁ ନୂତନ ଯୋଜନାରେ ଏହା କୁହାଯାଇ ନାହିଁ ଯେ ଯଦି ଶ୍ରୀଲଙ୍କା ଫାଇନାଲରେ ପହଞ୍ଚିଥାଏ, ତେବେ ସେ ତା'ର ଘରୋଇ ଭୂମିରେ ମଧ୍ୟ ଖେଳିବ କି ନାହିଁ।

# ଦକ୍ଷିଣ ଆଫ୍ରିକା ଯିବ ଅଷ୍ଟ୍ରେଲିଆ ଦଳ



**ମେଲବୋର୍ଣ୍ଣ**

ଅଷ୍ଟ୍ରେଲିଆ ପୁରୁଷ କ୍ରିକେଟ ଦଳ ସେପ୍ଟେମ୍ବର ଓ ଅକ୍ଟୋବରରେ ଦକ୍ଷିଣ ଆଫ୍ରିକା ଟୁର୍‌ରେ ଯିବ। ଦକ୍ଷିଣ ଆଫ୍ରିକା-ଅଷ୍ଟ୍ରେଲିଆ ୩ଟି ଟେଷ୍ଟ ଏବଂ ସମାନ ସଂଖ୍ୟକ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ଖେଳିବ। ଗତ ଜୁନ୍‌ରେ ଲର୍ଡସଠାରେ ଅଷ୍ଟ୍ରେଲିଆକୁ ପରାସ୍ତ କରି ଦକ୍ଷିଣ ଆଫ୍ରିକ ଟେଷ୍ଟ ଚାମ୍ପିୟନସିପ୍ ଜିତିଥିଲା। ଫଳରେ ୩୭ ବର୍ଷରେ ଦକ୍ଷିଣ ଆଫ୍ରିକାର ଏହା ଥିଲା ପ୍ରଥମ ପ୍ରମୁଖ କ୍ରିକେଟ ଟ୍ରଫି। କ୍ରିକେଟ ଅଷ୍ଟ୍ରେଲିଆ ପକ୍ଷରୁ ମଙ୍ଗଳବାର ଦିଆଯାଇଥିବା ସୂଚନା ଅନୁସାରେ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚଗୁଡ଼ିକ ମଧ୍ୟରୁ ପ୍ରଥମଟି ସେପ୍ଟେମ୍ବର ୨୪ରେ ଡର୍ବାନ, ଦ୍ୱିତୀୟଟି ସେପ୍ଟେମ୍ବର ୨୭ରେ ଜୋହାନ୍ସବର୍ଗ ଏବଂ ତୃତୀୟଟି ପୋଶ୍ଚେଫଷ୍ଟ୍ରୁମ୍‌ରେ ସେପ୍ଟେମ୍ବର ୩୦ରେ ଖେଳାଯିବ। ପରେ ଏକ ଦୁଇ ଦିନିଆ ୱାର୍ମଅପ୍ ମ୍ୟାଚ ପୋଶ୍ଚେଫଷ୍ଟ୍ରୁମ୍‌ରେ ଅକ୍ଟୋବର ୩-୪ରେ ଅନୁଷ୍ଠିତ ହେବ। ଡର୍ବାନଠାରେ ଅକ୍ଟୋବର ୯ରୁ ଟେଷ୍ଟ ସିରିଜ ଆରମ୍ଭ ହେବ।

# ଚାପରେ ଟିମ୍ ଇଣ୍ଡିଆ, ଚର୍ଚ୍ଚାରେ ଜିମ୍ବାୱେ

**ଚେନ୍ନାଇ**




ଚଳିତ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଆରମ୍ଭ ହେବା ପୂର୍ବରୁ ଭାରତୀୟ କ୍ରିକେଟ୍ ଦଳ ବିଜେତା ହେବାର ପ୍ରମୁଖ ଦାବିଦାର ଥିଲା। ସୂର୍ଯ୍ୟକୁମାରଙ୍କ ସେନା ଯେତେବେଳେ ଲିଗ୍ ପର୍ଯ୍ୟାୟର ଚାରିଟିରୁ ଚାରିଟି ଯାକ ମ୍ୟାଚ୍ ଜିତିଲା ସେତେବେଳେ ଏହି ଦାବି ଆହୁରି ଦୃଢ଼ ହୋଇଯାଇଥିଲା। ବ୍ୟାଟିଂ ବିହିନୀର ପ୍ରଭାବହୀନ ପ୍ରଦର୍ଶନ ନେଇ ପ୍ରଶଂସକ ସାମାନ୍ୟ ଚିନ୍ତିତ ଥିଲେ। ହେଲେ ସମୟକ୍ରମେ ଘରୋଇ ପରିବେଶରେ ଖେଳୁଥିବା ଭାରତୀୟ ବ୍ୟାଟର୍ଙ୍କ ଆତ୍ମବିଶ୍ୱାସ ବଢ଼ିବଢ଼ି ଚାଲିବ ଏବଂ ସେମାନେ ଆଧିପତ୍ୟ ବିସ୍ତାର କରିବେ ବୋଲି ସମସ୍ତଙ୍କ ବିଶ୍ୱାସ ଓ ଭରସା ଥିଲା। ଏହି ଭରସା ହଠାତ୍ ତୁଟି ଯାଇଥିଲା।

ପ୍ରଶଂସକଙ୍କ ଚିନ୍ତା ଯେ ଅମୂଳକ ନଥିଲା ତାହା ମଧ୍ୟ ପ୍ରଥମ ସୁପର-୮ ମୁକାବିଲାରେ ସ୍ପଷ୍ଟ ହୋଇଯାଇଥିଲା। ଦକ୍ଷିଣ ଆଫ୍ରିକା ଭଳି ବଡ଼ ଦଳ ବିପକ୍ଷରେ ତାରକା ଖଚିତ ଭାରତୀୟ ବ୍ୟାଟିଂ ବାହିନୀ ପୂରା ବିଫଳ ହେଲା। ୭୬ ରନ୍‌ର ବଡ଼ ବ୍ୟବଧାନରେ ମ୍ୟାଚ୍ ହାରିବାର ଲଜ୍ଜା ସହ ଦଳର ନେଟ୍ ରନ୍ ରେଟ୍ ବିଯୁକ୍ତ ୩.୮ରେ ପହଞ୍ଚି ଗଲା। ବିଶ୍ୱକପ୍‌ରେ ଭାରତର ୧୨ ମ୍ୟାଚ୍ ବିଜୟ ଧାରାରେ ବି ବ୍ରେକ୍ ଲାଗି ଯାଇଥିଲା। ଏଣୁ ଟିମ୍ ଇଣ୍ଡିଆର ସେମିଫାଇନାଲ୍ ପ୍ରବେଶ ଏବେ ସନ୍ଦେହ ଓ ସଂଶୟ ଭିତରକୁ ଚାଲି ଯାଇଛି। ବରଂ ଗୁରୁବାରର ଜିମ୍ବାୱେ ମ୍ୟାଚ୍ ସହ ମାର୍ଚ୍ଚ ପହିଲାରେ ଐତିହାସିକ ଇଡେନ୍ ଗାର୍ଡେନ୍ସରେ ଖେଳାଯିବାକୁ ଥିବା ୱେଷ୍ଟଇଣ୍ଡିଜ୍ ବିପକ୍ଷ ଶେଷ ସୁପର-୮ ମ୍ୟାଚ୍ ଜିତିବା ଭାରତୀୟ ଦଳ ପାଇଁ ଏକାନ୍ତ ଅପରିହାର୍ଯ୍ୟ ହୋଇପଡ଼ିଛି। ଏହି ଦୁଇ ମ୍ୟାଚ୍ ଜିତିଲେ ମଧ୍ୟ ଅତ୍ୟନ୍ତ ଖରାପ ରନ୍ ରେଟ୍ ପାଇଁ ଭାରତୀୟ ଦଳର ଆଗକୁ ବଢ଼ିବା ଆଶା ସୁପର-୮-ରୁ ମଉଳି ଯିବାର ବି ଯଥେଷ୍ଟ ଆଶଙ୍କା ରହିଛି। ଏଣୁ ଆଗାମୀ ଦୁଇ ମ୍ୟାଚକୁ ଘରୋଇ ଦଳକୁ କେବଳ ଜିତିବାକୁ ପଡ଼ିବନି, ବରଂ ବଡ଼ ବ୍ୟବଧାନରେ ବିଜୟ ହାସଲ କରିବାକୁ ହେବ। ଦକ୍ଷିଣ ଆଫ୍ରିକା ତା'ର ତିନିଟି ଯାକ ମ୍ୟାଚ୍ ଜିତିଲେ ଭାରତୀୟ ଦଳ ପାଇଁ ଗୋଟିଏ ବିଜୟରେ ଆଗକୁ ବଢ଼ିବାର ସମ୍ଭାବନା ଥିଲା। କିନ୍ତୁ ବିଯୁକ୍ତ ୩.୮ ରନ୍ ରେଟ୍ ପାଇଁ ଏହି ସମ୍ଭାବନା ମଧ୍ୟ ଭାରତୀୟ କ୍ରିକେଟ୍ ଦଳ ହାତରୁ ଖସି ଯାଇଛି।

ଗୁରୁବାର ଭାରତ ମ୍ୟାଚ୍ ପୂର୍ବରୁ ଦକ୍ଷିଣ ଆଫ୍ରିକା-ୱେଷ୍ଟଇଣ୍ଡିଜ ମୁକାବିଲା ହେବାର ଅଛି। ଜିମ୍ବାୱେ ବିପକ୍ଷରେ ଏହି ମ୍ୟାଚ୍‌ର ଫଳାଫଳ ଅନୁଯାୟୀ ଯୋଜନା କରିବାକୁ ଭାରତୀୟ ଦଳ ପାଖରେ ଅବଶ୍ୟ ସୁଯୋଗ ରହିଛି। ସବୁଠୁ ମଜାଦାର କଥା ହେଲା ଭାରତୀୟ ଦଳର ନେଟ୍ ରନ୍ ରେଟଠାରୁ ଜିମ୍ବାୱେର ରନ୍ ରେଟ୍ (-୫.୩୫୦) ଆହୁରି ଖରାପ ରହିଛି। ତେବେ ଲିଗ୍ ପର୍ଯ୍ୟାୟରେ ଜିମ୍ବାୱେ ଦୁଇ ଶକ୍ତିଶାଳୀ ଦଳ ଅଷ୍ଟ୍ରେଲିଆ ଓ ଶ୍ରୀଲଙ୍କାକୁ ହରାଇ ଜାଏଣ୍ଟ କିଲର ଭାବେ ଉଭା ହୋଇଥିବାରୁ ଭାରତକୁ ଏହି ଦଳକୁ ହାଲକା ଭାବେ ନେବାର ବିକଳ୍ପ ବି ଖୋଲା ନାହିଁ। ରିଙ୍କୁ ଘରକୁ ଫେରିବା ପରେ ସଞ୍ଜୁଙ୍କ ଉପରେ ନଜର

ପିତାଙ୍କ ଅସୁସ୍ଥତା ପାଇଁ ରିଙ୍କୁ ସିଂହ ଘରକୁ ଫେରିବା ପରେ ପୁଣି ଥରେ ସମସ୍ତଙ୍କ ନଜର ୱିକେଟ୍ ରକ୍ଷକ ସଞ୍ଜୁ ସାମସନଙ୍କ ଉପରେ କେନ୍ଦ୍ରୀଭୂତ ହୋଇଯାଇଛି। ଚେପକ ଷ୍ଟାଡିୟମ୍ରେ ଭାରତୀୟ ଦଳର ଅଭ୍ୟାସ ଅଧିବେଶନରୁ ରିଙ୍କୁ ଅନୁପସ୍ଥିତ ରହିବା ମଧ୍ୟ ଭାରତୀୟ ଦଳର ଚୂଡ଼ାନ୍ତ ଏକାଦଶରେ ସଞ୍ଜୁ ସାମିଲ ହେବାର ସମ୍ଭାବନାକୁ ଦୃଢ଼ କରିଛି। ସଞ୍ଜୁ ଫେରିଲେ କେଉଁ ସ୍ଥାନରେ ବ୍ୟାଟିଂ କରିବେ, ତାହା ମଧ୍ୟ ବିତର୍କର ବିଷୟ ହୋଇଛି। ଓପନିଂରେ ସେ ଖେଳିବାର ଆଶା ପ୍ରାୟ ନଥିଲା ବେଳେ ତିନି ନମ୍ବର ସ୍ଥାନରେ ବ୍ୟାଟିଂ କରିପାରନ୍ତି। ଏହା ହେଲେ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କୁ ନିଜ ବ୍ୟାଟିଂକ୍ରମରେ ତଳକୁ ଖସିବାକୁ ପଡ଼ିବ। ତିଳକ ବର୍ମା କେଉଁଠି ଖେଳିବେ କିମ୍ବା ଦଳରୁ ବାଦ୍ ପଡ଼ିବେ, ତାହା ମଧ୍ୟ ଚିନ୍ତାର କାରଣ ହୋଇପାରେ। ସାମସନ ମଧ୍ୟ ମଙ୍ଗଳବାର ଓ ବୁଧବାର ଦୁଇ ଦିନ ଧରି ଲମ୍ବା ସମୟ ଅଭ୍ୟାସ କରି ନିଜ ଏକାଗ୍ରତା ବଢ଼ାଇବା ଉପରେ ଜୋର ଦେଇଛନ୍ତି। ଉପଅଧିନାୟକ ଅକ୍ଷର ପଟେଲ ମଧ୍ୟ ଢେର ସମୟ ନେଟ୍ସରେ ଉଭୟ ବୋଲିଂ ଓ ବ୍ୟାଟିଂ କରିବାରେ କଟାଇଛନ୍ତି। ଏଣୁ ସେ ମଧ୍ୟ ୱାସିଂଟନ୍ ସୁନ୍ଦରଙ୍କ ସ୍ଥାନରେ ଖେଳିବାର ଆଶା ଉପୁଜିଛି। ଅଧିକ ଚର୍ଚ୍ଚାରେ କିନ୍ତୁ ବିସ୍ମୟ ସ୍ପିନର ବରୁଣ ଚକ୍ରବର୍ତ୍ତୀ ରହିଛନ୍ତି। ଚେନ୍ନାଇରେ ଖେଳି ଭାରତୀୟ ଦଳରେ ସ୍ଥାନ ପାଇଥିବା ବରୁଣ ପୁଣି ଥରେ ନିଜ ଘରୋଇ ପଡ଼ିଆରେ ଭାରତକୁ ବହୁ ଗୁରୁତ୍ୱପୂର୍ଣ୍ଣ ବିଜୟ ଦେବାକୁ ଲକ୍ଷ୍ୟ ରଖିଛନ୍ତି।

ସେପଟେ ଭାରତୀୟ ବ୍ୟାଟର୍ଙ୍କୁ ଆରମ୍ଭରୁ ଅଡୁଆରେ ପକାଇବା ଲାଗି ଜିମ୍ବାୱେ ପାଖରେ ବ୍ଲେସିଂସ୍ ବୁଜରବନୀ ଓ ରିଚାର୍ଡ ଏନ୍ଗାରାଙ୍କ ଭଳି ଦ୍ରୁତ ବୋଲର୍ ମଧ୍ୟ ଅଛନ୍ତି। ଗ୍ରେମ୍ କ୍ରେମର, ସିକନ୍ଦର ରାଜା ଓ ରିୟାନ ବର୍ଲଙ୍କ ଭଳି ସ୍ପିନ୍ ଅସ୍ତ୍ର ମଧ୍ୟ ଜିମ୍ବାୱେର ବୋଲିଂ ତୂଣିରେ ରହିଛନ୍ତି। ସମସ୍ତଙ୍କ ଛଡ଼ା ଭାରତୀୟ ଓପନର୍ ଦକ୍ଷିଣ ଆଫ୍ରିକା ବିପକ୍ଷରେ ବିଶ୍ୱକପ୍ର ପ୍ରଥମ ରନ୍ କରିବା ପରେ ଏମାନଙ୍କୁ କିଭଳି ଖେଳୁଛନ୍ତି, ସେନେଇ ଉଭୟ ଆଶା ଓ ଆଶଙ୍କା ସୃଷ୍ଟି ହୋଇଛି। ନୂଆ ପିଚ୍ରେ ମ୍ୟାଚ୍ ଖେଳ ହେବା ଏବଂ ଚେନ୍ନାଇର ପାଗ ଓ ପରିବେଶ ଜିମ୍ବାୱେ ଖେଳାଳିଙ୍କ ପାଇଁ ସେତେଟା ଉପଯୋଗୀ ନହେବା ଅବଶ୍ୟ ଭାତୀୟ ଦଳ ସପକ୍ଷରେ ଯାଇପାରେ। ଭାରତରେ ଖେଳିବାକୁ ନେଇ ଜିମ୍ବାୱେ ଖେଳାଳିମାନେ ବେଶ୍ ଉତ୍ସାହିତ ଥିବା ଜିମ୍ବାୱେ ଅଧିନାୟକ ସିକନ୍ଦର ରାଜା ପୂର୍ବରୁ କହି ସାରିଛନ୍ତି।

# ଜାତୀୟ ସ୍ତରୀୟ ଗୋଶାଳା କପ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ : ମହାକାଳ ବିଜୟୀ



**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ତୁଳସୀଚଉରା ଦୁର୍ଗାପୂଜା ପଡିଆରେ ଫ୍ରେଣ୍ଡସ ୟୁନିୟନ ଓ ଶ୍ରୀଦୁର୍ଗା ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଜାତୀୟ ସ୍ତରୀୟ ଗୋଶାଳା କପ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟର ୧୧ଶ ଦିନର ୧ମ ମ୍ୟାଚରେ ମହାକାଳ ଦଳ ୭ ଉଇକେଟରେ ରୁଦ୍ରାକ୍ଷ ଦଳକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ରୁଦ୍ରାକ୍ଷ ଦଳ ୧୨ ଓଭରରେ ୯ ଉଇକେଟ ହରାଇ ୧୩୮ ରନ କରିଥିବା ବେଳେ ମହାକାଳ ଦଳ ୧୦. ୨ ଓଭରରେ ୩ ଉଇକେଟ ହରାଇ ୧୪୧ ରନ ସଂଗ୍ରହ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲେ। ମହାକାଳ ଦଳର ସୁଧାକର ନାଏକ ସର୍ବାଧିକ ୫୯ ଓ ଚନ୍ଦନ ସିଂ ୪ ଟି ଉଇକେଟ ଅକ୍ତିଆର କରିଥିଲେ। ୨ୟ ମ୍ୟାଚରେ ଦାନୀ ଏକାଦଶ ୪ ଉଇକେଟରେ ଏଞ୍ଜେଲ ରଣାକୁ ପରାସ୍ତ କରିଥିଲା ଓ ପ୍ରଥମେ ବ୍ୟାଟିଂ କରି ଏଞ୍ଜେଲ ରଣା ୧୨ ଓଭରରେ ୮ ଉଇକେଟ ହରାଇ ୧୨୭ ରନ କରିଥିବା ବେଳେ ଦାନୀ ଏକାଦଶ ୧୧. ୩ ଓଭରରେ ୬ ଉଇକେଟ ହରାଇ ୧୨୮ ରନ ସଂଗ୍ରହ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲେ ଓ ଏଞ୍ଜେଲ ରଣା ଦଳର ସୁଭାଶିଷ ଦେ ସର୍ବାଧିକ ୮୦ ରନ କରିଥିବା ବେଳେ ଦାନୀ ଏକାଦଶର ରିତୁନ ମହାନ୍ତି ସର୍ବାଧିକ ୬୩ ରନ କରିଥିଲେ। ରତିକାନ୍ତ ଦାସ, ଲକ୍ଷ୍ମୀଧର ସିଂ, ସଞ୍ଜୟ ସିଂ ଓ ଗଦାଧର ନାୟକ ଖେଳ ପରିଚାଳନା କରିଥିବା ବେଳେ କରନ ଖାନ ସ୍କୋରିଂରେ ସହାୟତା କରିଥିଲେ। ପଙ୍କଜ ମହାକୁଡ଼ ଧାରା ବିବରଣୀ ପ୍ରଦାନ କରିଥିଲେ। ପୂର୍ବ ଦିନର ୩ୟ ମ୍ୟାଚରେ ପରି ଚାଲେଞ୍ଜର ୯ ଉଇକେଟରେ ରୁଦ୍ରାକ୍ଷ ଦଳକୁ ଓ ୪ର୍ଥ ମ୍ୟାଚରେ ଏଞ୍ଜେଲ ରଣା ଦଳ ୪ ରନରେ ଜଗନ୍ନାଥ ୱରିୟାର ଦଳକୁ ପରାସ୍ତ କରିଥିଲା। ଅତିଥି ଭାବେ ଯୋଗଦେଇ ବାରିପଦା ଉପ ଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା, ପୂର୍ବତନ ରାଜ୍ୟସ୍ତରୀୟ କ୍ରିକେଟ ଖେଳାଳି ଦେବୀଦତ୍ତ ମହାନ୍ତି, ସ୍ଥାନୀୟ କାଉନସିଲର ବିବେକାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କମିଟି ସଭାପତି ସୌମ୍ୟ ରଞ୍ଜନ ମିଶ୍ର, ଉପ ସଭାପତି ରମାକାନ୍ତ ଦାସ ଓ ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଉପସ୍ଥିତ ଥିଲେ।

# ଝାରସୁଗୁଡାରେ ହେବ ଅନ୍ତର୍ଜାତୀୟ ଷ୍ଟାଡିୟମ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଝାରସୁଗୁଡ଼ା ମାଲିମୁଣ୍ଡାରେ ହେବ ଅନ୍ତର୍ଜାତୀୟ ଷ୍ଟାଡିୟମ। ଏଥିପାଇଁ ଡିପିଆର ପ୍ରସ୍ତୁତ କରିବାକୁ ଅଷ୍ଟ୍ରେଲିଆର ଅନ୍ତର୍ଜାତୀୟ ସଂସ୍ଥାକୁ ଦିଆଯାଇଛି। ଅନୁମୋଦନ ପରେ ନିର୍ମାଣ କାମ ଆରମ୍ଭ ହେବ। ସେହିପରି ସରବାହାଲରେ ମଲ୍ଟି ପରପୋଜ ଷ୍ଟାଡିୟମ ନିର୍ମାଣ କରାଯିବ ବୋଲି କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ସୂଚନା ଦେଇଛନ୍ତି।

# ଜଳେଶ୍ୱର-ଦୀଘା ନୂତନ ରେଳପଥ ୨୩ଟି ଗାଁ ଦେଇ ଅତିକ୍ରମ କରିବ

**ଜଳେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ଜଳେଶ୍ୱର-ଦୀଘା ରେଳପଥ ନିର୍ମାଣ ପାଇଁ ହେବାକୁ ଥିବା ସର୍ଭେ ରେଳ ବିଭାଗ ପକ୍ଷରୁ ଜଳେଶ୍ୱର ତହସିଲଦାରଙ୍କୁ ଚିଠି ଲେଖିଛନ୍ତି। ଚିଠିରେ ଜଳେଶ୍ୱର ମ୍ୟୁନିସିପାଲିଟି ଅଧୀନ ସେକବାଡ଼ ମୌଜାରୁ ଏହି ରେଳପଥ ନିର୍ମାଣ ଆରମ୍ଭ ହେବ ବୋଲି କୁହାଯାଇଛି। ଜଳେଶ୍ୱର ତହସିଲ ଅଧୀନରେ ୨୩ଟି ଗାଁ' ଦେଇ ଏହି ରେଳପଥ ଅତିକ୍ରମ କରି ଭୋଗରାଇ ତହସିଲର ମୁଣ୍ଡମାରୀରେ ଉକ୍ତ ତହସିଲ ଅଞ୍ଚଳକୁ ପ୍ରବେଶ କରିବ। ଏହି ପ୍ରସ୍ତାବିତ ରେଳପଥ ଜଳେଶ୍ୱରର ୨୩ ଗାଁ; ସେକବାଡ଼, ନନ୍ଦୀକା, ନିମପୁର, ଶାଶନଭୋଗ, ଛକାମଣି, ରାୟୀରାମଚନ୍ଦ୍ରପୁର ଶାଳିକୋଠା, ବାରକଣା, ଦିବାକରପୁର, ବାଶୁଳିଆ ଜମାଲପୁର, ଚକ୍ରଗଡ଼ୁ, ସରସିଦା, ବର୍ଷନା, ଆକବରପୁର, ଗୋପିମୋହନପୁର, ଖରିଦା, କନ୍ଦଳିଆ ପାଖରା ନାମୋ, ସରିସା, ଡେମୁରିଆ ଓ ବାଗପୁଞ୍ଜି ହୋଇ ପାରି ହେବ ଏହି ୨୩ ଗାଁର ଯେଉଁ ସବୁ ଇଲାକ ଦେଇ ରେଳପଥ ଯିବ ବୋଲି ସୂଚନା ଦେଇଛନ୍ତି।

ଭୁବନେଶ୍ୱର, ୨୬ ଫେବୃୟାରୀ, ଗୁରୁବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

### ସିବିଏସ୍‌ଇ ଦଶମ ପ୍ରଶ୍ନପତ୍ରକୁ ନେଇ ବିବାଦ ପ୍ରସଙ୍ଗ

# ଛାତ୍ରଛାତ୍ରୀଙ୍କୁ ମିଳିବ ଗ୍ରେସ୍ ମାର୍କ

**ନୂଆଦିଲ୍ଲୀ, ୨୫/୦୨**

ପରୀକ୍ଷାର୍ଥୀଙ୍କୁ ମିଳିବ କି ଅତିରିକ୍ତ ମାର୍କ୍ ? ଦଶମ ଏବଂ ଦ୍ୱାଦଶ ପରୀକ୍ଷାର ପ୍ରଶ୍ନପତ୍ରରେ ଦେଖାଦେଇଥିବା ଅନିୟମିତତାକୁ ନେଇ ବିବାଦରେ ଫସିଥିବା କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ଗ୍ରେସ୍ ମାର୍କ୍ ଦେଇପାରେ ବୋଲି ଚର୍ଚ୍ଚା ହେଉଛି ।



ରିପୋର୍ଟ ଅନୁସାରେ, ଚଳିତ ବର୍ଷର ଦଶମ ଶ୍ରେଣୀ ପ୍ରଶ୍ନପତ୍ର ବୋର୍ଡକୁ ଅଡୁଆରେ ପକାଇଥିଲା। ଦଶମ ଗଣିତ ପ୍ରଶ୍ନପତ୍ରରେ କିଛି ସେଟରେ ପ୍ରଶ୍ନ ସହଜ ଥିଲା। ଆଉ କିଛି ସେଟରେ ପ୍ରଶ୍ନ ଅତି କଠିନ ଥିଲା । ଜେଇଇରେ ଯେପରି ପ୍ରଶ୍ନ ଆସେ ସେପରି ପ୍ରଶ୍ନ ଦଶମ ଶ୍ରେଣୀ ପିଲାଙ୍କୁ ପଚରାଯାଇଥିଲା । ଏହି ଘଟଣାରେ ବିବାଦ ଥମି ନଥିବା ବେଳେ ଦ୍ୱାଦଶ ଶ୍ରେଣୀର ଫିଜିକ୍ସ ପେପରରେ ସମାନ ଅବସ୍ଥା ଦେଖିବାକୁ ମିଳିଥିଲା । ପ୍ରଶ୍ନପତ୍ର ଖୁବ୍ କଷ୍ଟ ଏବଂ ସିଲାବସ ବାହାରୁ ଥିଲା ।

ଘଟଣା ପରେ କିଛି ଶିକ୍ଷକ ଜନସ୍ୱାର୍ଥ ମାମଲା ଦାଖଲ କରିବାକୁ ଘୋଷଣା କରିଛନ୍ତି । ସିବିଏସଇର ଏପରି ପ୍ରଶ୍ନ ପିଲାଙ୍କୁ ମାନସିକ ଭାବେ ଆଘାତ ଦେଇଛି । ଏହି କ୍ଷେତ୍ରରେ ବୋର୍ଡ ଗ୍ରେସ୍ ମାର୍କ ପ୍ରଦାନ କରୁ ବୋଲି ଶିକ୍ଷକମାନେ ଦାବି କରୁଛନ୍ତି । ଅନ୍ୟ ଦିଗରେ ଏବେସୁଦ୍ଧା ପ୍ରଶ୍ନପତ୍ରକୁ ନେଇ ବୋର୍ଡ ପକ୍ଷରୁ ବିଧିବଦ୍ଧ ଭାବେ କୌଣସି ପ୍ରତିକ୍ରିୟା ଆସିନି । ତଥାପି ଗ୍ରେସ୍ ମାର୍କ କିମ୍ବା ମାର୍କ ପ୍ରଦାନରେ କୋହଳ କରାଯାଇପାରେ ବୋଲି ଚର୍ଚ୍ଚା ହେଉଛି ।

ସିବିଏସଇ ପରୀକ୍ଷା ନିୟନ୍ତ୍ରକ ସନ୍ୟମ୍ ଭରଦ୍ୱାଜ କହିଛନ୍ତି ଯେ, ଛାତ୍ରଛାତ୍ରୀମାନେ ପ୍ରାକ୍ଟିକାଲ୍ ପରୀକ୍ଷା ଦେଇଛନ୍ତି । ପ୍ରାକ୍ଟିକାଲ୍ ପରୀକ୍ଷାରେ ଅନୁପସ୍ଥିତ ଥିଲେ କୌଣସି ଗ୍ରେସ୍ ମିଳିବନି । ଏହା କେବଳ ଥିଓରୀ ପେପର ପାଇଁ ଉପଲବ୍ଧ । ପ୍ରତିବର୍ଷ ଡିସେମ୍ବରରୁ ପ୍ରାକ୍ଟିକାଲ ପରୀକ୍ଷା ଆରମ୍ଭ ହୁଏ । ଏହାସହ ସେ କହିଛନ୍ତି ଯେ, ପରୀକ୍ଷାରେ ପାସ୍ କରିବାକୁ ୩୩ ପ୍ରତିଶତ ମାର୍କ ଦରକାର। ଏହି ନିୟମ ଉଭୟ ଥିଓରୀ ଏବଂ ପ୍ରାକ୍ଟିକାଲ୍ ପେପରରେ ଲାଗୁ ହୋଇଥାଏ। ତେବେ ସିବିଏସଇ ବିବାଦକୁ ନେଇ ସ୍ପଷ୍ଟ ଭାବେ ସେ କିଛି ପ୍ରକାଶ କରିନାହାଁନ୍ତି ।

## ନାଲ୍‌କୋ ପକ୍ଷରୁ ଆଇଏ୯୧ ଗ୍ରେଡ୍ ଆଲୁମିନିୟମ ଆଲୟ ଇଙ୍ଗଟର ବଜାର ପ୍ରବେଶ

**ଭୁବନେଶ୍ୱର, ୨୫/୦୨**
**ନ୍ୟୁଜ ବ୍ୟୁରୋ**

ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଲୋକ ଉଦ୍ୟୋଗ, ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ (ନାଲ୍‌କୋ) ଏକ ସ୍ୱତନ୍ତ୍ର ଆଲୁମିନିୟମ ଆଲୟ ଇଙ୍ଗଟ ଆଇଏ୯୧ର ବଜାରପ୍ରବେଶ କରାଇଛି। ଆଇଏ୯୧ ହେଉଛି ଏକ ଉଚ୍ଚ-କାର୍ଯ୍ୟଦକ୍ଷତା ତଥା ସିଲିକନ୍-ଆଧାରିତ କାଷ୍ଟିଂ ଆଲୟ ଯାହାକୁ କାଷ୍ଟେବିଲିଟିର ସର୍ବୋତ୍ତମ ସନ୍ତୁଳନ, ଯାନ୍ତ୍ରିକ କ୍ଷମତା ଏବଂ କ୍ଷୟ ପ୍ରତିରୋଧି ଭଳି ବୈଶିଷ୍ଟ୍ୟ ସହ ତିଆରି କରାଯାଇଛି। ମଙ୍ଗଳବାର କମ୍ପାନୀର କୋଲକାତା ଷ୍ଟକୟାର୍ଡରେ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ନିର୍ଦ୍ଦେଶକ (ବାଣିଜ୍ୟିକ) ଅନିଲ କୁମାର ସିଂହ ଆନୁଷ୍ଠାନିକ ଭାବରେ ଏହି ଉତ୍ପାଦର ଶୁଭାରମ୍ଭ କରିଥିଲେ। ଏହି ଇଙ୍ଗଟ ଉନ୍ନତ କାଷ୍ଟିଂ ପ୍ରୟୋଗ ପାଇଁ ଡିଜାଇନ୍ ହୋଇଥିବା ବେଳେ, ଗ୍ରାଭିଟି ଡାଏ କାଷ୍ଟିଂ ତଥା ନିମ୍ନ-ଚାପ ଡାଏ କାଷ୍ଟିଂ ପାଇଁ ଉପଯୁକ୍ତ ଅଟେ। ଏହା ମୁଖ୍ୟତଃ ଅଟୋମୋଟିଭ୍, ବୈଦ୍ୟୁତିକ ଏବଂ ଶକ୍ତି ଉପକରଣ, ଶିଳ୍ପ କ୍ଷେତ୍ର ତଥା ଫାଉଣ୍ଡ୍ରିରେ ବ୍ୟବହୃତ ହୋଇଥାଏ । ଉତ୍ପାଦନ ଏବଂ ବିପଣନ ବିଭାଗକୁ ଅଭିନନ୍ଦନ ଜଣାଇବା ସହ, ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ କହିଛନ୍ତି ଯେ, କମ୍ପାନୀର ପରିବର୍ଦ୍ଧିତ ଉତ୍ପାଦ ପୋର୍ଟଫୋଲିଓ ଏହାର ଉଚ୍ଚମାନ ତଥା ମୂଲ୍ୟଯୁକ୍ତ ଉତ୍ପାଦ ଯୋଗାଣ ନିମନ୍ତେ ନାଲ୍‌କୋର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଅଛି ।



### ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୨୫/୦୨/୨୦୨୬
୪,୯୭,୦୫୫ ଟଙ୍କା
ସୁନା:-୦୮ ଗ୍ରାମ୍ ୧୦୦ ମିଲିଗ୍ରାମ
ରୂପା:-୦୨ ଗ୍ରାମ୍୦୦୦ ମିଲିଗ୍ରାମ୍



**ଭୁବନେଶ୍ୱର :** ନବୀନ ନିବାସରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି ବିଡବ୍ଲୁଏଫ୍ ପାରା ବ୍ୟାଡମିଣ୍ଟନ ବିଶ୍ୱ ଚାମ୍ପିୟନ ପ୍ରମୋଦ ଭଗତ। ବାହାରିନରେ ପ୍ରମୋଦ ଭଗତଙ୍କ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଶ୍ରୀ ପଟ୍ଟନାୟକ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। (ଫଟୋ : ସମ୍ବାଦ କଳିକା)

### ଏସଆଇଆରକୁ ନେଇ ସୁପ୍ରିମକୋର୍ଟଙ୍କ ବଡ଼ ରାୟ

# ପଶ୍ଚିମବଙ୍ଗ ସମସ୍ୟା ସମାଧାନ କରିବେ ଓଡିଶା ଓ ଝାଡଖଣ୍ଡର ବିଚାରପତି

**ନୂଆଦିଲ୍ଲୀ, ୨୫।୨**

ଭୋଟର ତାଲିକାର ସ୍ପେଶାଲ ଇନଟେନସିଭ୍ ରିଭିଜନ୍ (ଏସଆଇଆର)କୁ ନେଇ ବହୁ ଦିନ ଧରି ଦେଶବ୍ୟାପୀ ଅନେକ ସମସ୍ୟା ଦେଖିବାକୁ ମିଳୁଛି। ଡକ୍ୟୁମେଣ୍ଟ ଯାଞ୍ଚ ଠାରୁ ଆରମ୍ଭ କରି ନାଁରେ ତ୍ରୁଟି ପର୍ଯ୍ୟନ୍ତ। ଏବେ ପକ୍ରିୟାକୁ ଗତିଶୀଳ କରିବାକୁ ପ୍ରାୟ ୮୦ ଲକ୍ଷ 'ଲଜିକାଲ ଡିସ୍କ୍ରେପ୍ନି' ଭଳି ମାମଲାକୁ ସମାଧାନ କରିବା ପାଇଁ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ସମ୍ବିଧାନର ଧାରା ୧୪୨ ଅନୁଯାୟୀ ଅତିରିକ୍ତ ନ୍ୟାୟିକ ନିୟୋଜନକୁ ଅନୁମତି ପ୍ରଦାନ କରିଛନ୍ତି।



ସୁପ୍ରିମକୋର୍ଟରେ ଏକ ଶୁଣାଣି ସମୟରେ, ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି। ସୁପ୍ରିମକୋର୍ଟ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ କଲିକତା ହାଇକୋର୍ଟରେ ବର୍ତ୍ତମାନ ୨୨୦ ଜଣ ଏଡିଜେ-ସ୍ତରୀୟ ବିଚାରପତି ଅଛନ୍ତି। ଯଦିଓ ଜଣେ ବିଚାରପତି ପ୍ରତିଦିନ ୨୦୦ ମାମଲା ଶୁଣାଣି କରନ୍ତି, ତଥାପି ଆପତ୍ତିଗୁଡ଼ିକର ସମାଧାନ ପାଇଁ ଅତି କମରେ ୮୦ଦିନ ସମୟ ଲାଗିବ। ଏହି ସମସ୍ୟାର ସମାଧାନ ପାଇଁ, ସୁପ୍ରିମକୋର୍ଟ ତିନି ବର୍ଷର ଅଭିଜ୍ଞତା ଥିବା ସିଭିଲ୍ ଜଜ୍ ନିଯୁକ୍ତି ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଆଦେଶ ଦ୍ୱାରା ଏବେ 'ଲଜିକାଲ ଡିସ୍କ୍ରେପ୍ନି' ଏବଂ 'ଅନମ୍ୟାପଡ୍' ବର୍ଗରେ ୮୦ଲକ୍ଷ ମାମଲା ସମାଧାନ କରିବା ପାଇଁ ଝାଡ଼ଖଣ୍ଡ ଏବଂ ଓଡ଼ିଶାରୁ ବିଚାରପତିମାନଙ୍କୁ ନିଯୁକ୍ତି ଦେବାକୁ ନିଷ୍ପତ୍ତି ନିଆଯାଇଛି। ଭାରତୀୟ ସମ୍ବିଧାନର ଧାରା ୧୪୨ ଅନୁସାରେ ସୁପ୍ରିମକୋର୍ଟଙ୍କୁ ଯେକୌଣସି ବିଚାରାଧୀନ ମାମଲାର ସମାଧାନ ପାଇଁ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରେ, ଯାହା 'ସମ୍ପୂର୍ଣ୍ଣ ନ୍ୟାୟ' ସୁନିଶ୍ଚିତ କରିବା ପାଇଁ ଆବଶ୍ୟକୀୟ ନିର୍ଦ୍ଦେଶ ଦେବାର ଅନୁମତି ଦିଏ। ଏହି ନିଷ୍ପତ୍ତି ସମ୍ପର୍କରେ ଟିଏମସି ସାଂସଦ କଲ୍ୟାଣ ବାନାର୍ଜୀ କହିଛନ୍ତି ଯେ ଯଦି ପଡ଼ୋଶୀ ରାଜ୍ୟ ଏହାର ଅଧିକାରୀମାନଙ୍କୁ ପଠାଏ, ତେବେ ସେମାନଙ୍କର ଭାଷା ସମସ୍ୟା ହୋଇପାରେ। ଏହି ସମୟରେ, ସୁପ୍ରିମକୋର୍ଟ କହିଛନ୍ତି ଯେ ଓଡ଼ିଶା ଏବଂ ଝାଡ଼ଖଣ୍ଡ ଏକ ସମୟରେ ବଙ୍ଗଳାର ଅଂଶ ଥିଲା, ତେଣୁ ସେମାନେ ଭାଷା ବୁଝିପାରିବେ।

### ଝାରସୁଗୁଡ଼ା ଦୁର୍ଘଟଣାରେ ମୃତ ପୋଲିସ କର୍ମଚାରୀଙ୍କ ପରିବାରକୁ

## ୧କୋଟି ଟଙ୍କାର ବୀମା ରାଶି ପ୍ରଦାନ

**ଝାରସୁଗୁଡା ୨୫।୨**
**ନ୍ୟୁଜ ବ୍ୟୁରୋ**

ଝାରସୁଗୁଡ଼ା ଜିଲ୍ଲା ସଦର ଥାନା ନିକଟ ଏନ୍ଏଚ୍ ୪୯ରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ୫ ଜଣ ପୋଲିସ କର୍ମଚାରୀଙ୍କ ନିକଟ ସମ୍ପର୍କୀୟଙ୍କୁ ବ୍ୟାଙ୍କର ବୀମା ରାଶି ପ୍ରଦାନ କରାଯାଇଛି । ୪ ମୃତ ଓଡ଼ିଶା ପୋଲିସ କର୍ମଚାରୀଙ୍କ ପରିବାରର ପ୍ରତ୍ୟେକଙ୍କୁ ୧ କୋଟି ୧୦ ଲକ୍ଷ ଟଙ୍କା ଏବଂ ଜଣେ ହୋମଗାର୍ଡ କର୍ମଚାରୀଙ୍କ ପରିବାରଙ୍କୁ ୩୦ ଲକ୍ଷ ଟଙ୍କା ବୁଧବାର ପୋଲିସ ଏବଂ ବ୍ୟାଙ୍କ ଇନସ୍ୟୁରାନ୍ସ କମ୍ପାନୀ ପକ୍ଷରୁ ଏହି ଅର୍ଥରାଶି ଦିଆଯାଇଛି । ଏହି ସମୟରେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ, ଜିଲ୍ଲାପାଳ କୁନାଲ ମୋତିରାମ ଚୌହାନ ଓ ଝାରସୁଗୁଡ଼ା ଏସପି ଗୁଣ୍ଡାଲା ରାଘବେନ୍ଦ୍ର ରେଡ୍ଡୀ ଏବଂ ବ୍ୟାଙ୍କ ଅଧିକାରୀ ଉପସ୍ଥିତ ରହିଥିଲେ । ଶୋକାକୁଳ ପରିବେଶ ମଧ୍ୟରେ ମୃତକଙ୍କ ପରିବାରବର୍ଗଙ୍କୁ କ୍ଷତିପୂରଣ ରାଶି ପ୍ରଦାନ ସମୟରେ ଉପସ୍ଥିତ ଅଧିକାରୀ ଓ ସାମାଜିକ ସଂସ୍ଥାର ବ୍ୟକ୍ତି ଭାବବିହ୍ୱଳ ହୋଇ ପଡ଼ିଥିଲେ । ଏହି ଅବସରରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରିବା ସହ ଦୁର୍ଘଟଣାର ମାତ୍ର ୪ ଦିନ ମଧ୍ୟରେ ବ୍ୟାଙ୍କ ଠାରୁ ଏହି ସହାୟତା ରାଶି ପରିବାର ଲୋକଙ୍କୁ ଦିଆଯାଇଛି । ଅଗାମୀ ଦିନରେ ଯାହା ମୁଖ୍ୟମନ୍ତ୍ରୀ ସହାୟତା ରାଶି ସହ ବିଭାଗ ପକ୍ଷରୁ ସମସ୍ତ ସୁବିଧା ଖୁବଶୀଘ୍ର ପ୍ରଦାନ କରାଯିବ ବୋଲି ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ କହିଛନ୍ତି ।

## 'ସୁଭଦ୍ରା' ଯୋଜନାକୁ କେନ୍ଦ୍ରମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀଙ୍କ ପ୍ରଶଂସା

**ଭୁବନେଶ୍ୱର, ୨୫/୨**
**ନ୍ୟୁଜ ବ୍ୟୁରୋ**

ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ଅଗ୍ରଗତି ନେଇ ବୁଧବାର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଭାରତ ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଉପ-ମୁଖ୍ୟମନ୍ତ୍ରୀ ତଥା ବିଭାଗୀୟ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଏଥିରେ ଅଧକ୍ଷତା କରିଥିଲେ। ବୈଠକରେ କେନ୍ଦ୍ରମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ରାଜ୍ୟ ସରକାରଙ୍କ ପ୍ରମୁଖ 'ସୁଭଦ୍ରା' ଯୋଜନାର ଉଚ୍ଚ ପ୍ରଶଂସା କରିଥିଲେ । ସେ କହିଥିଲେ ଯେ, 'ଯେତେବେଳେ ସରକାରୀ ସହାୟତା ସିଧାସଳଖ ମହିଳାଙ୍କ ବ୍ୟାଙ୍କ ଖାତାକୁ ଯାଏ, ତାହା ସେମାନଙ୍କ ଆର୍ଥିକ ସ୍ୱାଧୀନତା ଓ ସଶକ୍ତିକରଣକୁ ସୁନିଶ୍ଚିତ କରିଥାଏ।' ଏଥି ସହ ସେ ଅଙ୍ଗନୱାଡ଼ି କେନ୍ଦ୍ର ମାନଙ୍କରେ 'ତିଥି ଭୋଜନ' ଆୟୋଜନ ତଥା ପୋଷଣ ଦିବସ ଅଥବା ପୋଷଣ ସପ୍ତାହ ପାଳନ କରିବା ପାଇଁ ପରାମର୍ଶ ଦେଇଛନ୍ତି । ସେ ନାଗରିକ ଏବଂ ସରକାରଙ୍କ ମଧ୍ୟରେ ସମନ୍ୱିତ ପ୍ରୟାସ ରାଜ୍ୟରୁ ଅପପୁଷ୍ଟି ନିର୍ମୂଳ କରିବାରେ ଯଥେଷ୍ଟ ସହାୟକ ହୋଇପାରିବ ବୋଲି ମତ ପ୍ରକାଶ କରିଛନ୍ତି । ଓଡ଼ିଶାର ଗ୍ରାମାଞ୍ଚଳରେ ସରକାରଙ୍କର ବିଭିନ୍ନ ଯୋଜନାର ସକରାତ୍ମକ ପ୍ରଭାବ ଦେଖି ସେ ସନ୍ତୋଷ ପ୍ରକାଶ କରିବା ସହ କେନ୍ଦ୍ର-ରାଜ୍ୟ ସମନ୍ୱୟ ମାଧ୍ୟମରେ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ତାଙ୍କ ଉଦ୍ ?ବୋଧନରେ କହିଥିଲେ ଯେ, ମହିଳାଙ୍କ ସାମଗ୍ରିକ ସଶକ୍ତିକରଣ ଓ ଶିଶୁଙ୍କ ସୁରକ୍ଷିତ ଭବିଷ୍ୟତ ରାଜ୍ୟ ସରକାରଙ୍କ ପ୍ରଥମ ପ୍ରାଥମିକତା। ଆସନ୍ତା ୮ ମାର୍ଚ୍ଚ ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସୁଭଦ୍ରା ଯୋଜନାର ୪ର୍ଥ କିସ୍ତି ଟଙ୍କା ହିତାଧିକାରୀଙ୍କ ଖାତାକୁ ଜମା ହେବାକୁ ଯାଉଥିବାରୁ, ଏହାର ସମୟୋପଯୋଗୀ ଓ ପାରଦର୍ଶୀ ବିତରଣ ପାଇଁ ବିଭାଗ କାମ କରୁଛି। ଏହା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମନ୍ୱୟରେ ଚାଲିଥିବା ଯୋଜନାଗୁଡ଼ିକ ମାଧ୍ୟମରେ ମହିଳା ଓ ଶିଶୁଙ୍କ ଜୀବନମାନ ଉନ୍ନତ କରିବା ଦିଗରେ ଓଡ଼ିଶା ଆଗୁଆ ହେଉଛି



ବୋଲି ସେ ମତ ରଖିଥିଲେ । ବୈଠକରେ ପୋଷଣ, ସୁରକ୍ଷା ଓ ଶିକ୍ଷା , ଏହି ତିନି ମୂଳ ମାର୍ଗରେ ଶିଶୁ ଓ ମହିଳାଙ୍କ ବିକାଶ ପାଇଁ ଚାଲିଥିବା କାର୍ଯ୍ୟକ୍ରମର ଅଗ୍ରଗତି ଉପରେ ବିସ୍ତୃତ ସମୀକ୍ଷା ହୋଇଥିଲା। ମିଶନ ବାତ୍ସଲ୍ୟ, ଆଶୀର୍ବାଦ, ଯଶୋଦା ଏବଂ ବେଟି ବଚାଓ ବେଟି ପଢ଼ାଓ ପରି ଯୋଜନାର ପ୍ରଭାବ ଉପରେ ଅଧିକାରୀମାନେ ତଥ୍ୟ ଉପସ୍ଥାପନ କରିଥିଲେ। ଦୂରଗାମୀ ଓ ଜନଜାତି ଅଞ୍ଚଳରେ କାର୍ଯ୍ୟାନ୍ୱୟନ, କୁପୋଷଣ ଓ ଶିଶୁ ବିବାହ ପରି ଆହ୍ୱାନଗୁଡ଼ିକର ମୁକାବିଲା ପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ବୈଠକରେ ବିଭାଗର କମିଶନର ତଥା ଶାସନ ସଚିବ ଡ. ମୃଣାଳିନୀ ଦର୍ସ୍ୱାଲ ଓ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀଙ୍କ ସହ ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ସମୀକ୍ଷା ବୈଠକ ମାଧ୍ୟମରେ ରାଜ୍ୟରେ ମହିଳା ଓ ଶିଶୁଙ୍କ ସୁସ୍ଥ ଓ ସୁରକ୍ଷିତ ଭବିଷ୍ୟତ ପାଇଁ ନୂତନ ଦିଗ ନିର୍ଦ୍ଦେଶ ମିଳିଛି।

## ଝିଅକୁ ମାଟ୍ରିକ ପରୀକ୍ଷା ନେବା ଆଣିବା ପାଇଁ ଆଜୀବନ କାରାଦଣ୍ଡ ଭୋଗୁ ଥିବା ବାପାଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କଲେ ହାଇକୋର୍ଟ

**କଟକ, ୨୫/୦୨ ନ୍ୟୁଜ ବ୍ୟୁରୋ**

ମାଟ୍ରିକ ପରୀକ୍ଷା ଦେଉଥିବା ଝିଅକୁ ପରୀକ୍ଷା କେନ୍ଦ୍ରକୁ ନେବା ଆଣିବା ପାଇଁ ଆଜୀବନ କାରଦଣ୍ଡ ଭୋଗ କରୁଥିବା ବାପାଙ୍କୁ ମିଳିଲା ଅନ୍ତରୀଣ ଜାମିନ । ମାଟ୍ରିକ ପରୀକ୍ଷା ଦେଉଥିବା ଝିଅକୁ ଘର ଠାରୁ ୫ କିଲୋମିଟର ଦୂରରେ ଥିବା ପରୀକ୍ଷା କେନ୍ଦ୍ରକୁ ନେବା ଆଣିବା କରିବା ପାଇଁ ଆଜୀବନ କାରାଦଣ୍ଡ ଭୋଗ କରୁଥିବା ବନ୍ଦୀଙ୍କୁ ହାଇକୋର୍ଟ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ଜେଲରେ ଥିବା ଆବେଦନ କାରୀଙ୍କୁ ଆସନ୍ତା ମାର୍ଚ୍ଚ ୧୦ ପର୍ଯ୍ୟନ୍ତ ଅନ୍ତରୀଣ ଜାମିନରେ ଛାଡ଼ିବାକୁ ଜଗତସିଂହପୁର ଦୌରା ଜଜ୍ ଅଦାଲତଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ତରୀଣ ଜାମିନ ଅବଧି ଶେଷ ହେବା ପରେ ତୁରନ୍ତ ଆବେଦନକାରୀ ଦୌରା ଅଦାଲତରେ ଆତ୍ମସମର୍ପଣ କରିବେ ଓ ଏ ସଂପର୍କିତ



ପ୍ରମାଣପତ୍ର ଦାଖଲ କରିବେ ବୋଲି ହାଇକୋର୍ଟ କହିଛନ୍ତି । ଜଗତସିଂହପୁର ଥାନାରେ ରୁଜୁ ୨୦୧୦ର ଏକ ହତ୍ୟା ମାମଲାରେ ୨୦୨୧ ଜାନୁଆରି ୨୧ରୁ ଆବେଦନକାରୀ ଜେଲରେ ଅଛନ୍ତି। ଆବେଦନକାରୀଙ୍କ ଝିଅ ମାଟ୍ରିକ ପରୀକ୍ଷା ଦେଉଥିବା ବେଳେ ପରୀକ୍ଷା କେନ୍ଦ୍ର ଘର ଠାରୁ ୫ କିମି ଦୂର ହୋଇଥିବାରୁ ସେ ଯିବା ଆସିବା କରିବାରେ ଅସୁବିଧାର ସମ୍ମୁଖୀନ ହେଉଛି । ବୃଦ୍ଧ ଜେଜେ ବାପା ଓ ମା ବୟସ ଅଧିକ କାରଣରୁ ଝିଅକୁ ନେଇ ପରୀକ୍ଷା କେନ୍ଦ୍ରରେ ଛାଡ଼ିବା ଓ ଆଣିବା ସମ୍ଭବ ନୁହେଁ ଦର୍ଶାଇ ଅନ୍ତରୀଣ ଜାମିନ ଆବେଦନ ଦାଏର କରିଥିଲେ ଆବେଦନକାରୀ । ନିକଟରେ ଯାତ୍ରା ମଞ୍ଚରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ ଘଟଣାରେ ନିଶା ମହାରଣାଙ୍କୁ ମିଳିଥିଲା ହାଇକୋର୍ଟରୁ ଆଗୁଆ ଜାମିନ । ୨୦ ହଜାର ଟଙ୍କାର ଜଣେ ଜାମିନଦାର ବଦଳରେ ନିଶାଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ ହାଇକୋର୍ଟ । ତେବେ ନିମ୍ନ ଅଦାଲତ ସର୍ତ୍ତ ସ୍ଥିର କରିବେ ବୋଲି କୋର୍ଟ ରାୟରେ ସ୍ପଷ୍ଟ କରିଥିଲେ । ବାଲାଙ୍ଗିରରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନକୁ ନେଇ ନିଶା ମହାରଣାଙ୍କ ବିରୋଧରେ ହୋଇଥିଲା ମାମଲା । ପୋଲିସ ନିଜ ଆଡୁ ମାମଲା ରୁଜୁ କରି ଦୁଇ ଆୟୋଜକଙ୍କୁ ଗିରଫ କରିଥିଲା। ଗିରଫ ଭୟରେ ଆଗୁଆ ଜାମିନ ଆବେଦନ କରିଥିଲେ ନିଶା।

## ୨୮ରେ କିଶୋରୀଙ୍କ ପାଇଁ ସର୍ଭିକାଲ କ୍ୟାନ୍ସର ଟିକାକରଣର ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ

**ଭୁବନେଶ୍ୱର, ୨୫/୦୨**
**ନ୍ୟୁଜ ବ୍ୟୁରୋ**

ରାଜ୍ୟରେ କିଶୋରୀମାନଙ୍କ ପାଇଁ ସର୍ଭିକାଲ କ୍ୟାନ୍ସର ବା ଜରାୟୁ କର୍କଟ ଟିକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ ଆସନ୍ତା ୨୮ ତାରିଖରେ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଜାତୀୟ କାର୍ଯ୍ୟକ୍ରମକୁ ଭର୍ଚୁଆଲ୍ ଭାବେ ଶୁଭାରମ୍ଭ କରିବେ। ଏନେଇ ବୁଧବାର ଦିନ ସୂଚନା ଦେଇଛନ୍ତି ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ।



ସ୍ୱାସ୍ଥ୍ୟ ବିଭାଗ ଜାରି କରିଥିବା ସ୍ୱତନ୍ତ୍ର ଗାଇଡଲାଇନ୍ ଅନୁଯାୟୀ, ୯ରୁ ୧୪ ବର୍ଷ ପର୍ଯ୍ୟନ୍ତ ଝିଅମାନଙ୍କୁ ସିଙ୍ଗଲ୍ ଡୋଜ୍ ଟିକା ଦିଆଯିବ। ଟିକାକରଣ ପ୍ରକ୍ରିୟା ସରକାରୀ ଓ ବେସରକାରୀ ସ୍କୁଲ୍, ଅଙ୍ଗନୱାଡ଼ି କେନ୍ଦ୍ର ଓ ସ୍ୱାସ୍ଥ୍ୟ କେନ୍ଦ୍ର ମାଧ୍ୟମରେ ପର୍ଯ୍ୟାୟକ୍ରମେ ଚାଲିବ। ଏହା ମାଧ୍ୟମରେ ଭବିଷ୍ୟତରେ ଜରାୟୁ କର୍କଟର ଆଶଙ୍କାକୁ କମେଇବାର ଲକ୍ଷ୍ୟ ରଖାଯାଇଛି।

ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ କହିବା ଅନୁସାରେ, 'ଭାରତ ବର୍ଷରେ ସବୁଠି କ୍ୟାନ୍ସର ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି । ପ୍ରଧାନମନ୍ତ୍ରୀ ଆସନ୍ତା ଫେବୃଆରୀ ୨୮ ତାରିଖରେ ଏକ ମରକ୍ସଙ୍ଗସମବକ୍ଷ କ୍ୟାନ୍ସର ଇମ୍ୟୁନିଜସନ ପ୍ରୋଗ୍ରାମ ଆରମ୍ଭ ହେବାକୁ ଯାଉଛନ୍ତି । ଆମ ରାଜ୍ୟରେ ମଧ୍ୟ ଏହା ଆରମ୍ଭ ହବ । ୧୪ ବର୍ଷ ପର୍ଯ୍ୟନ୍ତ କିଶୋରୀମାନକ ପାଇଁ ଗୋଟିଏ ଡୋଜର ବ୍ୟବସ୍ଥା ଥିବା ବେଳେ ୧୪ରୁ ବିବାହ ପର୍ଯ୍ୟନ୍ତ ଜଣେ ମହିଳାଙ୍କୁ ତିନୋଟି ଡୋଜ୍ ନେବାକୁ ପଡିବ ।'

ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି, '୨୦୨୬-୨୭ରେ 'ମୁଖ୍ୟମନ୍ତ୍ରୀ କର୍କଟ ଚିକିତ୍ସା ଅଭିଯାନ' ଆରମ୍ଭ ହେବ। ଏହା ଅଧୀନରେ ରାଜ୍ୟରେ ସମସ୍ତ ପ୍ରକାର କର୍କଟ ରୋଗ ପ୍ରତିରୋଧ, ସମୟୋପଯୋଗୀ ପରୀକ୍ଷା ଓ ଉଚିତ ଚିକିତ୍ସା ସୁବିଧା ବିସ୍ତାରିତ କରାଯିବ। ପ୍ରାଥମିକ ଅବସ୍ଥାରେ କର୍କଟ ଚିହ୍ନଟ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ଏହି ସମଗ୍ର କାର୍ଯ୍ୟକ୍ରମ ପାଇଁ ପ୍ରାୟ ୩୧୧ କୋଟି ଟଙ୍କା ବ୍ୟୟ ହେବ' ବୋଲି ମହାଲିଙ୍ଗ ଜଣାଇଛନ୍ତି।

ରାଜ୍ୟରେ କର୍କଟ ରୋଗୀଙ୍କ ସଂଖ୍ୟା କମାଇବା ଓ ସଚେତନତା ବଢ଼ାଇବା ପାଇଁ ଏହାକୁ ଏକ ବୃହତ୍ ସ୍ୱାସ୍ଥ୍ୟ ପଦକ୍ଷେପ ବୋଲି ସେ କହିଛନ୍ତି।

ରାଜ୍ୟରେ ପ୍ରତି ଏକ ଲକ୍ଷରେ ୯୭ ଜଣଙ୍କୁ କର୍କଟ ହେଉଛି । ଏହା ପାଖାପାଖି ଜାତୀୟ ସ୍ତର ସହିତ ସମାନ। ମହିଳାମାନଙ୍କ ସର୍ଭାଇକାଲ କ୍ୟାନ୍ସର ୩୦-୬୦ ବର୍ଷ ମଧ୍ୟରେ ଦେଖାଯାଏ । ସରକାରୀ ସୂତ୍ର ଅନୁସାରେ, ରାଜ୍ୟ ସରକାର ୧୧ଟି ସ୍ଥାନରେ ସାଟେଲାଇଟ୍ କର୍କଟ ରୋଗ ହସ୍ପିଟାଲ ପ୍ରତିଷ୍ଠା କରି ରେଡିଓଥେରାପି, କେମୋଥେରାପି, ଅଙ୍କୋ-ସର୍ଜରୀ, ଅଙ୍କୋ-ପାଥୋଲୋଜି, ପାଲିଏଟିଭ୍ କେୟାର ସହିତ ମଲିକ୍ୟୁଲାର ଡାଏଗ୍ନୋସିସ୍ ଏବଂ ପିଇଟି-ସିଟି ସ୍କାନ ଭଳି ଉନ୍ନତ ରୋଗ ନିର୍ଣ୍ଣୟ ପ୍ରକ୍ରିୟା, ସାଟେଲାଇଟ୍ କର୍କଟ ରୋଗ ଚିକିତ୍ସା ସୁବିଧା ଓ ସାଟେଲାଇଟ୍ କର୍କଟ ରୋଗ ହସ୍ପିଟାଲ ପ୍ରତିଷ୍ଠା କରିବାକୁ ସ୍ଥିର କରିଛନ୍ତି ।

## ୨୫ କୋଟିର ଅଫିମ ଗଛ ନଷ୍ଟ କଲା ଅବକାରୀ ବିଭାଗ

**ଦେବଗଡ, ୨୫/୦୨ ନ୍ୟୁଜ ବ୍ୟୁରୋ**

ଦେବଗଡ ଜିଲ୍ଲାରେ ପ୍ରାୟ ୨୫ କୋଟି ଟଙ୍କାର ଅଫିମ ଗଛ ନଷ୍ଟ କଲା ଅବକାରୀ ବିଭାଗ । ରିଆମାଳ ଥାନା କାଦୋପଡା ଗାଁର ବାଉଁଶଯୋରା ନାଳ କଡରେ ବେଆଇନ ଅଫିମ ଚାଷ ହୋଇଥିଲା । ପ୍ରାୟ ୨ ଏକର ସରକାରୀ ଜମିର ୫ ଟି ପ୍ଲଟରେ ଅଫିମ ଚାଷ କରାଯାଇଥିବା ଅବକାରୀ ବିଭାଗ ସୂଚନା ପାଇ ବୁଧବାର ଚଢଉ କରିଥିଲା। ପ୍ରାୟ ୫୦ ହଜାରରୁ ଅଧିକ ଅଫିମ ଗଛ ଲାଗିଥିବାବେଳେ ପୂର୍ବରୁ ଅନେକ ଥର ଅମଳ ହୋଇ ସାରିଥିବା ଜଣାପଡିଛି। ସମସ୍ତ ଅଫିମ ଗଛ ନଷ୍ଟ କରିବା ସହିତ ସେଥିରେ ନିଆଁ ଲଗାଇ ପୋଡି ଦିଆଯାଇଛି । ସରକାରୀ ଜମି ହୋଇଥିବା ବେଳେ ଏହା ପଛରେ କେଉଁମାନେ ସାମିଲ ଅଛନ୍ତି ସେନେଇ ତଦନ୍ତ କରାଯାଉଛି ।

### ଜୀବନ ଗଲା ପରେ ଚେତା ପଶିଲା

# ଆସନ୍ତା ୬ ତାରିଖରୁ ରାଜଧାନୀରୁ ହଟିବ ବେଆଇନ ହୋର୍ଡିଂ : ମେୟର

**ଭୁବନେଶ୍ୱର ୨୫/୦୨**
**ନ୍ୟୁଜ ବ୍ୟୁରୋ**

ଦୁଇ ଜୀବନ ଗଲା, ଚେତା ପଶିଲା। ଆଉ ନୁହେଁ ଏଥର ହଟିବ ରାଜଧାନୀରୁ ବେଆଇନ ହୋର୍ଡିଂ । ଘଟଣା ସ୍ଥଳ ପରିଦର୍ଶନ ପରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ଏପରି ନିର୍ଦ୍ଦେଶ ଦେଇଛନ୍ତି । ଭୁବନେଶ୍ୱର ମେୟର ସୁଲୋଚନା ଦାସଙ୍କ ସୂଚନା ଏହା ଏକ ସରକାରୀ ହୋର୍ଡିଂ ନୁହେଁ । ଆଇଗିଣିଆ ଦୁର୍ଗ ପୂଜା ମଣ୍ଡପ ପରିସରରେ ଏହି ହୋର୍ଡ଼ିଂ ଲାଗିଥିଲା। ଯାହା ଜାଗାରେ ହୋର୍ଡିଂ ଲାଗିଥାଏ ସେ ପଇସା ପାଇଥାଏ । ହୋର୍ଡ଼ିଂ ନିର୍ମାଣ ନେଇ ଏକ ଗଠନମୂଳକ ସାର୍ଟିଫିକେଟ ଦାଖଲ କରିବା ବାଧ୍ୟତାମୂଳକ। ରାଜଧାନୀରୁ ହଟିବ ବେଆଇନ ହୋର୍ଡ଼ିଂ। ଆସନ୍ତା ୬ ତାରିଖରୁ ଭୁବନେଶ୍ୱରରେ ଆରମ୍ଭ ହେବ ବେଆଇନ ହୋର୍ଡିଂ କଟା କାର୍ଯ୍ୟ। ଘରୋଇ ସ୍ଥାନରେ ଥିବା ବିପଦ ପୂର୍ଣ୍ଣ ହୋର୍ଡ଼ିଂ କାଟିବା ପାଇ ବିଏମ୍‌ସି ନିଷ୍ପତ୍ତି ନେଇ ସାରିଛି ।

ରାଜଧାନୀରେ ଥିବା ବେଆଇନ ଘରୋଇ ହୋଡିଂ ସର୍ଭେ ରିପୋର୍ଟ ଆଧାରରେ ଆସନ୍ତା ୬ ତାରିଖରୁ ଭୁବନେଶ୍ୱରରେ ଆରମ୍ଭ ହେବ ହୋର୍ଡ଼ିଂ ହଟା କାର୍ଯ୍ୟ। ହୋଡିଂ ଫ୍ଲେକ୍ସରେ କଣା ହେବା କଥା ହେଲେ ବିଜ୍ଞାପନ ଏଜେନ୍ସି କଣା କରିନଥିଲେ। ବିଜ୍ଞାପନ ଲଗେଇ ଥିବା ମେଟ୍ରୋ ସାଇନ୍ ନାମକ ବିଜ୍ଞାପନ




ଏଜେନ୍ସୀ ବିରୋଧରେ ବିଏମ୍‌ସି କାର୍ଯ୍ୟାନୁଷ୍ଠାନ ନେବ। ଆବଶ୍ୟକ ପଡିଲେ ବିଏମ୍‌ସି ଏହି ଏଜେନ୍ସିକୁ କଳା ତାଲିକା ଭୁକ୍ତ କରିବା। ଉପଯୁକ୍ତ ଗଠନମୂଳକ ସାର୍ଟିଫିକେଟ ନ ଦେଲେ ଭୁବନେଶ୍ୱରରୁ ବେ ଆଇନ ହୋଡିଂ କାଟି ଦିଆଯିବ । ଲୋକଙ୍କ ସୁରକ୍ଷା ଆମ ପ୍ରାଥମିକତା ବୋଲି ଦୁର୍ଘଟଣା ସ୍ଥଳ ପରିଦର୍ଶନ ପରେ ସୂଚନା ଦେଇଛନ୍ତି ଭୁବନେଶ୍ୱର ମେୟର ସୁଲୋଚନା ଦାସ।

ସୂଚନା ଯୋଗ୍ୟ ଯେ, ଆଇଗିଣିଆରେ ହୋର୍ଡିଂ ପଡ଼ି ଗଲା ୨ ଜୀବନ । ଅଦିନିଆ ବର୍ଷା ପବନରେ ଶିରିପୁରରୁ ଏୟାରପୋର୍ଟ ଛକରେ ହୋଡିଂ ରାସ୍ତାରେ ବିଛାଇ ହୋଇ ପଡ଼ିଛି। ଲୋୟର ପିଏମ୍‌ଜିରେ ହୋର୍ଡିଂ ଉଡ଼ିଲା । ଭୁବନେଶ୍ୱରର ବିଭିନ୍ନ ରାସ୍ତାରେ ଏମିତି ମାଳ ମାଳ ବିପଦପୂର୍ଣ୍ଣ ହୋର୍ଡିଂ ଝୁଲୁଛି । ଏହି ଘଟଣା ପରେ ବିଏମ୍ସିର ବେଆଇନ୍‌ହୋର୍ଡିଂ ଚିହ୍ନଟ ଆରମ୍ଭ ହୋଇଛି । ହେଲେ ଏହାକୁ ହଟାଇବାକୁ ହାତ ଯାଉନି ।

ବରଂ କର୍ପୋରେସନ ବୈଠକର ଘରୋଇ ହୋର୍ଡିଂକୁ ଗ୍ରୀନ ସିଗନାଲ ଦେବାକୁ ମସୁଧା ଚାଲିଛି । ବିଏମସି ପକ୍ଷରୁ ହୋର୍ଡିଂ ମାରିବାକୁ ନିର୍ଦ୍ଦିଷ୍ଟ ନିୟମ ରହିଛି । କୌଣସି ଅନୁଷ୍ଠାନ ମନଇଚ୍ଛା ହୋର୍ଡିଂ ମାରି ପାରିବେ ନାହିଁ । ବିଏମସିର ଅନୁମତି ନେବେ । ହେଲେ ସହର ସାରା ହୋର୍ଡିଂ ଲାଗିଛି । ମନଇଚ୍ଛା ଲୁହା ଷ୍ଟ୍ରକଚର ପୋତି ହୋର୍ଡିଂ ଲଗାଯାଉଛି । ଏହି ଷ୍ଟ୍ରକଚର କେହି ସୁରକ୍ଷିତ ତାକୁ କେହି ଯାଞ୍ଚ କରୁନାହାନ୍ତି।

କେତେ ପରିମାଣର ପବନ ହେଲେ ଏହା ସମ୍ଭାଳିବ ତାହା ଯାଞ୍ଚ କରିବାକୁ କେହି ନାହାନ୍ତି । ଫଳରେ ଦଲକାଏ ପବନ ହେଲେ ରାସ୍ତାରେ ପଡୁଛି ଲୋକଙ୍କ ଜୀବନ ଯାଉଛି । ସହରର ଅନେକଙ୍କ ଘର ଉପରେ ହୋର୍ଡିଂ । ଏପରି ହୋର୍ଡ଼ିଂ ପାଇଁ ବିଏମସି କାହିଁକି ଅନୁମତି ଦେଉଛି ତାକୁ ନେଇ ପ୍ରଶ୍ନ ଉଠିଛି । ନିକଟରେ ବିଏମସି ପକ୍ଷରୁ ମୋଟ ୧୧୦୦ ବେଆଇନ୍ ହୋର୍ଡିଂ ଚିହ୍ନଟ କରାଯାଇଥିଲା । ଏସବୁକୁ ହଟାଇବାକୁ ବିଏମସି ନିଷ୍ପତ୍ତି ନେଇଥିଲା । ହେଲେ ବର୍ତ୍ତମାନ ସୁଦ୍ଧା ଗୋଟିଏ ବି ହୋର୍ଡିଂ ହଟି ପାରିଲା ନାହିଁ।

ଏଜେନ୍ସି ପ୍ରେମରେ ବିଏମସି ହୋର୍ଡିଂ ହଟାଉନଥିବା ନେଇ ଅଭିଯୋଗ ହୋଇଛି । ବିଏମସି ରାଜସ୍ୱ ବିଭାଗ ଏ ଦିଗରେ କୌଣସି ପଦକ୍ଷେପ ନେଉ ନାହିଁ । ଅନ୍ୟପକ୍ଷରେ ସହର ସାରା ସରକାରୀ କାର୍ଯ୍ୟକ୍ରମ ପରେ ନେତା ଓ ମନ୍ତ୍ରୀଙ୍କ ହୋଡିଂକୁ ହଟାଯାଉନି। ନିକଟରେ ବିଏମସି ପକ୍ଷରୁ ଏକ ବୈଠକ ବସିଥିଲା । ଏଥିରେ ବେଆଇନ୍ ହୋର୍ଡିଂ ମାରିଥିବା ସଂସ୍ଥାକୁ ନୂଆ ଟେଣ୍ଡରରେ ଭାଗ ନେବାକୁ ବାରଣ କରାଯାଇଥିଲା। ଏହା ସହ କୋଟି କୋଟି ଟଙ୍କା ବାକି ରଖିଥିବା ସଂସ୍ଥାକୁ ଏଥିରେ ଭାଗ ନେବାକୁ ବାରଣ କରାଯାଇଥିଲା । ହେଲେ ନିୟମକୁ ବଦଳାଇ ପୁଣି ୫୦ ପ୍ରତିଶତ ବେକୟା ଦେଇଥିବା ସଂସ୍ଥା ହାତକୁ ଟେଣ୍ଡର ଟେକି ଦେବାକୁ ଯୋଜନା ଚାଲିଛି । ବିଏମସି କମିଶନର ଚଞ୍ଚଳ ରାଣା କହିଛନ୍ତି, ଯେଉଁ ହୋଡିଂ ପଡିଛି, ସେ ସମ୍ପୂର୍ଣ୍ଣ ଭାବେ ବେଆଇନ୍ । ଏମିତି ଏକାଧିକ ହୋର୍ଡିଂ ବିଏମସି ନଜରକୁ ଆସିଛି । ଏହା ବିରୋଧରେ ଅପରାଧିକ ମାମଲା ରୁଜୁ ହେବ । ହୋର୍ଡିଂ ବିଏମସି ସହାୟତା ରାଶି ଯୋଗାଇ ଦେବ ।